


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର, ୦୪ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 04 JULY 2022
Vol.No. 35 ■ No. 172 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


## ମହାରାଷ୍ଟ୍ରର ଫ୍ଲୋର ଟେଷ୍ଟ ପୂର୍ବରୁ ବିଧାନସଭାର ସିନ୍ଦେ ଗୋଷ୍ଠୀକୁ ବଡ ଆଶ୍ୱସ୍ତି

# ବିଜେପି ପ୍ରାର୍ଥୀ ରାହୁଲ ନାର୍ବେକର ବାଚସ୍ପତି ନିର୍ବାଚିତ


ନୂଆଦିଲ୍ଲୀ, ୦୩/୦୭ : ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପିର ବାଚସ୍ପତି ପ୍ରାର୍ଥୀ ରାହୁଲ ନାର୍ବେକରଙ୍କ ବିଜୟୀ ହୋଇଛି । ମହାବିକାଶ ଅଘାଡିର ପ୍ରାର୍ଥୀ ରାଜନ ସାଲଭି ନିର୍ବାଚନରେ ହାରିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କର ଅନୁଗତ ହେଉଛନ୍ତି ରାଜନ । ବାଚସ୍ପତି ନିର୍ବାଚନରେ ବିଜୟୀ ପାଇଁ ୧୪୫ ବିଧାୟକଙ୍କ ସମର୍ଥନ ଆବଶ୍ୟକ ଥିଲା । କିନ୍ତୁ ବିଜେପି ବିଧାୟକ ରାହୁଲଙ୍କୁ ୧୬୪ ଜଣ ବିଧାୟକଙ୍କ ସମର୍ଥନ ମିଳିଛି । ଏକନାଥ ସିନ୍ଦେ ଗୋଷ୍ଠୀ, ବିଜେପି ବିଧାୟକ ଓ ସ୍ୱାଧୀନ ବିଧାୟକଙ୍କୁ ମିଶାଇଲେ ମୋଟ୍ ୧୬୨ ଜଣଙ୍କ ସମର୍ଥନ ମିଳିବ ବୋଲି ଦାବି ହେଉଥିଲା । ଏବେ କିନ୍ତୁ ଆଉ ଦୁଇ ବିଧାୟକଙ୍କ ସମର୍ଥନ ରାହୁଲ



ନାର୍ବେକରଙ୍କ ସପକ୍ଷରେ ଯାଇଛି । ଆସନ୍ତାକାଲି ବିଧାନସଭାରେ ବହୁମତ ପରୀକ୍ଷା ହେବ । ଏହାପୂର୍ବରୁ ମହାବିକାଶ ଅଘାଡିର ଦୁଇ ବିଧାୟକ ବିଜେପିର ବାଚସ୍ପତି ପ୍ରାର୍ଥୀଙ୍କୁ ସମର୍ଥନ କରିଛନ୍ତି । ବିଧାନସଭା ବାଚସ୍ପତି ନିର୍ବାଚନ ପାଇଁ ଭୋଟିଂ ବେଳେ ବିଧାୟକ ମାନେ ହୋହାଲ୍ଲା କରିଥିଲେ । ଏହାପରେ ଉପବାଚସ୍ପତି ବିଧାୟକ ମାନଙ୍କୁ ନିଜ ନିଜ ଆସନରେ ଛିଡା ହୋଇ ନିଜ ନିଜର ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ କହିଥିଲେ । ଏହାପରେ ଗଣତି ହୋଇଥିଲା ।

# ବିଜେବି କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣା ପରେ ମୁହଁ ଖୋଲିଲେ ସହପାଠୀ

ଭୁବନେଶ୍ୱର,୦୩/୦୭ (ନି.ପ୍ର): ଚାଞ୍ଚଲ୍ୟ ଖେଳାଇ ଦେଇଛି ବିଜେବି କଲେଜ +୩ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣା । ରାଗିଂ ମୁକ୍ତ ଶିକ୍ଷାନୁଷ୍ଠାନ ପାଇଁ କଡ଼ା ନିର୍ଦ୍ଦେଶ ରହିଥିଲେ ବି କେମିତି ବିଜେବି କଲେଜ ଭଳି ରାଜ୍ୟର ଏକ ପ୍ରମୁଖ କଲେଜରେ ରାଗିଂ ହେଉଛି, ତାହା ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଛି । କାରଣ ସୁଇସାଇଡ ନୋଟରେ ସିନିୟରଙ୍କ ନିର୍ଯାତନା ସହି ପାରିଲେ ନାହିଁ ବୋଲି ଲେଖିଛନ୍ତି ରୁଚିକା । ସୁଇସାଇଡ୍ ନୋଟରେ ସ୍ପଷ୍ଟ ଭାବେ ରୁଚିକା ଲେଖିଛନ୍ତି, ହଷ୍ଟେଲରେ ସିନିୟରମାନେ ବହୁତ ଟର୍ଚ୍ଚର କଲେ, ୩ ଜଣ ସିନିୟର ତାଙ୍କୁ ମାନସିକ ଯନ୍ତ୍ରଣା ଦେଲେ, ଏକଥା ଘର ଲୋକଙ୍କୁ ବି ସେ କହି ପାରିଲେ ନାହିଁ କି ସହିପାରିଲେ ନାହିଁ ବୋଲି ସୁଇସାଇଡ୍




ନୋଟରେ ଉଲ୍ଲେଖ କରିଛନ୍ତି ରୁଚିକା । ଆଉ ଏହାକୁ ଆଧାର କରି ଦାୟୀ ସିନିୟର ଛାତ୍ରୀଙ୍କୁ ଖୋଜୁଛି କମିସନରେଟ୍ ପୁଲିସ । ଛାତ୍ରୀ ନିବାସରେ ପୁଲିସ ପହଁଚି ଛାନଭିନ କରିବା ସହ ଅନ୍ତେବାସିନୀଙ୍କ ବୟାନ ରେକର୍ଡ କରାଯାଉଛି । ଏହାଛଡ଼ା ହଷ୍ଟେଲ ସୁପରିଟେଣ୍ଡେଣ୍ଟ, ୱାର୍ଡେନ, ଆସିଷ୍ଟାଣ୍ଟ, ଫ୍ଲୋର ଇନଚାର୍ଜ ଓ ହଷ୍ଟେଲ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚରାଉଚରା କରିବା ସହ ବୟାନ ରେକର୍ଡ କରିଛି ପୋଲିସ । ୩ଟି ଟିମ୍ ଗଠନ କରି ତଦନ୍ତ କରୁଛି ପୁଲିସ । ପୁଲିସ କହିଛି କିଛି ଦିନ ହେଲା ଡିପ୍ରେସନରେ ଥିଲେ ରୁଚିକା । ୩ ସିନିୟର ଛାତ୍ରୀଙ୍କ ରାଗିଂ କଥା ରୁଚିକା ତାଙ୍କ ସୁଇସାଇଡ୍ ନୋଟରେ ଲେଖିଥିବାରୁ, ସେହି ୩ଜଣ ସିନିୟର କିଏ ? କେବେଠୁ ରାଗିଂ କରୁଥିଲେ ? କେଉଁ ପ୍ରକାର ରାଗିଂ ଯୋଗୁଁ ଅତିଷ୍ଠ ହୋଇ ପଡ଼ିଥିଲେ ରୁଚିକା ? କାହାର ଚାପ ଯୋଗୁ ଆତ୍ମହତ୍ୟା ଭଳି ଚରମ ନିଷ୍ପତି ନେଲେ ? ଏସବୁ ପ୍ରଶ୍ନର ଉତ୍ତର ଖୋଜୁଛି ପୁଲିସ । ସୂଚନା ଅନୁସାରେ ୧୩୪ ଜଣ ଅନ୍ତେବାସିନୀଙ୍କ ବୟାନ ରେକର୍ଡ କରାଯିବ । ଏପଟେ ବିଜେବି କଲେଜ ହଷ୍ଟେଲରେ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ରାସ୍ତାକୁ ଓହ୍ଲାଇଛି ବିଭିନ୍ନ ଛାତ୍ର ସଂଗଠନ । ନବ ନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମୃତ ଛାତ୍ରୀ ରୁଚିକା ମହାନ୍ତିଙ୍କ ବାପା-ମାଆଙ୍କ ସହ ରାଗିଂ ବିରୋଧରେ ନାରା ବାଜି କରିଛନ୍ତି ଛାତ୍ରଛାତ୍ରୀ । ରୁଚିକାଙ୍କ ଆତ୍ମହତ୍ୟା ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି । ଖାଲି ସେତିକି ନୁହେଁ ▶▶ପୃଷ୍ଠା ୭

## ର୍‍ୟାଗିଂର ଶୀକାର ହୋଇଥିଲେ ଦୂତୀ, ପୋଷ୍ଟ କରି ଦେଲେ ସୂଚନା



ଭୁବନେଶ୍ୱର,୦୩/୦୭ (ନି.ପ୍ର): ଅଲମ୍ପିଆନ୍ ଦୂତୀ ଚାନ୍ଦ୍ ମଧ୍ୟ ରାଗିଂର ଶିକାର ହୋଇଥିଲେ । ଏନେଇ ସୋସିଆଲ୍ ମିଡିଆରେ ନିଜେ ଅଙ୍ଗେ ନିଭାଇଥିବା କଥା ପୋଷ୍ଟ କରିଛନ୍ତି ଦୂତୀ । ରାଗିଂର ଶିକାର ହୋଇ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର କାରୁବାକୀ ଛାତ୍ରୀନିବାସରେ ରହୁଥିବା ଯୁକ୍ତ ୩ ପ୍ରଥମ ବର୍ଷ କଳା ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା କରିଛନ୍ତି । ଏହି ପରିପ୍ରେକ୍ଷୀରେ ସ୍ପୋର୍ଟସ ହଷ୍ଟେଲରେ ରହୁଥିବା ବେଳେ ରାଗିଂର ଶୀକାର ହୋଇଥିବା ଦୂତୀ କହିଛନ୍ତି । ଏଥିରେ ଦୂତୀ କହିଛନ୍ତି, ଆମ ବେଳେ ବି ସ୍ପୋର୍ଟସ ହଷ୍ଟେଲରେ ରାଗିଂ ହେଉଥିଲା । ସିନିୟରମାନେ ରୁମକୁ ଡାକି ବଡି ମସାଜ କରାଉଥିଲେ । ମୋ ସମୟରେ ନିଜର ସବୁ ଡ୍ରେସ ଧୋଇ ସଫା ବି କରିବା ପାଇଁ କହୁଥିଲେ । ଦୀର୍ଘ ୩ ବର୍ଷ ଧରି ନିଜେ ଏହି ସିନିୟରମାନଙ୍କ ଦ୍ୱାରା ରାଗିଂର ଶିକାର ହୋଇଥିଲେ । କେତେ ଯେ ଦିଦିଙ୍କର ବଡି ମସାଜ କରିଛି ଓ କପଡ଼ା ସଫା କରିଛି । ଜୁନିୟର ବୋଲି ସିନିୟରମାନେ ତାଙ୍କୁ ନିର୍ଯାତନା ଦେଉଥିଲେ । କିନ୍ତୁ କାହାକୁ ବି ମନର କଥା କହି ହୁଏନି । କାହିଁକି ନା ବୁଝିବା ଲୋକଟା ବି ଏହି ଗ୍ରୁପର ମେମ୍ବର ଥିଲେ ବୋଲି ଦୂତୀ ଲେଖିଛନ୍ତି ।

# ଆଡପମଣ୍ଡପରେ ତିନିଠାକୁର : ଆଜି ଭକ୍ତମାନେ ପାଇଲେ ଆଡପ ଅବଢ଼ା

ଭୁବନେଶ୍ୱର,୦୩/୦୭ (ନି.ପ୍ର): ଆଡପମଣ୍ଡପରେ ଏବେ ତିନିଠାକୁର । କୋଭିଡ ଯୋଗୁଁ ଦୁଇବର୍ଷ ହେବ ଦର୍ଶନ ପାଇବାକୁ ବଞ୍ଚିତ ଥିବା ଭକ୍ତଙ୍କ ଆଡପ ଦର୍ଶନ ପାଇବା ପରେ ପୁରୀରେ ଲାଗିଛି ଭକ୍ତଙ୍କ ଗହଳି । ରଥ ଉପରେ ମହାପ୍ରଭୁ ଦୁଇଦିନ ଧରି ଶୁଖିଲା ମହାପ୍ରସାଦ ଭୋଗ ଖାଉଥିଲେ । ଏବେ ମହାପ୍ରଭୁଙ୍କ ପାଖରେ ଲାଗିଛି ଅନ୍ନପ୍ରସାଦ । ଭକ୍ତମାନେ ପ୍ରସାଦ ରୂପେ ଖାଇବାକୁ ପାଇଛନ୍ତି ସେମାନଙ୍କ ପ୍ରିୟ ଆଡପ ଅଭଡା । ସେପଟେ ଆଡପ ଦର୍ଶନ କରିବା ପାଇଁ ମେଡିକାଲ ଛକରୁ ଲମ୍ବା ଲାଇନରେ ବ୍ୟାରିକେଡରେ ଭକ୍ତମାନେ ଶୃଙ୍ଖଳିତ ଦର୍ଶନ କରିଆସୁଛନ୍ତି । ଗହଳି ଥିବା



ସତ୍ୱେ ସମସ୍ୟାକୁ ଖାତିର ନ କରି ଭକ୍ତମାନେ ଆଡପମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି ଏଥିପାଇଁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଗୁଣ୍ଡିଚା ମନ୍ଦିର ଚାରିପଟେ ୪୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟ ହୋଇଛନ୍ତି । ସୋମବାର ମଧ୍ୟାହ୍ନ ଧୂପର ପରେ ହେବ ବନକଲାଗି ନୀତି । ଏଥିପାଇଁ ସବୁ ପ୍ରକାରର ବ୍ୟବସ୍ଥା ହୋଇଛି । ବନକଲାଗି ନୀତି ପାଇଁ ୪ ଘଣ୍ଟା ଲାଗୁଥିବାରୁ ଭକ୍ତଙ୍କ ପାଇଁ ଦର୍ଶନ ସନ୍ଧ୍ୟାରେ ବନ୍ଦ ରହିବ । ୫ ତାରିଖରେ ହେରାଂପଚମୀ ଥିବାରୁ ଏଥିପାଇଁ ବି ପ୍ରସ୍ତୁତି ଆରମ୍ଭ ହୋଇଛି ।

# ସାମ୍ନାକୁ ଆସିଲା ବଲାଙ୍ଗୀର ତହସିଲଦାରଙ୍କ କେଳେଙ୍କାରୀ : ମୃତ ଲୋକଙ୍କ ନାଁରେ ଜାଲିଆତି କରି ଚାଲିଥିବା ଜମି ବିକ୍ରି

ଭୁବନେଶ୍ୱର,୦୩/୦୭ (ନି.ପ୍ର): ଜମି ବିକ୍ରେତା ହେଉଛନ୍ତି ମୃତ ହର୍ଷ ଷାଣ୍ଢ । କିନ୍ତୁ ୨୦୦୫ ମସିହାରୁ ତାଙ୍କର ମୃତ୍ୟୁ ହୋଇସାରିଛି । ତାଙ୍କ ମୃତ୍ୟୁର ପ୍ରମାଣପତ୍ର ବି ରହିଛି । କିନ୍ତୁ ହର୍ଷ ଷାଣ୍ଢଙ୍କ ଜାଗାରେ ଅନ୍ୟ ଏକ ଗାଁର ଜଣେ ବୃଦ୍ଧଙ୍କ ଫଟୋ ଲଗାଇ ତାଙ୍କୁ ହର୍ଷ ଷାଣ୍ଢ ସଜାଇ ଦିଆଯାଇଛି । ନକଲି ହର୍ଷ ଷାଣ୍ଢ ସ୍ୱାକ୍ଷର ଜାଣିଥିଲେ ବି ତାଙ୍କଠାରୁ ଟିପ ଚିହ୍ନ ନିଆଯାଇଛି । ସବୁ କିଛି ଜାଲିଆତି କରି ଦେଢ଼ ଏକର ଜାଗାକୁ ଗତ ୨୦୨୧ ମସିହା ମାର୍ଚ୍ଚ ୩ ତାରିଖରେ ଲବଣୀ ପୃଷ୍ଟିଙ୍କ ନାଁରେ ରେଜିଷ୍ଟ୍ରି କରାଯାଇଛି । ଘଟଣା ସଂପର୍କରେ ବହୁ ଦିନ ପରେ ମୃତ ହର୍ଷଙ୍କ ପରିବାର ଲୋକ ଏକଥା ଜାଣିବାକୁ ପାଇବା ପରେ ବଲାଙ୍ଗୀର ତହସିଲଦାରଙ୍କୁ ଜଣାଇଥିଲେ । କିନ୍ତୁ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତେ ଲବଣୀ ପୃଷ୍ଟି ଓ ତାଙ୍କ ସ୍ୱାମୀ ମାଧବ ପୃଷ୍ଟିଙ୍କୁ ସବୁ କିଛି ଖବର ଦେଉଥିଲେ ତହସିଲଦାର । ପରେ ବଲାଙ୍ଗୀର ତହସିଲଦାରଙ୍କ ବିରୋଧରେ ସଦର ଥାନାରେ ହର୍ଷଙ୍କ ପୁଅ ଅଭିଯୋଗ କରିଥିଲେ । ଲୋକଙ୍କ ଜମି ଜମା ମାମଲାର ସମାଧାନ ହୁଏ ତହସିଲ ଅଫିସରେ । ଆଉ ଲୋକଙ୍କୁ ନ୍ୟାୟ ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି ତହସିଲଦାର । ଏବେ କିନ୍ତୁ ଜଣେ ତହସିଲଦାର ଖୋଦ୍ ଜମି ଦୁର୍ନୀତି କରିଥିବା ଅଭିଯୋଗ ହୋଇଛି । ଜମି ମାଲିକ ଥାନାରେ ଏତଲା ଦେବା ପରେ ବଲାଙ୍ଗୀର ତହସିଲଦାର ମଘବାନ ବାଗଙ୍କ ନାଁରେ ମାମଲା ରୁଜୁ ହୋଇଛି । ଏହି ଦୁର୍ନୀତିଖୋର ତହସିଲଦାରଙ୍କ ବିରୋଧରେ ଦଫା ୪୨୦, ୪୬୮ ଲାଗିଛି । ଅଭିଯୋଗ ଅନୁସାରେ ତହସିଲଦାର ଜିଲ୍ଲା ସଦର ମହକୁମାରେ ନିଜ ଅଧିକାରୀ, କର୍ମଚାରୀ ଓ ଦଲାଲ ଲଗାଇ ମୃତ ଲୋକଙ୍କ ନାଁରେ ତିଆରି କରିଛନ୍ତି ପରିଚୟପତ୍ର । ନକଲି ଲୋକଙ୍କୁ ଅସଲି ଦର୍ଶାଇ ଅନ୍ୟ ଲୋକଙ୍କ ନାଁରେ ଜମି ବିକ୍ରି କରାଯାଇଛି । କିଛି ଜମି ଅନ୍ୟ ଖାତାକୁ ବି ଚାଲିଗଲାଣି । ଯାହା କରିବା ପାଇଁ ତହସିଲଦାରଙ୍କ ଡିଜିଟାଲ ସ୍ୱାକ୍ଷର ବାଧ୍ୟତାମୂଳକ । ତେଣୁ ତହସିଲଦାରଙ୍କ ସଂପୃକ୍ତି ଥିବା ସଂଦେହ କରାଯାଉଛି । ବଲାଙ୍ଗୀର ତହସିଲଦାରଙ୍କ ପ୍ରତିକ୍ରିୟା ଜାଣିବାକୁ ଉଦ୍ୟମ କରାଯାଇଥିଲା ।

## ଅମରାବତୀ ଔଷଧ ଦୋକାନୀ ହତ୍ୟା ଘଟଣାରେ ୭ ଗିରଫ

ମୁମ୍ବାଇ,୦୩ ଜୁଲାଇ (ହି.ସ.) - ବିଜେପିର ପୂର୍ବତନ ଜାତୀୟ ମୁଖପାତ୍ର ନୂପୁର ଶର୍ମାଙ୍କୁ ସମର୍ଥନ କରି ପୋଷ୍ଟ ଫରୱାର୍ଡ କରିଥିବାରୁ ଜୁନ୍ ୨୧ ତାରିଖରେ ମହାରାଷ୍ଟ୍ରର ଅମରାବତୀରେ ଜଣେ ଔଷଧ ଦୋକାନୀ ଉମେଶ କୋଲହେଙ୍କୁ ହତ୍ୟା କରାଯାଇଥିଲା । ଏବେ ଏହାର ତଦନ୍ତ ଭାର ଏନଆଇଏକୁ ଦିଆଯାଇଥିବା ବେଳେ ଏହି ଘଟଣାକୁ ନେଇ ୭ଜଣଙ୍କୁ ଗିରଫ କରାଯାଇଛି । ଅନ୍ୟପକ୍ଷରେ ଉମେଶ କୋଲହେ ହତ୍ୟା ମାମଲାରେ ସ୍ଥାନୀୟ କୋର୍ଟ ମାଷ୍ଟରମାଇଣ୍ଡ ଶେଖ ଇରଫାନ ଶେଖ ରହୀମକୁ ଜୁଲାଇ ୭ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଇଛନ୍ତି । ଏଥି ସହିତ, ଏନଆଇଏ ଅଭିଯୁକ୍ତଙ୍କ ବିରୋଧରେ ୟୁଏପିଏ ସମେତ ଅନ୍ୟାନ୍ୟ ଧାରା ଅଧୀନରେ ଏକ ମାମଲା ରୁଜୁ କରିଛି । ଅନ୍ୟପକ୍ଷରେ ଗିରଫ ହୋଇଥିବା ଅଭିଯୁକ୍ତ ୟୁସୁଫ ଖାନ୍ ଉମେଶଙ୍କ ଭଲ ବନ୍ଧୁ ଥିଲେ ବୋଲି କହିଛନ୍ତି ଉମେଶଙ୍କ ଭାଇ । ଏମିତି କି ୟୁସୁଫ ଉମେଶଙ୍କ ଅନ୍ତିମ ସଂସ୍କାରରେ ଯୋଗ ଦେଇଥିଲେ ବୋଲି ଉମେଶଙ୍କ ଭାଇ ଜଣାଇଛନ୍ତି ।

## ୨ ଲସ୍କର ଆତଙ୍କବାଦୀଙ୍କୁ କାବୁ କଲେ ଗ୍ରାମବାସୀ

ଶ୍ରୀନଗର, ୦୩/୦୭: ଧରାପଡିଲେ ୨ ଲସ୍କର-ଏ-ତୋଇବା ଆତଙ୍କବାଦୀ । ଜମ୍ମୁକଶ୍ମୀରର ରିଆସି ଟୁକସନ ଗାଁରୁ ଏହି ଦୁଇ ଆତଙ୍କବାଦୀ ଧରାପଡିଛନ୍ତି । ଅସ୍ତ୍ରଶସ୍ତ୍ର ସହ ସେମାନଙ୍କୁ ସ୍ଥାନୀୟ ଗ୍ରାମବାସୀ ଧରିଛନ୍ତି । ସେମାନଙ୍କ ନିକଟରୁ ଏକେ -୪୭ ରାଇଫଲ, ୭ଟି ଗ୍ରେନେଡ, ଗୋଟିଏ ପିସ୍ତଲ ଜବତ ହୋଇଛି । ଗ୍ରାମବାସୀଙ୍କ ଏହି ଉଦ୍ୟମ ଆଉ ସଫଳତା ପାଇଁ ୨ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି ଜମ୍ମୁକଶ୍ମୀରର ଡିଜିପି । ଧରାପଡିଥିବା ଏହି ଦୁଇ ଆତଙ୍କବାଦୀ ହେଉଛନ୍ତି, ଫୈଜଲ ଅହମ୍ମଦ ଡାର ଏବଂ ତାଲିବ ହୁସେନ ।

# ମଣିପୁର ଭୂସ୍ଖଳନ ଘଟଣାରେ ମୃତ୍ୟୁ ସଂଖ୍ୟା ୩୪କୁ ବୃଦ୍ଧି

ନୂଆଦିଲ୍ଲୀ, ୦୩/୦୭ : ମଣିପୁରର ନୋନେ ଜିଲ୍ଲାରେ ଭୂସ୍ଖଳନ ଘଟଣାରେ ମୃତ୍ୟୁ ସଂଖ୍ୟା ୩୪କୁ ବୃଦ୍ଧି ପାଇଛି । ଏକ ରେଲୱେ ନିର୍ମାଣ କାର୍ଯ୍ୟସ୍ଥଳରେ ଏହି ଭୂସ୍ଖଳନ ଘଟିଥିଲା । ତେବେ ମୃତକଙ୍କ ମଧ୍ୟରେ ସେନାର କେତେକ ଯବାନ ଓ ସାଧାରଣ ଲୋକ ଅଛନ୍ତି । ପ୍ରତିକୂଳ ପାଗସତ୍ୱେ ସର୍ଚ୍ଚ ଅପରେଶନ ଜାରି ରହିଛି । ଗତ ଜୁନ୍ ୨୯ ତାରିଖରେ ଟୁପୁଲୟାର୍ଡ଼ ରେଲୱେ ନିର୍ମାଣସ୍ଥଳରେ ଏକ ବଡ଼ଧରଣର ଭୂସ୍ଖଳନ ହୋଇଥିଲା । ଏଯାଏଁ ପାଖାପାଖି ୨୮ ଜଣ ଲୋକ ନିଖୋଜ ଅଛନ୍ତି । ନିଖୋଜ ୨୮ ଜଣଙ୍କ ମଧ୍ୟରୁ ୭ ଜଣ ଯବାନ ଥିବା ବେଳେ ୨୧ ଜଣ ସାଧାରଣ ନାଗରିକ ଅଛନ୍ତି । ଯେତେବେଳେ ଏହି ଅଘଟଣ ଘଟିଲା ସେତେବେଳେ



ଘଟଣାସ୍ଥଳରେ ୮୦ ଜଣ ଉପସ୍ଥିତ ଥିଲେ । ଦୁର୍ଘଟଣା ପରେ ପ୍ରାୟ ୧୮ ଜଣଙ୍କୁ ନିରାପଦ ଭାବେ ଉଦ୍ଧାର କରାଯାଇଥିଲା । ସର୍ଚ୍ଚ ଅପରେଶନରେ ଭାରତୀୟ ସେନା, ଆସାମ ରାଇଫଲ, ଟେରିଟୋରିଆଲ ଆର୍ମି, ଏସଡିଆରଏଫ ଓ ଏନଡିଆରଏଫ ନିୟୋଜିତ ଅଛନ୍ତି । ତେବେ ନଦୀ ସଂଲଗ୍ନ ନିକଟବର୍ତ୍ତୀ ତଳିଆ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି । ଅନ୍ୟପଟେ ଗତକାଲି ରାତିରେ ଭୀଷଣ ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଉଦ୍ଧାର କାର୍ଯ୍ୟରେ ସନ୍ଧାନୀ କୁକୁରକୁ ମଧ୍ୟ ନିୟୋଜିତ କରାଯାଇଛି । ସେହିପରି ପ୍ରାୟ ୩୦ଟି ଜେସିବି ମେସିନ ମଧ୍ୟ ନିୟୋଜିତ କରାଯାଇଛି ।

# ଦୁଇ ସପ୍ତାହ ପରେ ପିକ୍ ଛୁଇଁପାରେ କରୋନା ସଂକ୍ରମଣ

ଭୁବନେଶ୍ୱର,୦୩/୦୭ (ନି.ପ୍ର): ଜୁଲାଇ ମାସରେ ସଂକ୍ରମଣ ରୋକିବାକୁ ସତର୍କତା ଅବଲମ୍ବନ କରିବା ଜରୁରୀ । ଆଉ ଦୁଇ ସପ୍ତାହ ପରେ କରୋନା ପିକ୍ ଛୁଇଁବାର ସମ୍ଭାବନା ରହିଛି । ତେବେ ଚଳିତମାସ ଶେଷ ଆଡକୁ ପୁଣି ଧୀରେ ଧୀରେ ସଂକ୍ରମଣ ହ୍ରାସ ପାଇବ । ସଂକ୍ରମିତ ସଂଖ୍ୟା ଏକ ହଜାରରୁ ଟପିବ ନାହିଁ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ ନିରୋଜ ମିଶ୍ର ସେ ଆହୁରି କହିଛନ୍ତି ଯେ ବ୍ୟାପକ ଟିକାକରଣ ଯୋଗୁଁ କୋଭିଡ ବିରୋଧରେ ଲଢ଼ିବା ପାଇଁ ଲୋକଙ୍କ ପାଖରେ ରୋଗପ୍ରତିରୋଧକ ଶକ୍ତି ବଢିଛି । ସଂକ୍ରମଣ ବଢିଥିବା ଅନ୍ୟ ରାଜ୍ୟରେ ଏବେ ସଂକ୍ରମଣ କମିବା ଆରମ୍ଭ କରିଛି । ଭୁବନେଶ୍ୱର ଓ କଟକରେ ମାସ୍କକୁ ବାଧ୍ୟତାମୂଳକ ନିଷ୍ପତି ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ସେ କହିଛନ୍ତି ।

# ୨୪ ଘଂଟାରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର,୦୩/୦୭ (ନି.ପ୍ର): ବଙ୍ଗଳାଦେଶ ଏବଂ ତାର ପାର୍ଶ୍ୱବର୍ତୀ ଅଂଚଳରେ ଥିବା ଘୁର୍ଣ୍ଣିବଳୟ ବାୟୁମଣ୍ଡଳରେ ସମୁଦ୍ର ପତନ ଠାରୁ ୭.୬ କିମି ଉଚ୍ଚତା ଯାଏଁ ବ୍ୟାପିଛି । ଏହା ପ୍ରଭାବରେ ଆଗାମୀ ୨୪ ଘଂଟା ମଧ୍ୟରେ ଉତର ଓଡିଶା ଏବଂ ତାର ପାର୍ଶ୍ୱବର୍ତୀ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଲଘୁଚାପ ପ୍ରଭାବରେ ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷର ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ଘଂଟା ମଧ୍ୟରେ ସମଗ୍ର ରାଜ୍ୟରେ ବର୍ଷାର ସମ୍ଭାବନା ରହିଥିବା ବେଳେ ରାଜ୍ୟର ୫ଟି ଜିଲ୍ଲାରେ ଅତିପ୍ରବଳ ବର୍ଷା ଏବଂ ୧୭ଟି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ସୋମବାର ମଧ୍ୟାହ୍ନ ସୁଦ୍ଧା ରାଜ୍ୟର କେନ୍ଦୁଝର, ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲାରେ ଅତିପ୍ରବଳ



ବର୍ଷାର ସମ୍ଭାବନା ରହିଛି । ସେଥିପାଇଁ ଏହି ୫ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏହି ସମୟ ମଧ୍ୟରେ ବୌଦ୍ଧ, କଳାହାଣ୍ଡି, ନୂଆପଡା, କନ୍ଧମାଳ, ମାଲକାନଗିରି, କୋରାପୁଟ, ସୋନପୁର, ନବରଙ୍ଗପୁର, ଭଦ୍ରକ, ଯାଜପୁର, କଟକ, ଦେବଗଡ, ଢ଼େଙ୍କାନାଳ, ମୟୂରଭଞ୍ଜ, ଝାରସୁଗୁଡା, ବାଲେଶ୍ୱର ଓ ଅନୁଗୁଳ ପ୍ରଭୃତି ୧୭ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ୪ରୁ ୫ ତାରିଖ ମଧ୍ୟରେ ମୟୁରଭଂଜ, କେନ୍ଦୁଝର , ସୁନ୍ଦରଗଡ, ସମ୍ବଲପୁର ଓ ଦେବଗଡ ଆଦି ଅତିପ୍ରବଳ ବର୍ଷାର ସମ୍ଭାବନା ରହିଛି । ସେଥିପାଇଁ ଏହି ୫ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା , କଟକ, ଜଗତସିଂହପୁର, କନ୍ଧମାଳ , ପୁରୀ, ଢେଙ୍କାନାଳ , ଅନୁଗୁଳ, କଳାହାଣ୍ଡି, ବୌଦ୍ଧ, ନବରଙ୍ଗପୁର ଓ ନୂଆପଡା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

# ଗୋଧ୍ରା ହିଂସାକାଣ୍ଡ : ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଅହମ୍ମଦାବାଦ, ୦୩/୦୭ (ନି.ପ୍ର): ବହୁ ଚର୍ଚ୍ଚିତ ଗୁଜରାଟ ଗୋଧ୍ରା ହିଂସାକାଣ୍ଡର ଅଭିଯୁକ୍ତଙ୍କୁ ମିଳିଲା ସଜା । ଗୋଧ୍ରାର ନିମ୍ନ ଅଦାଲତ ଅଭିଯୁକ୍ତ ଆଜୀବନ କାରା ଦଣ୍ଡାଦେଶ ଶୁଣାଇଛନ୍ତି । ଏହି ଅଭିଯୁକ୍ତ ୧୯ ବର୍ଷ ଧରି ଫେରାର ଥିବାବେଳେ ଗତ ବର୍ଷ ତାକୁ ଗିରଫ କରାଯାଇଥିଲା । ଗୁଜରାଟ ଗୋଧ୍ରା କାଣ୍ଡର ଅନ୍ୟତମ ଅଭିଯୁକ୍ତ ରଫିକ୍ ହୁସୈନ । ଗତବର୍ଷ ପୁଲିସ ତାକୁ ଗିରଫ କରିଥିଲା । ହେଲେ ଆଜି ତାକୁ ଗୋଧ୍ରା କୋର୍ଟ ଆଜୀବନ



କାରଦଣ୍ଡରେ ଦଣ୍ଡିତ କରିଛନ୍ତି । ରଫିକକୁ ହତ୍ୟା ଓ ହିଂସା ଉସକାଇବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇଛି । ସୂଚନା ମୁତାବକ ରଫିକ୍ ହୁସୈନ୍ ୨୦୦୨ ମସିହାରୁ ଫେରାର ଥିଲା । ୨୦୦୨ ଫେବୃଆରୀ ୨୭ ତାରିଖରେ ଗୋଧ୍ରା ଷ୍ଟେସନରେ ସାବରମତି ଏକ୍ସପ୍ରେସର ଏକ କୋଚ୍ ?ରେ ନିଆଁ ଲଗାଇଦିଆ ଯାଇଥିଲେ । ଏହି ଘଟଣାରେ ୫୯ ଜଣ ଜୀବନ୍ତ ଦଗ୍ଧ ହୋଇ ପ୍ରାଣ ହରାଇଥିବାବେଳେ ଅନେକ ଗୁରୁତର ହୋଇଥିଲେ । ଏହାପରେ ଗୁଜୁରାଟରେ ମଧ୍ୟ ୨୦୦୨ରେ ଦଙ୍ଗା ସୃଷ୍ଟି ହୋଇଥିଲା । ରଫିକ୍‌କୁ ଗତବର୍ଷ ଏହି ମାମଲାରେ ▶▶ପୃଷ୍ଠା ୭

# କାମ ହେବାର ୬ ମାସ ଯାଇନି ୧୫ ଲକ୍ଷର ରାସ୍ତା ବରବାଦ୍

ବଲାଙ୍ଗିର,୩/୦୭ (ନି.ପ୍ର): ବଲାଙ୍ଗିର ପୌରପାଳିକାରେ କନିଷ୍ଠଯନ୍ତ୍ରୀ ଓ ଠିକାଦାର ମାନଙ୍କ ମଧୁଚନ୍ଦ୍ରିକାରେ ଲକ୍ଷ ଲକ୍ଷ ଟଙ୍କାର କାମକୁ ନିମ୍ନମାନର କରାଯାଉଥିବା ଅଭିଯୋଗ ଉଠୁଛି । ଗତ କିଛିବର୍ଷ ହେଲା ବଲାଙ୍ଗିର ପୌରପାଳିକାକୁ ବହୁ ପରିମାଣରେ ସହରାଂଚଳ ବିକାଶ ବିଭାଗ ତରଫରୁ ଅନୁଦାନ ଆସୁଛି ଓ ରାସ୍ତାଘାଟ ନିର୍ମାଣ ଚାଲିଛି । ଗତ ୨୦୧୯ ବନ୍ୟା ପରେ କୋଟି କୋଟି ଟଙ୍କାର ଏଫଡିଆର ପାଣ୍ଠିରୁ ମଧ ଅନୁଦାନ ଆସିଥିଲା । ସେଥିରୁ ପାଟଣାଗଡ ରୋଡର ଆମର ବଲାଙ୍ଗିର ପାର୍କ ଠାରୁ ଲର୍କପାଲି ଆମପଡାକୁ ଯାଇଥିବା ରାସ୍ତା ନିର୍ମାଣ ପାଇଁ ୧୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ପ୍ରାୟ ୧୦୦ ମିଟର ଡ୍ରେନକାମ ସହିତ କଂକ୍ରିଟ ରାସ୍ତାକାମ ପାଇଁ ଅଟକଳ କରି ଟେଣ୍ଡର କରାଯାଇଥିଲା । ନିର୍ଦ୍ଧାରିତ ସମୟରେ ଠିକଦାର କାମ ସାରିଦେଇ ବିଲ ମଧ ନେଇଗଲେ । କିନ୍ତୁ, ନିର୍ମାଣର ୬ ମାସ ନଯାଉଣୁ ଏହି ରାସ୍ତାର କଂକ୍ରିଟ ଭୁଷୁଡି ପଡିଛି । ରାସ୍ତାକାମ ନିମ୍ନମାନର ହୋଇଥିବାରୁ ରାସ୍ତାର ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ବେଳେ ଅନେକ ସ୍ଥାନରେ କଂକ୍ରିଟ ଭୁଷୁଡି ପଡିଛି । ଏହି ରାସ୍ତାକାମ ବେଳେ କନିଷ୍ଠଯନ୍ତ୍ରୀ କିମ୍ବା ଏମଇ କେହି ମଧ ତଦାରଖ କରିନଥିବା ଅଭିଯୋଗ ହେଉଛି । ଫଳରେ ନିମ୍ନମାନର କାମ ହୋଇଥିବା ଅଭିଯୋଗ ଉଠିଛି । ଲକ୍ଷାଧିକ ଟଙ୍କାର ରାସ୍ତାକାମ ନିମ୍ନ ମାନର ହେଉଥିବା କାରଣରୁ ଜନଅସନ୍ତୋଷ ବୃଦ୍ଧି ପାଉଛି । ଏହି କାମକୁ କନିଷ୍ଠଯନ୍ତ୍ରୀ ଗୋଲକ ସାହୁଙ୍କ ତତ୍ୱାବଧାନରେ କରାଯାଉଥିଲା । କିନ୍ତୁ, ତାଙ୍କ ଅପରଗତାରୁ ତାଙ୍କର ଅନେକ ଗୁଡିଏ କାମ ନିମ୍ନ ମାନର ହେଉଥିବା ଲକ୍ଷ୍ୟ କରାଯାଇଛି । ସେହି କାରଣରୁ ଓଁକାର ଛକରେ ଚାଲିଥିବା ମାର୍କେଟ କମ୍ପ୍ଲେକ୍ସ କାମରେ ହେରାଫେରି କାରଣରୁ ତାଙ୍କୁ ଜିଲ୍ଲାପାଳ ନିଲମ୍ବିତ ମଧ କରିଛନ୍ତି । ଏହି ରାସ୍ତାର ଅବସ୍ଥାକୁ ଦେଖିଲେ ଯେକେହି ହେଲେ କନିଷ୍ଠ ଯନ୍ତ୍ରୀଙ୍କ ଅପାରଗତାକୁ ହିଁ ଦାୟୀ କରିବ । ସହର ଭିତରେ ଅଧିକାରୀମାନଙ୍କ ନାକତଳେ ଏଭଳି ନିମ୍ନମାନର କାମ ହେଉଥିବାରୁ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଏହି ରାସ୍ତାକାମ ଉପରେ କନିଷ୍ଠଯନ୍ତ୍ରୀ ଗୋଲକ ସାହୁଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ଫୋନ ଲାଗୁନଥିଲା । ସେହିପରି ପୌରପାଳିକାର ଏମଇ ଥିବା ଜନସ୍ୱାସ୍ଥ୍ୟ ବିଭାଗର ଏସଡିଓ ସୁବ୍ରତ ନାଏକଙ୍କୁ ପଚାରିବାରୁ ସବୁ ରାସ୍ତାକୁ କାମ ବେଳେ ଯାଇ ହେଉନଥିବା ସ୍ୱୀକାର କରିଥିଲେ ଓ ରାସ୍ତାଟି କିଭଳି ଫାଟିଲା ଦେଖିବେ ବୋଲି କହିଛନ୍ତି । ଜିଲ୍ଲାପାଳ ନିଜେ ଏହି ରାସ୍ତା କାମର ତଦନ୍ତ କରିବାକୁ ଜନସାଧାରଣରେ ଦାବି ହେଉଛି ।

## ଜିଲ୍ଲାସ୍ତରୀୟ ଓଡ଼ିଶା ରିଲିଫ କୋଡ କର୍ମଶାଳା ଅନୁଷ୍ଠିତ

ଖୋର୍ଦ୍ଧା,୩/୦୭ (ନି.ପ୍ର): ଜିଲ୍ଲାପାଳ ଙ୍କ ସଭାପତି ତ୍ୱ ରେ ଖୋର୍ଦ୍ଧାର ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଂସ୍ଥା କନଫରେନ୍ସ ହଲରେ ଓଡ଼ିଶା ରିଲିଫ କୋଡ ନିମନ୍ତେ ଜିଲ୍ଲା ସ୍ତରୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଅଫିସ୍ (ଜଏଣ୍ଟ ଏସ ଆର ସି ଓ ଓଏସଡ଼ି ) ର ପ୍ରଶିକ୍ଷକଙ୍କ ମାର୍ଗ ଦର୍ଶନ ଦ୍ୱାରା କର୍ମଶାଳା ଆୟୋଜନ କରାଯାଇଥିଲା । ଏଥିରେ ସରକାରଙ୍କ ମାର୍ଗଦର୍ଶନ ଅନୁଯାୟୀ ମିଶନ୍ ଜେରୋ କାଜୁଆଲିଟି ଏବଂ ପ୍ରତ୍ୟେକ ଜୀବନ ମୂଲ୍ୟବାନ ଅଟେ କୁ ପ୍ରାଧାନ୍ୟ ଦେଇ ରିଲିଫ୍ ମାପର ଉଦ୍ଦେଶ୍ୟ, ପ୍ରଶାସନିକ ସହାୟତା ସଂଗଠନ । ରିଲିଫ୍ କର୍ତ୍ତୃପକ୍ଷ, ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କୁ ଉପଲବ୍ଧ ସହାୟତା, ମୃତ୍ୟୁ ମାମଲାରେ ଏକ୍ସ-ଗ୍ରାଟିଆ ମଞ୍ଜୁର ଏବଂ ଦେୟ ପ୍ରକ୍ରିୟା, ଗୃହ ନିର୍ମାଣ ସହାୟତା, କୃଷି ଇନପୁଟ୍ ସବସିଡି, ମତ୍ସ୍ୟଜୀବୀଙ୍କୁ ସହାୟତା, ରିପୋର୍ଟର ଚାରୋଟି ପର୍ଯ୍ୟାୟ ଆଦିର ବିସ୍ତାର ଭାବରେ ଆଲୋଚନା କରା ଯାଇଥିଲା । ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ଓ ଭୁବନେଶ୍ୱର, ପିଡ଼ି ଡିଆରଡିଏ, ଉପଜିଲ୍ଲାପାଳ ଖୋର୍ଦ୍ଧା ଓ ଭୁବନେଶ୍ୱର,ଡେପୁଟି ଜିଲାପାଳ (ଏମରଜେନ୍ସି) ସିଡ଼ିଏମଓ, ବିଭିନ୍ନ ବ୍ଲକର ବିଡ଼ିଓ, ତହସିଲଦାର ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦୁଝରର ପ୍ରଶାସନ ଶୁଣିଲା ନାହିଁ : ନିଜସ୍ୱ ଉଦ୍ୟମରେ ପୋଲ ନିର୍ମାଣ କଲେ ଗ୍ରାମବାସୀ

କେନ୍ଦୁଝର,୩/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ପ୍ରଶାସନ ଲୋକଙ୍କ ଦୁଖଃ ଶୁଣିଲା ନାହିଁ । ଲୋକଙ୍କର ବାରମ୍ବାର ଅନୁରୋଧକୁ ପ୍ରଶାସନ ବେଖାତିର କଲା । ଫଳରେ ସରକାରୀ କଳକୁ ଅପେକ୍ଷା ନ କରି ନିଜ କଥା ନିଜେ ବୁଝିଲେ ଅଂଚଳବାସୀ । ଏବଂ ନିଜସ୍ୱ ଉଦ୍ୟମ ଓ ନିଜସ୍ୱ ଅର୍ଥରେ ନିଜର ସୁରକ୍ଷା ଓ ସୁବିଧା ପାଇଁ ନାଳ ଉପରେ ନିର୍ମାଣ କଲେ କାଠ ପୋଲ । ଏଭଳି ଘଟଣା ଦେଖିବାକୁ ମିଳିଛି ତେଲକୋଇ ବ୍ଲକ ର ସଲେଇକେନା ପଂଚାୟତରେ । ପ୍ରଶାସନିକ ଉଦାସୀନତେ ଯୋଗୁଁ ସବୁ ଦିନିଆ ରାସ୍ତା ନଥିବାରୁ ଲୋକମାନେ ବହୁ ଅସୁବିଧାର ସମୁଖୀନ ହେବାକୁ ପଡିଥାଏ । ଏହା ସରକାରଙ୍କ ର କେନ୍ଦୁଝର ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ବିକାଶର ବିକଳ ଚିତ୍ର ।
କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକ ଅନ୍ତର୍ଗତ ସଲେଇକେନା ପଂଚାୟତ ର ଦଣ୍ଡାହୁଳି ଗ୍ରାମକୁ ଯିବା ପାଇଁ ହନୁମନ୍ତିଆ ନାଳ ପାର ହେବାକୁ ପଡିଥିାଏ । କେବଳ ଦଣ୍ଡାହୁଳୀ ଗ୍ରାମ ନୁହେଁ ଧନୁର୍ଜୟପୁର , କାଳିଆପାଣି , ପୁରଣାପାଣି ,ଦାମଦପଗୌଣୀ ଆଦି ଗ୍ରାବାସୀମାନେ ଏହି ହନୁମନ୍ତିଆ ନାଳ ପାର ହେବାକୁ ପଡିଥାଏ । ଏହି ନାଳ ପାଇଁ ବର୍ଷା ଋତୁରେ ଅଂଚଳବାସୀ ନାହିଁ ନଥିବା ଅସୁବିଧାର ସମୁଖୀନ ହୋଇ ଥାଆନ୍ତି । ବର୍ଷା ଚାରି ମାସ ଧରି ସେମାନେ ପ୍ରାୟ ଏକ ପ୍ରକାର ଜଳବନ୍ଦୀ ଅବସ୍ଥାରେ ରହିଥାଆନ୍ତି । ଏବଂ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଥାଆନ୍ତି । ଏପରି କି ସ୍କୁଲ ଯିବାକୁ ପିଲାମାନଙ୍କ ପାଇଁ ଏକ ବଡ ସମସ୍ୟା ହୋଇ ପଡିଥାଏ । ଗୁରୁତର ରୋଗୀ , ଗର୍ଭବତୀ ମହିଳା ଆଦିଙ୍କୁ ମେଡିକାଲ ନେବା କିମ୍ବା ଆମ୍ବୁଲାନ୍ସ ଗାଁକୁ ଆସିବା ସମ୍ଭବ ପର ହୋଇ ପାରୁନଥିଲା । ଏପରିକି ଖାଦ୍ୟ ସୁରକ୍ଷା ଯୋଜନାରେ ପଂଚାୟତରୁ ଚାଉଳ , ଗହମ କିରୋସିନୀ ଆଦି ଆଣିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ଥାଆନ୍ତି । ଏଭଳି ସମସ୍ୟାରେ ଘାର୍ଟି ହେଉଥିବା ଲୋକମାନେ ହନୁମନ୍ତିଆ ନାଳ ଉପରେ ଏକ ପୋଲ ନିର୍ମାଣ ପାଇଁ ଗତ ପ୍ରାୟ ୧୦ ବର୍ଷ ହେବ ବିଡିଓ ଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ ଙ୍କ ପର୍ଯ୍ୟନ୍ତ ସମସ୍ତ ଙ୍କ ନିକଟରେ ଗୁହାରୀ କରି ଆସୁଥିଲେ । କିନ୍ତୁ ସବୁ ଫଳ ଶୂନ୍ୟ ହୋଇଥିଲା । ପ୍ରଶାସନର ଏତାଦୃଶ୍ୟ ଉଦାସୀନତା ଗ୍ରାମବାସୀଙ୍କୁ ବହୁତ କଷ୍ଟ ଦେଉଥିଲା । ଫଳରେ ଗ୍ରାମବାସୀମାନେ ନିଜସ୍ୱ ଉଦ୍ୟମରେ ହନୁମନ୍ତିଆ ନାଳ ଉପରେ ପଣ୍ଡାପଡା ଠାରେ ଏକ କାଠପୋଲ ନିର୍ମାଣ ପାଇଁ ନିଷ୍ପତି ନେଇଥିଲେ । ଏବଂ ନିଜ ଭିତରେ ଅର୍ଥ ସଂଗ୍ରହ କରବା ସହ ନିଜେ ଶ୍ରମଦାନ କରି କାଠପୋଲ ନିର୍ମାଣ ଆରମ୍ଭ କରିଥିବା ବେଳେ ସରପଂଚ ପାଙ୍ଗେଲା ମୁଣ୍ଡା ମଧ୍ୟ ସହଯୋଗର ହାତ ବଢାଇ ଥିଲେ । ନାଳ ମଝିରେ ସିମେଂଟ ଓ ରଡ ଦେଇ ପିଲାର ତିଆରି ପରେ ଉପରେ କାଠର ବିମ ଦିଆଯାଇ ପୋଲକୁ ତିଆରି କରାଯାଇଛି । ଏଥିରେ ଗ୍ରମବାସୀମାନେ ପ୍ରାୟ ଅଢେଇ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି । ଫଳରେ ପୋଲ ଉପରେ ଆମ୍ବୁଲାନ୍ସ ଠାରୁ ଅଟୋ , ବୋଲେରୋ , ମୋଟର ସାଇକେଲ ଆଦି ସହଜରେ ଯାତାୟତ କରିପାରିବ । ଗ୍ରାମବାସୀଙ୍କ ଇଛା ଶକ୍ତି ଆଗରେ ହାର ମାନିଛି ପ୍ରଶାସନର ମନମାନୀ ତଥା ଅହଁ ମନୋଭାବ । ଅନ୍ୟପକ୍ଷରେ କେଉଁ ବିଭାଗ ଦ୍ୱାରା ଏହି ପୋଲ କାମ ହୋଇ ପାରିବ ତାହା ଅନୁଧ୍ୟାନ କରିବା ପରେ ସେହି ବିଭାଗ ଘଟଣାସ୍ଥଳୀ ପରିଦର୍ଶନ କରି ପଦକ୍ଷେପ ଗ୍ରହଣ କରାଯିବା ବୋଲି କହିଛନ୍ତି ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ ।

# ରଥଯାତ୍ରାରେ ପାର୍କିଂ ଶୋଷଣ : ପୌରସଂସ୍ଥା ନାଁରେ ଲୁଟୁଛନ୍ତି

ପୁରୀ,୩/୦୭ (ନି.ପ୍ର): ରଥଯାତ୍ରାରେ ଭକ୍ତଙ୍କ ଭିଡ଼ ଦେଖି କିଛି ବ୍ୟକ୍ତି ପାର୍କିଂ ନାଁରେ ଶୋଷଣ ଆରମ୍ଭ କରି ଦେଇଛନ୍ତି । ପୌରସଂସ୍ଥାର କୌଣସି ବୈଧ ରସିଦ୍ ନ ଥିଲେ ବି ପୁରୀ ପୌରସଂସ୍ଥା ନାଁରେ ଭକ୍ତଙ୍କଠାରୁ ପାର୍କିଂ ନାଁରେ ଟଙ୍କା ଆଦାୟ କରୁଛନ୍ତି । ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ଆଗରେ ଏଭଳି ଶୋଷଣ ଚାଲିଥିଲେ ବି କାହାରି ନଜର ନ ପଡ଼ିବା ଭକ୍ତଙ୍କ ମହଲରେ ଅସନ୍ତୋଷ ସୃଷ୍ଟି କରିଛି । ମିଳିଥିବା ସୂଚନା ମୁତାବକ, ଅବିନାଶ ପରିଡ଼ା ନାମକ ଜଣେ ବ୍ୟାଙ୍କ ଅଧିକାରୀ ତାଙ୍କ ଭଉଣୀଙ୍କ ସହ ଆଜି ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଜାତୀୟ ପଲ୍ଲିଶ୍ରୀ ମେଳା ବୁଲିବାକୁ ଯାଇଥିଲେ । ମେଳା ବୁଲି ଯାଇଥିବା ଲୋକେ ଯେଉଁସ୍ଥାନରେ ଗାଡ଼ି ରଖିଛନ୍ତି, ସେହି ସ୍ଥାନରେ ଗାଡ଼ି ରଖି ମେଳା ବୁଲିବାକୁ ଯିବା ସମୟରେ କିଛି ବ୍ୟକ୍ତି ଆସି ତାଙ୍କୁ ଟଙ୍କା ମାଗିଥିଲେ ।
ପଚାରିବାରୁ ପାର୍କିଂ ଫି’ ବାବଦକୁ ଏହି ଟଙ୍କା ଆଦାୟ ହେଉଛି ବୋଲି କହିଥିଲେ । ପରେ ଏକ ରସିଦ୍ ଦେଇ ୩୦ ଟଙ୍କା ମାଗିଥିଲେ । ୩୦ ଟଙ୍କା ଦେଇ ଯିବାବେଳେ କାହାଠାରୁ ୨୦ ଟଙ୍କା ତ କାହାଠାରୁ ୪୦ ଟଙ୍କା ବି ପାର୍କିଂ ଫି’ ଆଦାୟ କରାଯାଉଥିବା ଶୁଣିବାକୁ ପାଇଥିଲେ । କିନ୍ତୁ ଶ୍ରୀ ପରିଡ଼ା ଯେଉଁ ରସିଦ୍ ପାଇଥିଲେ, ସେଥିରେ ନାଁ କୌଣସି ରସିଦ୍ ନମ୍ବର ଥିଲା ନା ପୌରସଂସ୍ଥାର ବୈଧତା ପାଇଁ କୌଣସି ଷ୍ଟାମ୍ପ ରହିଥିଲା । ଏପରିକି ରସିଦ ଦେବା ପରେ ଏଥିରେ କୌଣସି ତାରିଖ କି ଟଙ୍କା ଉଲ୍ଲେଖ କରାଯାଇନଥିଲା । ଶ୍ରୀ ପରିଡ଼ା ଏ ସମ୍ପର୍କରେ ପଚାରିବାରୁ ପୌରସଂସ୍ଥା ଆମକୁ ପାର୍କିଂ ଫି ଆଦାୟ କରିବାକୁ ଅନୁମତି ଦେଇଛି ବୋଲି ସଂପୃକ୍ତ ବ୍ୟକ୍ତି କହିଥିଲେ । ଏହା କେବଳ ଶ୍ରୀ ପରିଡ଼ାଙ୍କ ସହ ଘଟିନହିଁ, ମେଳା ବୁଲିବାକୁ ଆସୁଥିବା ଶହ ଶହ ଲୋକ ଏଠାରେ ପାର୍କିଂ କରି ଏଭଳି ଠକାମୀର ଶିକାର ହେଉଥିବା ଅଭିଯୋଗ ହୋଇଛି । ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ପୌରସଂସ୍ଥା କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଭକ୍ତ ମହଲରେ ଦାବି ହୋଇଛି ।

# ଗୋଡ଼ ଧୋଇବାକୁ ଯାଇଥିଲେ : ଭିଡ଼ି ନେଲା କୁମ୍ଭୀର

ଆଳି : ଗୋଡ଼ ଧୋଇବାକୁ ଯାଇଥିଲେ । ନଦୀ କୂଳରେ ପଡ଼ିଥିବା ଜାଲି ଉପରେ ଠିଆ ହୋଇ ଗୋଡ଼ ଧୋଇଥିଲେ । ପରେ ହାତ ଧୋଇବାକୁ ନଇଁ ଥିଲେ । ଏହି ସମୟରେ ଜାଲି ଭିତରେ ଲୁଚି ବସିଥିବା କୁମ୍ଭୀର ବାହାରି ଆସି ସିଧାସଳଖ ବେକକୁ କାମୁଡ଼ି ଧରିଥିଲା । କୁମ୍ଭୀର ଆଁ ଭିତରେ ରହିଥିଲା ସମ୍ପୂର୍ଣ୍ଣ ମୁଣ୍ଡ ଓ ବେକ । ଜାଲି ଭିତରକୁ ଭିଡ଼ି ନେଇ ଖାଇଯିବାକୁ ଉଦ୍ୟମ କରିଥିଲା । ଢେର ସମୟ ଜାଲି ଭିତରେ ଛଟପଟ କରିଥିଲା । ହେଲେ ଶେଷରେ କୁମ୍ଭୀରକୁ ହରାଇ ଜୀବନ ବଞ୍ଚାଇ ପାରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅନ୍ତର୍ଗତ ବଡ଼ଜୋରମୁହଁ ଗାଁର ନିତ୍ୟାନନ୍ଦ ପାତ୍ର । ଗତକାଲି ରାତିରେଏହି ଘଟଣା ଘଟିଛି । ସୂଚନା ମୁତାବକ, ଗାଁ ନିକଟ ଖରସ୍ରୋତା ନଦୀକୁ ରାତିରେ ଶୌଚ ହେବାକୁ ସେ ଯାଇଥିଲେ । ଏହି ସମୟରେ ତାଙ୍କୁ କୁମ୍ଭୀର ଆକ୍ରମଣ କରିଥିଲା । ଦୀର୍ଘ ୧୫ମିନିଟ ଧରି ସେ କୁମ୍ଭୀର ସହ ସଂଘର୍ଷ କରିଥିଲେ । ପରେ କୁମ୍ଭୀରକୁ ହରାଇ ତା କବଳରୁ ବର୍ତ୍ତି ପାରିଥିଲେ ।



କୂଳକୁ ଆସିବା ବେଳକୁ ତାଙ୍କ ବେକ ଓ ମୁଣ୍ଡରୁ ରକ୍ତ ବୋହି ଚାଲିଥିଲା । କୁମ୍ଭୀର ଦାନ୍ତ ପଶି ମୁଣ୍ଡ ଓ ବେକରେ ବିରାଟକାୟ କ୍ଷତମାନ ହୋଇଥିଲା । ଏହା ଦେଖିବା ପରେ ତାଙ୍କୁ ସ୍ଥାନୀୟ ଲୋକେ ଘରକୁ ନେଇଥିଲେ । ସେଠାରୁ ତାଙ୍କୁ ତୁରନ୍ତ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

# ଶନିବାର ଦିନ ସକାଳୁଆ ସ୍କୁଲ ପାଇଁ ଶିକ୍ଷକ ସଙ୍ଘର ଦାବି

ବଲାଙ୍ଗୀର,୩/୦୭ (ନି.ପ୍ର): ଶନିବାର ଦିନ ପୂର୍ବ ଭଳି ସକାଳ ସ୍କୁଲ କରାଯିବାକୁ ଶିକ୍ଷକ ସଂଘ ପକ୍ଷରୁ ଦାବୀ କରାଯାଇଛି । ଓଷ୍ଟା ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ କହିଛନ୍ତି ଯେ, ଶନିବାର ଦିନ ସ୍କୁଲ ସକାଳୁଆ ହେଲେ ଛାତ୍ରଛାତ୍ରୀମାନଙ୍କ ପ୍ରତିଭା ବିକାଶ ନିମନ୍ତେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମର ଆୟୋଜନ କରିବା ଶିକ୍ଷକମାନଙ୍କ ପାଇଁ ସହଜ ହେଉଥିବା ବେଳେ ପିଲାମାନଙ୍କୁ ସକାଳୁ ସକାଳୁ ଶନିବାର ଦିନ ମାସ୍ ଡ୍ରିଲ୍ ପାଇଁ ପ୍ରସ୍ତୁତ କରାଯାଇ ପାରୁଥିଲା । ତେବେ ସରକାରଙ୍କ ନୂଆ ନୀତି ଅନୁସାରେ ଶନିବାର ଦିନ ୧୦ଟାରୁ ସ୍କୁଲ ଖୋଲା ଯାଉଥିବାରୁ ଛାତ୍ରଛାତ୍ରୀମାନେ ଉପରୋକ୍ତ କାର୍ଯ୍ୟକ୍ରମରୁ ବଂଚିତ ହେଉଛନ୍ତି । ତେଣୁ ପୂର୍ବ ଭଳି ଶନିବାର ଦିନ ସକାଳୁଆ ସ୍କୁଲ ପାଇଁ ସେ ଦାବୀ କରିଛନ୍ତି । ସେହିଭଳି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରଦୀପ କୁମାର ଖମାରୀ ମଧ ନିଜ ମତ ପ୍ରକାଶ କରି ଶନିବାର ଦିନ ସକାଳୁଆ ସ୍କୁଲ ନିମନ୍ତେ ଦାବୀ କରିଛନ୍ତି ।

# ୧୯୨ ଅବକାରୀ ଥାନାରେ ଗାଡ଼ି ନାହିଁ : ଚଢ଼ଉ ପାଇଁ ପାଳି କରି ନେଉଛନ୍ତି ଗାଡ଼ି

କଟକ ,୩/୦୭ (ନି.ପ୍ର): ରାଜ୍ୟରେ ଖଣି ବିଭାଗ ପରେ ଦ୍ୱିତୀୟ ସର୍ବାଧିକ ରାଜସ୍ୱ ଆଦାୟ କରୁଥିବା ଅବକାରୀ ବିଭାଗରେ କୌଣସି ଥାନାରେ ଖଣ୍ଡିଏ ବି ଚାରି ଚକିଆ ଗାଡ଼ି ନାହିଁ । ୨୦୨୧-୨୨ ଆର୍ଥିକ ବର୍ଷରେ ୮ ହଜାର କୋଟି ଟଙ୍କା ରାଜସ୍ୱ ଆଦାୟ କରିଥିବା ଅବକାରୀ ବିଭାଗରେ ଏଭଳି ଚକିତା କଲା ଭଳି ସ୍ଥିତି ଉଦ୍‌ବେଗର କାରଣ ହୋଇଛି । ପୂର୍ବରୁ ଅବକାରୀ ବିଭାଗରେ ଅଫିସରଙ୍କ କଳଙ୍କି ଲଗା ବନ୍ଧୁକ ଘଟଣା ଚର୍ଚ୍ଚା ସୃଷ୍ଟି କରିଥିଲା । ଏବେ ବିନା ଗାଡ଼ିରେ ଅବକାରୀ ବିଭାଗ ଚାଲୁଥିବା ଘଟଣା ଉଦବେଗ ସୃଷ୍ଟି କରିଛି । ସୂଚନା ଅନୁଯାୟୀ, ରାଜ୍ୟରେ ଥିବା ୫୮ଟି ରେଞ୍ଜକୁ ଗୋଟିଏ ଲେଖାଏ ଗାଡ଼ି ମିଳିଥିବା ବେଳେ ୧୯୨ଟି ଥାନା ପାଇଁ ସ୍ୱତନ୍ତ୍ର ଭାବେ ଗାଡ଼ି ନାହିଁ । ରାଜ୍ୟରେ ପ୍ରତି ରେଞ୍ଜ ଅଧିନରେ ଥିବା ତିନୋଟି ଥାନାର ଅଧିକାରୀମାନେ ଏବେ ଚଢ଼ଉ ପାଇଁ ଗାଡ଼ି ପାଇବାକୁ ନିଜ ଭିତରେ ଟଣାଓଟରା ହେଉଛନ୍ତି । ଜିଲ୍ଲା ସ୍ତରରେ ଗୋଟିଏ ରେଞ୍ଜ ଓ ତିନୋଟି ଥାନା ପାଇଁ ଗୋଟିଏ ଚାରି ଚକିଆ ଗାଡ଼ି ଦିଆ ଯାଇଥିବାରୁ ଚଢ଼ଉ ପାଇଁ ଆଗୁଆ ପାଳି କରିବାକୁ ପଡୁଛି । କିନ୍ତୁ ହଠାତ୍ କୌଣସି ଅବକାରୀ ମାମଲାରେ ଚଢ଼ଉ କରିବାକୁ ହେଲେ ସମସ୍ୟା ସୃଷ୍ଟି ହେଉଛି । ଜିଲ୍ଲାର ରେଞ୍ଜ ସ୍ତରରେ ଗାଡ଼ି ଖାଲି ଥିଲେ ମିଳେ, ନଚେତ୍ ବାଧ ହୋଇ ଚଢ଼ଉ ବାତିଲ୍ କରିବା ଭଳି ପରିସ୍ଥିତି ସୃଷ୍ଟି ହେଉଛି ।
୧୯୧୫ରେ ବ୍ରିଟିସ୍ ଅମଳରୁ ଆରମ୍ଭ ହୋଇଥିବା ଅବକାରୀ ବିଭାଗକୁ ୧୦୭ ବର୍ଷ ପୁରିଲାଣି । ୨୦୨୦-୨୧ ବର୍ଷ ତୁଳନାରେ ୨୦୨୧-୨୨ ବର୍ଷରେ ୨୦ ପ୍ରତିଶତ ଅଧିକ ରାଜସ୍ୱ ଆଦାୟ କରିଛି ଅବକାରୀ ବିଭାଗ । କିନ୍ତୁ ବିଭାଗ ଭିତର ସ୍ଥିତି ଏତେ ଶୋଚନୀୟ ହୋଇ ପଡ଼ିଛି ଯେ ଏହା ବିଭାଗୀୟ ଅଧିକାରୀଙ୍କ ଅସନ୍ତୋଷର ପ୍ରମୁଖ କାରଣ ହେଲାଣି । ମାସିକ ଥାନା ପିଛା ହାରାହାରି ୧୦ରୁ ୧୫ଟି ମାମଲାର ତଦନ୍ତ ଦାୟିତ୍ୱ ପଡୁଥିବା ବେଳେ ଗୋଟିଏ ଚାରି ଚକିଆ ଗାଡ଼ିରେ ରେଞ୍ଜ ଓ ଥାନାର ଅବକାରୀ ବାବୁ ଗ୍ରାମାଞ୍ଚଳରେ ଅପରାଧୀଙ୍କୁ ଧରିବାରେ ନାକେଦମ୍ ହେଉଛନ୍ତି । ୨୦୨୦-୨୧ରେ ୨୫ ହଜାର ୪୬୬ ମାମଲା ଠାବ ହୋଇଥିବା ବେଳେ ୨୦୨୧-୨୨ରେ ୪୦ ହଜାର ୪୨୭ ମାମଲାକୁ ବୃଦ୍ଧି ପାଇଛି । ପ୍ରତ୍ୟେକ ବର୍ଷ ଅଫିସରଙ୍କୁ ମାସିକ ମାମଲା ଠାବ ପାଇଁ ଟାର୍ଗେଟ୍ ଦିଆଯାଉଛି । ବିନା ଭିତ୍ତିଭୂମିରେ ଅଫିସରମାନେ ମାନସିକ ଚାପରେ ଏକ ପ୍ରକାର ରହୁଥିବା ପ୍ରକାଶ କରୁଛନ୍ତି । ପୂର୍ବରୁ ଜିଲ୍ଲାରେ ମାତ୍ର ଗୋଟିଏ ଗାଡ଼ି ସାରା ଜିଲ୍ଲାରେ ଥାନା ଓ ରେଞ୍ଜ ପାଇଁ ବ୍ୟବହାର ହେଉଥିଲା । ଏବେ ୩୩ ଅବକାରୀ ଜିଲ୍ଲାର ମୋବାଇଲ୍ ୟୁନିଟ୍, ତିନୋଟି ଅବକାରୀ ଗୁଇନ୍ଦା ଏବଂ ଏନଫୋର୍ସମେଣ୍ଟ ବ୍ୟୁରୋ ସହିତ ରାଜ୍ୟ ଫ୍ଲାଇଂ ସ୍କ୍ୱାଡ, ରେଞ୍ଜରେ ଗାଡ଼ି ସଂଖ୍ୟାରେ ସାମାନ୍ୟ ବୃଦ୍ଧି ପାଇଥିବା ବେଳେ ଏହା କିନ୍ତୁ ଥାନା ସ୍ତରର ଅଭାବକୁ ମେଣ୍ଟାଇବାରେ ଅକ୍ଷମ ହୋଇଛି । ଏବେ ନୟାଗଡ଼ ଜିଲ୍ଲାକୁ ମିଶାଇ ତିନିରୁ ଚାରିଟି ଜିଲ୍ଲାରେ ବି ଏସପିଙ୍କ ପାଇଁ ଗାଡ଼ି ଖଣ୍ଡେ ନାହିଁ । ମୋବାଇଲ୍ ୟୁନିଟ ନହେଲେ ରେଞ୍ଜରେ ଥିବା ଗାଡ଼ିରେ ଏସପି ଯିବା ଆସିବା କରୁଥିବା ଘଟଣା ବିଭାଗର ଦୟନୀୟ ସ୍ଥିତିକୁ ଦର୍ଶାଉଛି ।

# ଏମ୍ଏଚ୍ୟୁ ଫାର୍ମାସିଷ୍ଟଙ୍କ ଚାକିରି ନିୟମିତ ପ୍ରସଙ୍ଗ : ୬ ସପ୍ତାହ ଭିତରେ ସ୍ୟାଟ୍ ଆଦେଶ କାର୍ଯ୍ୟକାରୀ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ ,୩/୦୭ (ନି.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ମୋବାଇଲ ସ୍ୱାସ୍ଥ୍ୟସେବା ୟୁନିଟ (ଏମଏଚୟୁ) ପାଇଁ ନିଯୁକ୍ତ ଚୁକ୍ତିଭିତ୍ତିକ ଫାର୍ମାସିଷ୍ଟଙ୍କ ଚାକିରି ନିୟମିତ ପ୍ରସଂଗରେ ରାଜ୍ୟ ପ୍ରଶାସନିକ ଟ୍ରିବୁନାଲ (ସ୍ୟାଟ୍)ଙ୍କ ଆଦେଶ ୬ ସପ୍ତାହ ଭିତରେ କାର୍ଯ୍ୟକାରୀ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସ୍ୟାଟ୍‌ଙ୍କ ନିର୍ଦ୍ଦେଶ ବିରୋଧରେ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ରାଜ୍ୟ ସରକାରଙ୍କ ଆବେଦନ ଖାରଜ ହେବା ପରେ ମଧ ଫାର୍ମାସିଷ୍ଟଙ୍କ ଚାକିରି ନିୟମିତ କରାଯାଇ ନଥିଲା । ହାଇକୋର୍ଟ ଏଭଳି ପ୍ରସଂଗକୁ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବଙ୍କ ବିରୋଧରେ ଦାୟର ଅଦାଲତ ଅବମାନନା ମାମଲାର ହାଇକୋର୍ଟ ଶୁଣାଣି କରି ୬ ସପ୍ତାହ ଭିତରେ ସ୍ୟାଟ୍‌ଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ କହିଛନ୍ତି । ସ୍ୟାଟ୍‌ଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯିବା ପରେ ଏ ନେଇ ହାଇକୋର୍ଟରେ କଂପ୍ଲାଏନ୍ସ ରିପୋର୍ଟ ସ୍ୱାସ୍ଥ୍ୟ ସଚିବଙ୍କ ତରଫରୁ ଦାଖଲ କରାଯିବ । ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେବା ସହିତ ସୂର୍ଯ୍ୟକାନ୍ତ ଦ୍ୱିବେଦୀଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଲୋକାଭିମୁଖୀ କରିବା ପାଇଁ ୧୯୯୫ରେ ଏମଏଚୟୁ ସେବା ଆରମ୍ଭ କରାଯାଇଥିଲା । ଏଥି ପାଇଁ ରାଜ୍ୟର ବିଭିନ୍ନ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଲାଗି ନୂଆ ଫାର୍ମାସିଷ୍ଟ, ରେଡିଓଗ୍ରାଫର, ସେବିକା ଓ ସହାୟକ ପଦବି ସୃଷ୍ଟି କରାଯାଇଥିଲା । ଏମଏଚୟୁ ପାଇଁ ଫାର୍ମାସିଷ୍ଟ ଓ ଅନ୍ୟ ପଦବିରେ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଦାନ କରାଯାଇଥିଲା । ଯେଉଁ ଏମଏଚୟୁ ଫାର୍ମାସିଷ୍ଟ ୬ ବର୍ଷ କାର୍ଯ୍ୟକାଳ ଶେଷ କରିବେ ସେମାନଙ୍କ ଚାକିରି ନିୟମିତ କରାଯିବ ବୋଲି ୨୦୦୮ରେ ସରକାରଙ୍କ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । କିନ୍ତୁ




ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା ଫାର୍ମାସିଷ୍ଟଙ୍କ ଚାକିରି ନିୟମିତ କରିବା ବଦଳରେ ସ୍ୱାସ୍ଥ୍ୟ ବିଭାଗ ଏହି ପଦବିରେ ସାନି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲା । ଏପରି ବିଜ୍ଞପ୍ତିକୁ ବିରୋଧ କରିବା ସହିତ ଚାକିରି ନିୟମିତ ପ୍ରସଂଗ ନେଇ ଏମଏଚୟୁ ଫାର୍ମାସିଷ୍ଟମାନେ ସ୍ୟାଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସ୍ୟାଟ୍ ମାମଲାର ଶୁଣାଣି କରି ଆବେଦନକାରୀ ଫାର୍ମାସିଷ୍ଟଙ୍କ ଚାକିରି ନିୟମିତ କରିବା ସପକ୍ଷରେ ରାୟ ଦେଇଥିଲେ । ସ୍ୟାଟ୍‌ଙ୍କ ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାର ଦାୟର କରିଥିବା ଆବେଦନକୁ ୨୦୧୭, ଜୁଲାଇ ୩ରେ ହାଇକୋର୍ଟ ଖାରଜ କରିବା ସହିତ ସ୍ୟାଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟଙ୍କ ରାୟ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟ ଯାଇଥିଲେ । ୨୦୨୨, ଏପ୍ରିଲ ୮ରେ ସୁପ୍ରିମକୋର୍ଟରେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଲିଭ୍ ପିଟିସନ ଖାରଜ ହୋଇଥିଲା । ଏପରି ସ୍ଥିତିରେ ମଧ ସ୍ୟାଟ୍‌ଙ୍କ ନିର୍ଦ୍ଦେଶ ସରକାର କାର୍ଯ୍ୟକାରୀ କରି ନଥିଲେ । ଏହାପରେ ଏ ସଂପର୍କିତ ଅଦାଲତ ଅବମାନନା ମାମଲାର ହାଇକୋର୍ଟରେ ଶୁଣାଣି ହୋଇଥିଲା ।

## ଦୁର୍ଘଟଣାରେ ଦୁଇ ନାବାଳକଙ୍କ ମୃତ୍ୟୁ

ବାଲିମେଳା ,୩/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଚିତାପାରି-୩ ଗ୍ରାମ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇ ନାବାଳକଙ୍କ ମୃତ୍ୟୁ ଘଟିଛି । ଓର୍କେଲ ପୁଲିସ ଶବ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି । କେଉଁ ପରିସ୍ଥିତିରେ ଏହି ଦୁର୍ଘଟଣା ଘଟିଲା ପୁଲିସ ତାହାର ତଦନ୍ତ ଜାରି ରଖିଛି । ସୂଚନା ଅନୁଯାୟୀ, ଚିତ୍ରକୋଣ୍ଡା ବ୍ଲକ୍ ପଣସପୁଟ ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଦର ଗ୍ରାମର ଡମ୍ବରୁ ଖିଲ (୧୬) ଏବଂ କୋରୁକୋଣ୍ଡା ବ୍ଲକ୍ ନାକାମାମୁଡ଼ି ପଞ୍ଚାୟତ ଅନ୍ତର୍ଗତ ପିପଲପଦର ଗ୍ରାମର ଦୀପକ ଶିଶା (୧୭) ଗତକାଲି ସନ୍ଧ୍ୟାରେ ଚିତପାରି-୩ ପଞ୍ଚାୟତର ସଦାଶିବପୁର ଗ୍ରାମକୁ ଯାଇଥିଲେ । ସେଠାରୁ ରାତି ପ୍ରାୟ ୧୦ଟାରେ ବାଲିମେଳା ଅଭିମୁଖେ ଫେରୁଥିବା ସମୟରେ ଜୟପୁର-ବାଲିମେଳା ମୁଖ୍ୟ ରାସ୍ତାର ଚିତପାରି-୩ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ବାଇକ୍ ରାସ୍ତା ପାର୍ଶ୍ୱରେ ଥିବା ଗଛ ଓ ତାର ବାଡ଼ରେ ପିଟି ହୋଇ ଯାଇଥିଲା ।

# ଅଙ୍ଗନବାଡ଼ି କର୍ମୀଙ୍କୁ ଆକ୍ରମଣ : ଅଭିଯୁକ୍ତ ଗିରଫ

ଧର୍ମଶାଳା,୩/୦୭ (ନି.ପ୍ର): ଧର୍ମଶାଳା ଥାନା ଚୋରମୁହାଁ ଗ୍ରାମ ଅଙ୍ଗନବାଡ଼ି କେନ୍ଦ୍ର-୧ର କର୍ମୀ ତିଳୋତ୍ତମା ବେହେରାଙ୍କୁ ପ୍ରାଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତ ରାକେଶ ଦାସ ଓରଫ୍ ମୂଷାକୁ ପୁଲିସ୍ ଗିରଫ କରିଛି । ମୂଷାକୁ ଆଜି ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ନାମଞ୍ଜୁର ହେବାରୁ ତାକୁ ରଗଡ଼ି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନା ଯୋଗ୍ୟ, ତିଳୋତ୍ତମା ଗତ ଜୁନ୍ ୨୮ତାରିଖ ପୂର୍ବାହ୍ନ ୧୦ଟାରେ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଉଥିବା ବେଳେ ମୂଷା ତାଙ୍କୁ ଆକ୍ରମଣ କରିଥିଲା । ତିଳୋତ୍ତମା ଅଙ୍ଗନବାଡ଼ି କେନ୍ଦ୍ର ବାରଣ୍ଡାରେ ଅଚେତ ହୋଇଯିବାରୁ ମରିଗଲେ ବୋଲି ଭାବି ଘଟଣାସ୍ଥଳରୁ ମୂଷା ଚମ୍ପଟ ମାରିଥିଲା । ସ୍ୱାମୀ କାର୍ତ୍ତିକ ଚନ୍ଦ୍ର ବେହେରା ପତ୍ନୀଙ୍କୁ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ଼ ଡାକ୍ତରଖାନା ନେଇଥିଲେ । ପୁଲିସ୍ କେସ ନମ୍ବର ୩୭୬/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ତେବେ ଅଙ୍ଗନବାଡ଼ି କର୍ମଚାରୀ ସଂଘ ପକ୍ଷରୁ ଅଭିଯୁକ୍ତକୁ ତୁରନ୍ତ ଗିରଫ ଦାବି ସହିତ ଅନ୍ଦୋଳନ ଡାକରା ଦିଆଯିବା ପରେ ପୁଲିସ୍ ? ପାଇଁ ଅଡୁଆ ବଢ଼ିଥିଲା । ଘଟଣାର ୪ଦିନ ପରେ ପୁଲିସ୍ ଅଭିଯୁକ୍ତକୁ ଗତକାଲି ପାଣିକୋଇଲି ଅଞ୍ଚଳରୁ ଗିରଫ କରିଥିବା ସୂଚନା ଦେଇଛି ।

# ବନବିଭାଗ ଚଢ଼ାଉ : ୪ ଗିରଫ, ଶାଗୁଆନ କାଠ ଜବତ

ସୁନ୍ଦରଗଡ଼,୩/୦୭ (ନି.ପ୍ର): ସୁନ୍ଦରଗଡ଼ ବନାଞ୍ଚଳ ଅଧୀନସ୍ଥ ସାଲେପାଲି ସେକ୍ସନ ଘଣ୍ଟିବୁଡ଼ ବିଟ୍ ଚମ୍ପାପଡ଼ାରେ ବନ ବିଭାଗର ଏକ ଟିମ୍ ଚଢ଼ାଉ କରି ବିପୁଳ ପରିମାଣର ଶାଳ ଓ ଶାଗୁଆନ କାଠ ଜବତ କରିଛି । ଏହା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତମାନେ ହେଲେ ଝାରଖଣ୍ଡ ରାଜ୍ୟ ଗିରିଡି ଲଖନପୁରର ଇଲିୟାନ ଅନସାରୀ (୫୦), ସବୀର ଅନସାରୀ (୪୪), ମୁସ୍ତାବ ଅନସାରୀ (୩୦) ଓ



ମହମ୍ମଦ ଆଲ୍ଲାଉଦ୍ଦିନ (୩୨) । ଜବତ କାଠର ପରିମାଣ ୩୦.୧୪ ସିଏଫଟି (୩୮ ଖଣ୍ଡ ପଟା) । ଅଭିଯୁକ୍ତମାନେ ନିୟମିତ ଭାବେ ଚମ୍ପାପଡ଼ାରେ କରତରେ କାଠ ପଟା କାଟୁଥିଲେ । କୌଣସି ସୂତ୍ରରୁ ସୂଚନା ପାଇ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ଚଢ଼ାଇ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ବନାଞ୍ଚଳ ଅଧିକାରୀ ଅରୁଣ ବେହେରାଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ୍ ଚଢ଼ାଉ କରି କାବୁ କରିଥିଲେ ।

# ତ୍ୱଚାର ଯତ୍ନ ନେବେ କିପରି ?

**ବର୍ଷା ଋତୁରେ ତ୍ୱଚାର ଅଧିକ ଯତ୍ନ ନେବା ଉଚିତ । କାରଣ ସଂକ୍ରମଣ ଭୟ ମଧ୍ୟ ରହିଛି । ତ୍ୱଚା ଅନୁସାରେ ଆପଣ ନିଜର ଯତ୍ନ ନେଇପାରିବେ । ଯେପରି ସାମାନ୍ୟ ତ୍ୱଚା ହୋଇଥିଲେ-**



■ କଦଳୀରେ ମହୁକୁ ଭଲଭାବେ ମିଶାଇ ତାହାକୁ ପ୍ୟାକ ଭଳି ତ୍ୱଚାରେ ଲଗାନ୍ତୁ । ଏଇ ପ୍ୟାକକୁ ହାତ ଗୋଡ଼ ପାଦରେ ମଧ୍ୟ ଲଗାଇପାରିବେ । ୧୫-୨୦ ମିନିଟ୍ ପରେ ନଖ ଉଷୁମ ପାଣିରେ ତ୍ୱଚା ଧୋଇନେବେ ।

■ ବାଦାମ, ଅଖରୋଟ ଓ ପେସ୍ତାବାଦାମକୁ ସମ ପରିମାଣରେ ଗୁଣ୍ଡ କରି ଖିରରେ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାଇ ଶୁଖିବା ପରେ ଧୋଇନିଅନ୍ତୁ । ଏହା ଏକ ଉତ୍ତମ ସ୍କ୍ରବ୍ ଭଳି କାମ କରିବା ସହ ରଙ୍ଗ ସଫା ମଧ୍ୟ କରିଥାଏ ।

■ ଅମୃତଭଣ୍ଡା ଓ ଚନ୍ଦନ ପାଉଡରକୁ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ତାହାକୁ ତ୍ୱଚାରେ ଲଗାଇ ୩୦ ମିନିଟ୍ ପରେ ଧୋଇବେ । ଏହା ତ୍ୱଚାରୁ ମୃତ କୋଷିକା ବାହାର କରିବା ସହ କୋମଳ କରେ ।

■ ତୈଳୀୟ ତ୍ୱଚା ହୋଇଥିଲେ, ଭିନ୍ନ ଭାବେ ଯତ୍ନ ନିଅନ୍ତୁ । ଘରୋଇ ଭାବେ ପ୍ୟାକ୍ ପ୍ରସ୍ତୁତ କରି ତାହାକୁ ପୂରା ଶରୀରରେ ଲଗାଇ ପାରିବେ । ପେସ୍ତାବାଦାମକୁ ରାତିରୁ ପାଣିରେ ଭିଜାଇ ରଖନ୍ତୁ । ସକାଳୁ ତାହାକୁ ବାଟି ସେଥିରେ ଅଳ୍ପ କଞ୍ଚା ଖିର ମିଶାଇ ପ୍ୟାକ୍ ଭଳି ଲଗାନ୍ତୁ । ୨୦ ମିନିଟ୍ ପରେ ତ୍ୱଚାକୁ ଧୋଇନେବେ । ନିୟମିତ ଏଇ ପ୍ୟାକ୍ ଲଗାଇଲେ ତ୍ୱଚାରେ ଏକ ଚମକ ଆସିଥାଏ ।

■ କାଜୁକୁ ଭଲଭାବେ ଗୁଣ୍ଡ କରି ସେଥିରେ କମଳା ରସ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାଇବେ । ଦୈନିକ ଏଇ ପ୍ୟାକ୍ ଲଗାଇବା ଦ୍ୱାରା ରଙ୍ଗ ସଫା ହେବା ସହ ବ୍ରଣ ହୋଇନଥାଏ । ଶୁଷ୍କ ତ୍ୱଚାର ଯତ୍ନ ନ ନେଲେ ତ୍ୱଚାର ଚମକ ଶୀଘ୍ର ଦୂର ହୋଇଯାଏ । ଏଣୁ ନିୟମିତ ଭାବେ ଏଇ ଉପାୟ ମଧ୍ୟ ଅବଲମ୍ବନ କରନ୍ତୁ ।

■ ଟମାଟୋ ଓ ମହୁକୁ ସମ ପରିମାଣରେ ନେଇ ମୁହଁ, ବେକରେ ଲଗାଇ ୧୫ମିନିଟ ପରେ ଧୋଇନିଅନ୍ତୁ । ଏହାଦ୍ୱାରା ମୃତ କୋଷିକା ଦୂର ହେବା ସହ ରଙ୍ଗ ସଫା ହୋଇଥାଏ ।

■ କଦଳୀକୁ ଭଲଭାବେ ଚକଟି ସେଥିରେ ନଖ ଉଷୁମ ଖିର ମିଶାଇ ତ୍ୱଚା ଓ ପୂରା ଶରୀରରେ ଲଗାଇପାରିବେ । ୩୦ମିନିଟ୍ ତ୍ୱଚା ନିମନ୍ତେ ଏକ ଉତ୍ତମ ପ୍ୟାକ୍ ।






# ଗୃହିଣୀଙ୍କ ନିମନ୍ତେ ଟିପ୍ସ

ସକାଳ ପହରରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଗୃହିଣୀଙ୍କୁ ଘରର ବିଭିନ୍ନ ଦାୟିତ୍ୱ ତୁଲାଇବାକୁ ପଡ଼ିଥାଏ । ଏସବୁ ଭିତରେ ସେମାନେ ନିଜ ପ୍ରତି ଧ୍ୟାନ ଦେବାକୁ ସମୟ ପାଆନ୍ତିନାହିଁ । ବର୍ତ୍ତମାନ ସମୟରେ ଅଧିକାଂଶ ଗୃହିଣୀଙ୍କ ମୁଖ୍ୟ ସମସ୍ୟା ହେଲା ଓଜନ ବଢ଼ିବା ସମସ୍ୟା । ଏଥିରୁ ମୁକୁଳିବାର ସହଜ ଘରୋଇ ଉପଚାର ମାନ ହେଲା-

○ ଦିନର ଆରମ୍ଭ ଫଳ ଖାଇ କରନ୍ତୁ । କଦଳୀ, ସେଓ ଅବା ଡାଳିମ୍ବ ଏସବୁ ଫଳ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିବା ସହ ଶୀଘ୍ର ଥକ୍କା ଲାଗିନଥାଏ ।

○ ନିଜ ପାଇଁ ଯେପରି ହେଲେ ପ୍ରତିଦିନ ୩୦ମିନିଟ୍‌ରୁ ୧ଘଣ୍ଟା ସମୟ ବାହାର କରନ୍ତୁ । ଏଇ ସମୟରେ ଧ୍ୟାନ, ଯୋଗ କିମ୍ବା ପ୍ରାଣାୟମ ନଚେତ ପାଖରେ ଥିବା ପାର୍କରେ ଚଲାବୁଲା କରନ୍ତୁ । ଏପରି କରିବା ଦ୍ୱାରା ଆପଣଙ୍କୁ ଫୁର୍ତ୍ତି ଲାଗିବ ।

○ ତେଲ- ଛଣାଛଣି ଖାଇବାର ଅଭ୍ୟାସଠାରୁ ଦୂରେଇବା ସହ



ପନିପରିବା ଖାଇବା ଉପରେ ଅଧିକ ଗୁରୁତ୍ୱ ଦେବା ଉଚିତ ।

○ ମାସକୁ ଥରୁଟିଏ ଅନ୍ତତଃ ପାର୍ଲର ଯାଇ ଫେସିଆଲ କରାନ୍ତୁ ।

○ ଖାଦ୍ୟ ପାନୀୟରେ ନିଜେ ସତର୍କ ହେବା ସହ ପରିବାରର ଅନ୍ୟ ସଦସ୍ୟଙ୍କୁ ମଧ୍ୟ ସତର୍କ କରାଇବା ହି ଆପଣଙ୍କର ମୁଖ୍ୟ କର୍ତ୍ତବ୍ୟ । ଓଜନ କମ କରିବାକୁ ଚାହୁଁଥିଲେ ପ୍ରଥମେ ଚିନି ଖାଇବା ବନ୍ଦ କରନ୍ତୁ । ଏହା ପରିବର୍ତ୍ତେ ଗୁଡ଼, ମହୁ ଇତ୍ୟାଦିର ଉପଯୋଗ କରିପାରିବେ ।

○ ଦ୍ୱିପହର ଭୋଜନ ଅବା ରାତ୍ରି ଭୋଜନରେ ସାଲାଡ ନିୟମିତ ଭାବେ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଏପରି କଲେ ଆପଣଙ୍କ ଓଜନ ମଧ୍ୟ ନିୟନ୍ତ୍ରିତ ହୋଇଥାଏ ।

# ଓଜନ କମ କରିବାର ଉପାୟ

**ସୁସ୍ଥ ଶରୀର ନିମନ୍ତେ ସଠିକ୍ ଓଜନ ରହିବା ନିତାନ୍ତ ଜରୁରୀ । ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ କିଛି ଘରୋଇ ଉପଚାର:-**



ଅଧିକାଂଶ ଭାରତୀୟ ଖାଦ୍ୟରେ ଧନିଆ ପତ୍ର ବ୍ୟବହୃତ ହୁଏ । ଏହି ପତ୍ରକୁ ବାଟି ଏକ ଗିଲାସ ଉଷୁମ ପାଣିରେ ମିଶାଇ ପିଅନ୍ତୁ। ୩ଦିନ ପିଇବା ପରେ ଜଣେ ବ୍ୟକ୍ତି ଫରକ୍ ଜାଣିପାରିବ । ୧ମାସ ପିଇଲେ ଜଣେ ବ୍ୟକ୍ତିର ଓଜନ କମ ହୁଏ ।

ସକାଳୁ ତୁଳସୀ ପତ୍ର ଚା ନଚେତ ୫ରୁ ୧୦ଟି ତୁଳସୀ ପତ୍ରକୁ ଚୋବାଇ ଖାଆନ୍ତୁ । ନିୟମିତ ଏହାକୁ ଖାଇଲେ ଓଜନ ନିୟନ୍ତ୍ରଣାଧୀନ ହୋଇଥାଏ । ନଚେତ ତୁଳସୀପତ୍ର ଫୁଟାପାଣି ଦିନକୁ ୪ରୁ୫ ଗିଲାସ ପିଅନ୍ତୁ ।

ଓଜନ କମ ନିମନ୍ତେ ପୋଦିନା ପତ୍ର ମଧ୍ୟ ବେଶ୍ ସହାୟକ । କାକୁଡ଼ି ରସ ସହ ପୋଦିନା ରସ ମିଶାଇ ପିଇଲେ ଓଜନ ନିୟନ୍ତ୍ରିତ ହୁଏ । ଭୃସୁଙ୍ଗ ପତ୍ରକୁ ଛେଚି ଏହାକୁ ଚୋବାଇ ଖାଇଲେ ମଧ୍ୟ ଉପକାର ମିଳେ । ନଚେତ ଏହାକୁ ମଧ୍ୟ ପାଣିରେ ଫୁଟାଇ ପିଇହେବ ।

ଲେମ୍ବୁ ପାଣି ମୋଟା ଲୋକଙ୍କ ପାଇଁ ସବୁଠୁ ଉତ୍ତମ ପାନୀୟ । ଏହା ଶରୀର ପାଇଁ ଭଲ ହେବା ସହ ଓଜନକୁ ଶୀଘ୍ର କମାଏ । ଲେମ୍ବୁ, ରସକୁ ଉଷୁମ ପାଣିରେ ମିଶାଇ ପିଇଲେ ତାହା ତୁରନ୍ତ କାର୍ଯ୍ୟକାରୀ ହୋଇଥାଏ ।

## ବଲ୍ ପଛରେ କୁକୁର ଯାଏ କାହିଁକି ?



ପୋଷା କୁକୁର ସହିତ ବଲ ଖେଳିବା ବେଳେ ସେ ପ୍ରାୟତଃ ଖୁବ୍ ଉତ୍ସାହରେ ବଲ ପଛରେ ଧାଇଁଥାଏ ଏବଂ ଏହାକୁ ପାଟିରେ ଧରି ଆଣି ମାଲିକଙ୍କ ହାତକୁ ବଢ଼ାଇଦିଏ । ଯେତେଥର ବଲ ଫିଙ୍ଗିଲେ ବି ସେ ଚଟାପଟ ଦୌଡ଼ିଯାଇ ଏହାକୁ ଧରିଆଣେ । କୁକୁରର ଏପରି ବ୍ୟବହାର ପାଇଁ କାରଣ ଆବିଷ୍କାର କରାଯାଇ ପାରିନାହିଁ । ତେବେ କୁକୁର ବ୍ୟବହାର ସମ୍ପର୍କରେ ଗବେଷଣା କରୁଥିବା ବୈଜ୍ଞାନିକମାନେ ଜଣାଇଛନ୍ତି ଯେ ଏହା ପଛରେ ତା'ର ଶିକାର କରିବା ପ୍ରବୃତ୍ତି ପ୍ରମୁଖ କାରଣ ହୋଇପାରେ । କୁକୁର ପ୍ରଜାତିର ବିକାଶ ସମୟରେ ଏମାନେ ନିଜ ଶିକାରକୁ ଧରି ରହିବା ଜାଗାକୁ ନେଇ ଆସୁଥିଲେ । ତେଣୁ ବଲ ପଛରେ ଧାଇଁବା ପ୍ରବୃତ୍ତି ଏବକାର କୁକୁର ନିଜ ପୂର୍ବଜଙ୍କଠାରୁ ଆଣିଥାଇପାରନ୍ତି । ସେ ଶିକାର ଧରିଆଣିବା ପରି ବଲକୁ ଆଣି ମାଲିକଙ୍କୁ ଦେଇଥାଏ । ତେବେ ନରୱେର ଗବେଷକମାନେ ଜଣାଇଛନ୍ତି ଯେ ଏହି ସ୍ୱଭାବ ପାଇଁ ଆଡ୍ରେନାଲିନ ହରମୋନ ଦାୟୀ ହୋଇଥାଏ । ଏହି ଖେଳରେ କୁକୁର ଶିକାର କରିବା ପରି ଉତ୍ସାହିତ ହୋଇଥାଏ । ଉତ୍ସାହ କାରଣରୁ ସେମାନଙ୍କ ଶରୀରରେ ହରମୋନ ଅଧିକ କ୍ଷରଣ ହୁଏ ଏବଂ ଏହା ପ୍ରଭାବରେ କୁକୁର ବାରମ୍ବାର ସେହି କାର୍ଯ୍ୟ କରେ ।

# ଚଟାଣ ସଫା ଦେଖାଯିବ

**ଘରର ଚଟାଣ ଯଦି ରଙ୍ଗହୀନ କିମ୍ବା ଅପରିଷ୍କାର ଦେଖାଯାଏ, ତେବେ ଯେତେ ସୁନ୍ଦର ଘର କରିଥିଲେ ବି କିଛି ଲାଭ ରହେନି । ଅପରିଷ୍କାର ଚଟାଣ ବିଭିନ୍ନ ରୋଗର କାରଣ ହୋଇଥାଏ । ସାମାନ୍ୟ ଚେଷ୍ଟାରେ ଚଟାଣକୁ ସଫା ରଖାଯାଇପାରିବ ।**

◆ କଳା ଏବଂ ଲାଲ ରଙ୍ଗର ଟାଇଲ ଶୀଘ୍ର ମଇଳା ହୋଇଯାଏ । ବାଲଟିଏ ପାଣିରେ ୧କପ୍ ସିରକା ମିଶାଇ ପୋଛିଲେ ଏହା ତୁରନ୍ତ ସଫା ହୋଇଯିବ ।

◆ ତରବରିଆ ଭାବେ ଘର ପୋଛି ସଫା କରିବାକୁ ଚାହୁଁଥିଲେ କେତୋଟି ଲେମ୍ବୁ କାଟି ଏହାର ରସ ଏକ ବାଲଟି ପାଣିରେ ମିଶାଇ ଦେବେ । ଏଥିରେ ପୋଛିଲେ ଚଟାଣରେ ଥିବା ଦାଗ ତୁରନ୍ତ ସଫା ହୋଇଥାଏ ।

◆ ପୋଷାକ ସଫା କରିବା ସମୟରେ ବ୍ୟବହାର କରୁଥିବା ଫାବ୍ରିକ୍ ସଫ୍ଟନରକୁ ବି ଚଟାଣ ସଫା କାମରେ ଲଗାଇହେବ । ତେବେ ଭଲ ଭାବେ ନ ପୋଛିଲେ ଏହାର ଦାଗ ଚଟାଣକୁ ଅଧିକ ଅପରିଷ୍କାର





କରିଦେଇପାରେ ।

◆ ବାଲଟିଏ ପାଣିରେ ୧କପ୍ ଆମୋନିଆ ଅତି ଉତ୍କଟ ଗନ୍ଧଯୁକ୍ତ ଥିବାରୁ ସଫା କରିବା ସମୟରେ ଘରର କବାଟ ଝରକା ଖୋଲା ରଖନ୍ତୁ । ଏହାଦ୍ୱାରା ଦୁର୍ଗନ୍ଧ ପଳାଇବ ।

◆ ଚଟାଣ ଘୋଡ଼ାଇବା ଲାଗି ଆଜିକାଲି ବିଶେଷ ପ୍ରକାରର ପ୍ଲାଷ୍ଟିକ ମ୍ୟାଟ୍ ମିଳୁଛି । ଏଥିରେ ପୂରା ଚଟାଣ ଘୋଡ଼ାଇହେବ । ସଫା କରିବାକୁ ମଧ୍ୟ ସହଜ ।

◆ ବାଲଟିଏ ପାଣିରେ ୧ଚାମଚ ଇଥାନଲ ମିଶାଇ ଚଟାଣ ପୋଛିପାରିବେ ।

# ବୟସ୍କଙ୍କ ପାଇଁ କାମ



ବୟସ୍କ ଲୋକଙ୍କ ସମୟ ସହଜରେ ଅତିବାହିତ ହେଉନାହିଁ । ନିଜ ମନୋରଞ୍ଜନ କରିବା ପାଇଁ ବରଂ ଭିନ୍ନ ଉପାୟ ଭାବିବା ଦରକାର । କେବଳ ବସି ରହିଲେ ସେମାନଙ୍କ ମୁଣ୍ଡରେ ଚିନ୍ତା ପଶିବା ସହ ରୋଗ ମଧ୍ୟ ଅଧିକ ଦୁର୍ବଳ କରିଦିଏ । ବ୍ରିଟେନ ଗବେଷକଗଣ ନିକଟରେ ବୟସ୍କମାନଙ୍କୁ ଏକ ଉପଦେଶ ଦେଇଛନ୍ତି । ତଦନୁଯାୟୀ ପଦକ୍ଷେପ ନେଲେ ସେମାନଙ୍କ ଜୀବନର ଗତି ପଥ ବଦଳିବ ବୋଲି ଗବେଷକଙ୍କ ଦାବି । ବ୍ରିଟେନର ବିଭିନ୍ନ ଅଞ୍ଚଳରୁ ୨ହଜାର ଲୋକଙ୍କୁ ନେଇ ଏକ ପରୀକ୍ଷା କରାଗଲା। ୧ହଜାର ବ୍ୟକ୍ତିଙ୍କୁ ନିୟମିତ ଭାବରେ ଚିତ୍ର ଆଙ୍କିବା ନିମନ୍ତେ ପରାମର୍ଶ ଦିଆଗଲା ଲକ୍ଷ୍ୟ କରାଗଲା, ଯେଉଁ ବ୍ୟକ୍ତିମାନେ ନିୟମିତ ଚିତ୍ର ଆଙ୍କିଲେ ସେମାନଙ୍କ ବ୍ୟବହାର, ଚିନ୍ତା କ୍ରମଶଃ ବଦଳିବାକୁ ଆରମ୍ଭ ହେଲା । ଅନ୍ୟ ବୟସ୍କଙ୍କୁ ମଧ୍ୟ ଚିତ୍ର ଆଙ୍କୁଥିବା ବୟସ୍କମାନେ ଉତ୍ସାହିତ କରିବାକୁ ଲାଗିଲେ । ତେବେ ଅନ୍ୟ ଯେଉଁମାନେ ବୀତସ୍ପୃହ ହୋଇ ଚୁପଚାପ୍ ଜୀବନ ବିତାଉଥିଲେ, ସେମାନଙ୍କ ମଧ୍ୟରୁ କେତେଜଣ ଅକାଳରେ ପ୍ରାଣ ହରାଇଲେ ଓ କିଛି ବ୍ୟକ୍ତି ବିଭିନ୍ନ ମାନସିକ ରୋଗୀ ହେଲେ । ଗବେଷକଙ୍କ ମତରେ, ରଙ୍ଗର ପ୍ରଭାବରୁ ହିଁ ବୟସ୍କ ଲୋକଙ୍କ ମାନସିକ ଅବସ୍ଥାର ଉତ୍ତମ ପରିବର୍ତ୍ତନ ହୋଇଛି । ସେଥିପାଇଁ ଗବେଷକଙ୍କ କହିବାନୁସାରେ, ବୟସ୍କମାନେ ଚିତ୍ର ଆଙ୍କନ୍ତୁ ।

# ଔଷଧରେ ସଂପୂର୍ଣ୍ଣ ଦୂର ହେବ କର୍କଟ




ଦୁଃସାଧ କର୍କଟ ରୋଗରୁ ଉପଶମ ପାଇବା ପାଇଁ ରେଡିଓଥେରାପି ଓ କେମୋଥେରାପି ସମେତ ଗାମା-ନାଇଫ୍ ଅସ୍ତ୍ରୋପଚାର ପରି ଅତ୍ୟାଧୁନିକ ଚିକିତ୍ସା ମାନ ରହିଛି। ତେବେ କୌଣସି ବି ଚିକିତ୍ସା ପଦ୍ଧତିରେ ଆକ୍ରାନ୍ତ ଶରୀରରୁ କର୍କଟ କୋଷ ବା ଟ୍ୟୁମର ସଂପୂର୍ଣ୍ଣ ଦୂରୀଭୂତ ହୋଇନଥାଏ। ତେଣୁ କିଛି ଦିନ ସୁସ୍ଥ ରହିଲା ପରେ ପୁଣି କର୍କଟ ଦେଖାଦେଇଥାଏ। ମାତ୍ର ଭେଷଜ ଇତିହାସରେ ପ୍ରଥମ ଥର ପାଇଁ ମଳଦ୍ୱାର କର୍କଟ ରୋଗୀଙ୍କ ଠାରେ ଔଷଧ ପ୍ରୟୋଗ ହିଁ ସେମାନଙ୍କ ଶରୀରରୁ କର୍କଟ କୋଷଗୁଡ଼ିକୁ ସମୂଳ ଅନ୍ତର୍ଦ୍ଧାନ କରିଦେଇଥିବା ଜଣାଯାଇଛି। ସୂଚନାନୁଯାୟୀ, ନ୍ୟୁୟର୍କ ସହରର ମାନହଟନ୍ ସ୍ଥିତ ମେମୋରିଆଲ୍ ସ୍ଲୋନ କେଟରିଂ କର୍କଟ କେନ୍ଦ୍ରରେ ୧୮ ଜଣ ରୋଗୀଙ୍କ ଠାରେ ଦୀର୍ଘ ଛଅ ମାସ ଧରି 'ଡୋଷ୍ଟାର୍ଲିମାବ୍' ନାମକ ଏକପ୍ରକାର ଔଷଧ ପ୍ରୟୋଗ କରାଯାଇଥିଲା। ପରେ କୌଣସି ବି ରୋଗୀଙ୍କ ଠାରେ ଟ୍ୟୁମରର ଚିହ୍ନବର୍ଣ୍ଣ ନଥିବା ଜଣାପଡ଼ିଥିଲା। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଏହି କର୍କଟ ପୀଡ଼ିତମାନେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ କର୍କଟ ଦୂରୀକରଣ ଚିକିତ୍ସା ପାଇଥିଲେ। ତାହା ଦ୍ୱାରା ସେମାନଙ୍କ ଠାରେ ଦେଖାଦେଇଥିବା ଟ୍ୟୁମର ତ ଦୂର ହୋଇନଥିଲା, ବରଂ ଚିକିତ୍ସା ପରେ ସେମାନଙ୍କର ବିଭିନ୍ନ ପ୍ରତ୍ୟଙ୍ଗରେ ନାନା ପ୍ରକାର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥିଲା। ତେଣୁ ପରୀକ୍ଷାମୂଳକ ଭାବେ ସେମାନଙ୍କୁ 'ଡୋଷ୍ଟାର୍ଲିମାବ୍' ଦିଆଯାଇଥିଲା। ପ୍ରଥମେ ପ୍ରଥମେ ଟ୍ୟୁମରର ଅଳ୍ପ ବୃଦ୍ଧି ଜଣାପଡ଼ିଥିବା ବେଳେ ପରେ ତାହା ଉଭେଇ ଯାଇଥିଲା। ପରେ ଆଶ୍ଚର୍ଯ୍ୟଜନକ ଭାବେ ସେମାନଙ୍କର ଆଉ କୌଣସି ଚିକିତ୍ସା ଦରକାର ପଡ଼ିନଥିଲା। ଏ ପ୍ରକାର ଫଳାଫଳ କର୍କଟ ବିଶେଷଜ୍ଞ ତଥା ଭେଷଜ ଗବେଷକମାନଙ୍କୁ ମଧ୍ୟ ଆଶ୍ଚର୍ଯ୍ୟାନ୍ୱିତ କରିଛି।

# ରୋହି ମାଛ ପୋସ୍ତ

ଅଧିକାଂଶ ଲୋକଙ୍କୁ ମାଛ ଖାଇବା ବେଶ୍ ଭଲ ଲାଗେ। ମାଛକୁ ବିଭିନ୍ନ ପ୍ରକାରର ରୋଷେଇ କରି ସମସ୍ତେ ଖାଆନ୍ତି। କିଏ ମାଛକୁ ତେଲରେ ଡିପ୍ ଫ୍ରାଏ କରି ଖାଏ ତ ଆଉ କିଏ ତରକାରୀ କରି। କିନ୍ତୁ ଆମେ ଆପଣଙ୍କ ପାଇଁ ମାଛର ଏକ ନୂଆ ରେସିପି ଆଣିଛୁ, ଯାହାର ନାଁ ହେଲା ରୋହି ମାଛ ପୋସ୍ତ। ନାଁ ଯେମିତି ଏହାର ଟେଷ୍ଟ ବି ସେମିତି। ଥରେ ଖାଇଲେ ପାଟିରୁ ଜମା ଛାଡ଼ିବନି।

ସାମଗ୍ରୀ: ରୋହି ମାଛ ୫୦୦ ଗ୍ରାମ, ଏକ ଚାମଚ ହଳଦୀ ଗୁଣ୍ଡ, ୩ରୁ ୪ଟି କଞ୍ଚା ଲଙ୍କା, ଏକ କପ୍ ପୋସ୍ତ ବଟା, ୩ରୁ ୪ଟି କଟା ପିଆଜ ତେଲ ଏକ କପ୍, ଲୁଣ ସ୍ୱାଦ ଅନୁସାରେ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ରୋହି ମାଛରେ ଲୁଣ ଓ ହଳଦୀ ଗୁଣ୍ଡ ଗୋଳାଇ ଗରମ ତେଲରେ ଅଳ୍ପ ଛାଣି ରଖନ୍ତୁ। ଏହାପରେ ପ୍ୟାନ୍‌ରେ ତେଲ ଗରମ କରି ସଥିରେ ଜିରା, କଟା ପିଆଜ, କଞ୍ଚା ଲଙ୍କା ଓ ଗୋଟା ରସୁଣ ପାଖୁଡା ପକାଇ ଭାଜନ୍ତୁ। ଏ ସବୁ ଭାଜି ହେବା ପରେ ଛଣା ମାଛକୁ ସେଥିରେ ପକାଇ ତା'ପରେ କଟା ଟମାଟ ଓ ଲୁଣ ପକାଇ ଭାଜନ୍ତୁ। ପରେ ଏଥିରେ ପୋସ୍ତ ବଟାକୁ ପକାଇ କିଛି ସମୟ କଷନ୍ତୁ। ଏହାପରେ ସେଥିରେ ଅଳ୍ପ ପାଣି ଓ ସ୍ୱାଦ ଅନୁସାରେ ଲୁଣ ଦେଇ ଘୋଡାଇ ଦିଅନ୍ତୁ। ଦୁଇରୁ ତିନି ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ରୋହି ମାଛ ପୋସ୍ତ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦେଶର ଅର୍ଥନୀତି...

ଏକ ସମାନ ତଥା ସରଳ ପରୋକ୍ଷ ଟିକସ ବ୍ୟବସ୍ଥା ଦେଶର ଅର୍ଥନୀତି ପାଇଁ ଆବଶ୍ୟକ ଥିଲା, ଆଉ ସେଇ କାରଣରୁ ପାଞ୍ଚ ବର୍ଷ ପୂର୍ବେ ଦେଶରେ ଲାଗୁ କରାଯାଇଥିଲା ସଂସ୍କାରମୂଳକ ଏକକ ଟିକସ ବ୍ୟବସ୍ଥା ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) । ଏହି ବ୍ୟବସ୍ଥା ସମ୍ପ୍ରତି ପାଞ୍ଚ ବର୍ଷ ପୂରଣ କରି ସାରିଛି ଏବଂ ପରିସ୍ଥିତିକୁ ଦେଖି ଏଥିରେ ସମୟାନ୍ତରରେ କେତେକ ଅଦଳ ବଦଳ କରାଯାଇଛି, ଯାହା ସମଗ୍ର ଦେଶ ପାଇଁ ବେଶ କିଛି ଫାଇଦା ଆଣି ଦେଇଥିବା ବେଳେ କିଛି ରାଜ୍ୟଙ୍କୁ ମଧ୍ୟ ଅସନ୍ତୁଷ୍ଟ କରିଛି । ସବୁ ରାଜ୍ୟ ସାମଗ୍ରିକ ଭାବରେ ଦେଶର ଆର୍ଥିକ ଉନ୍ନତି ତଥା ଟିକସଦାତାମାନଙ୍କ ବୃହତ୍ତର ସ୍ୱାର୍ଥ ସାଧନ ଉଦ୍ଦେଶ୍ୟରେ ସେମାନଙ୍କର ଟିକସ ଆଦାୟ କ୍ଷମତାକୁ ଜିଏସ୍‌ଟି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ଜିଏସ୍‌ଟି ମଧ୍ୟ ଗୋଟିଏ ଦୃଷ୍ଟିରୁ ଟିକସର ଉତ୍ତମ ପରିଚାଳନା, ରାଜ୍ୟମାନଙ୍କର ସୀମା ଅତିକ୍ରମ କରି ବିଭିନ୍ନ ପ୍ରକାରର ସାମଗ୍ରୀର ସହଜରେ ପହଞ୍ଚିବାର ପ୍ରବାହ ତଥା ସବୁ ରାଜ୍ୟରେ ସାମଗ୍ରୀଗୁଡ଼ିକର ଦରଦାରେ ସମାନତା ଆଣିବାରେ ସହାୟକ ହୋଇଛି । ଏକ ମାନ୍ଦା ଆରମ୍ଭ ଏବଂ ସାମାନ୍ୟ ନିରୁତ୍ସାହିତ ଟିକସ ଆଦାୟ ପରେ ବିଗତ ଦୁଇ ବର୍ଷ ଭିତରେ ଟିକସ ଆଦାୟର ପରିମାଣ ଏକ ବଳିଷ୍ଠ ଉତ୍ଥାନକୁ ପରିଲକ୍ଷିତ କରିଛି । ଜିଏସ୍‌ଟି ଲାଗୁ ହେବାର ପ୍ରଥମ ଚାରି ବର୍ଷ ଭିତରେ ମାସିକ ଟିକସ ଆଦାୟର ପରିମାଣ ୯୦ ହଜାରରୁ ୧ ଲକ୍ଷ କୋଟି ଟଙ୍କା ଭିତରେ ରହୁଥିବା ବେଳେ ବର୍ତ୍ତମାନ ଏହାର ପରିମାଣ ୧.୨୦ ଲକ୍ଷ କୋଟି ଟଙ୍କାକୁ ଛୁଇଁଲାଣି । ଜିଏସ୍‌ଟି ମଧ୍ୟ ଟିକସ ପ୍ରଦାନ କରିବା, ବିନିବେଶ ଟିକସ ପାଉଣା ଦାବି କରିବା, ଇଡବ୍ଲ୍ୟୁଏସ୍, ଇ-ୱେ ବି ଇତ୍ୟାଦି ତିଆରି କରିବା ନିମନ୍ତେ ଏକ ସମ୍ପୂର୍ଣ୍ଣ ନୂଆ ଡିଜିଟାଲ ବ୍ୟବସ୍ଥା ତିଆରି ହେବା ଦିଗରେ ପଥ କଢ଼ାଇ ନେଇଛି । ଅନେକଗୁଡ଼ିଏ ତ୍ରୁଟି ବିଚ୍ୟୁତି ରହିଥିଲେ ସୁଦ୍ଧା ଏହି ଡିଜିଟାଲ ବ୍ୟବସ୍ଥା ଟିକସର ପରିଚାଳନା ତଥା ଟିକସ ଫାଙ୍କିକୁ ନିରୂପଣ କରିବାରେ ସହାୟତା ପ୍ରଦାନ କରିଛି । ବର୍ତ୍ତମାନ ପର୍ଯ୍ୟନ୍ତ ଏହିସବୁ ସାମଗ୍ରୀଗୁଡ଼ିକର କେବଳ ମାର୍କାମରା ରୂପଗୁଡ଼ିକରେ ପରୋକ୍ଷ ଟିକସ ଧାର୍ଯ୍ୟ କରାଯାଉଥିଲା । ପରିଷଦର ସାମ୍ପ୍ରତିକ ନିଷ୍ପତ୍ତି ନିଚ୍ଛକ ଭାବରେ ନିମ୍ନ ମଧ୍ୟବିତ୍ତ ଶ୍ରେଣୀକୁ ପ୍ରଭାବିତ କରିପାରେ, କାରଣ ଏହି ବର୍ଗର ପରିବାରମାନେ ହିଁ କୌଣସି ପ୍ରକାରର ମାର୍କା ନଥିବା ଖାଦ୍ୟ ସାମଗ୍ରୀକୁ ବେଶୀ କିଣିଥାନ୍ତି, ଯେଉଁଗୁଡ଼ିକୁ ଦୋକାନୀମାନେ ସେମାନଙ୍କର ସୁବିଧା ଦୃଷ୍ଟିରୁ ଆଗରୁ ଫାଙ୍କି କରି ଦେଇଥାନ୍ତି । ତେବେ, ପରିଷଦର ଏହି ନିଷ୍ପତ୍ତି ଟିକସ ଆଦାୟର ପରିମାଣରେ ବୃଦ୍ଧି ଘଟାଇବାର ସମ୍ଭାବନା କମ୍, ଯେହେତୁ ଦୋକାନୀମାନେ ଏଣିକି ଫାଙ୍କି ନକରି ଖାଦ୍ୟ ସାମଗ୍ରୀଗୁଡ଼ିକୁ ବିକ୍ରି କରିବାକୁ ପସନ୍ଦ କରିବେ । ପରିଷଦ ଆହୁରି ମଧ୍ୟ ନିଷ୍ପତ୍ତି ନେଇଛନ୍ତି ଦିନକୁ କୋଠରୀ ପିଛା ୧ ହଜାର ଟଙ୍କାରୁ କମ୍ ଭଡ଼ା ନେଉଥିବା ହୋଟେଲଗୁଡ଼ିକ ଉପରେ ୧୨ ପ୍ରତିଶତ ଟିକସ ଧାର୍ଯ୍ୟ କରିବାକୁ ଗୋଟିଏ ପକ୍ଷରେ ହୋଟେଲ ଉଦ୍ୟୋଗ ଏହି ଟିକସର ପରିମାଣକୁ ଗ୍ରାହକଙ୍କ ଉପରେ ଲଦିବାର ସମ୍ଭାବନା ରହିଥିବା ବେଳେ ଏହି ନିଷ୍ପତ୍ତି ସ୍ୱଚ୍ଛ ଭଡ଼ାବିଶିଷ୍ଟ ହୋଟେଲଗୁଡ଼ିକର ଆର୍ଥିକ ପୁନରୁଦ୍ଧାରକୁ ମଧ୍ୟ ପ୍ରଭାବିତ କରିପାରେ, ଯେଉଁଗୁଡ଼ିକ କୋଭିଡ୍-୧୯ ମହାମାରୀ କାରଣରୁ ପ୍ରସ୍ତୁତ ପରିମାଣରେ କ୍ଷତିଗ୍ରସ୍ତ ହୋଇଛନ୍ତି । ସେହିପରି ରୋଷେଇ ସରଞ୍ଜାମ ଏବଂ ଏଲ୍‌ଇଡି ବଲବଗୁଡ଼ିକ ଉପରେ ଟିକସର ହାରକୁ ୧୨ ପ୍ରତିଶତରୁ ୧୮ ପ୍ରତିଶତକୁ ବୃଦ୍ଧି କରିବାର ନିଷ୍ପତ୍ତିକୁ ମଧ୍ୟ ଏକ ସୁଖଦ ନିଷ୍ପତ୍ତି ବୋଲି ଚିତ୍ କୁହାଯାଇ ପାରିବ, କାରଣ ମେ ମାସରେ ମୁଦ୍ରାସ୍ଫୀତିର ହାର ୭.୪ ପ୍ରତିଶତ ଥିଲା, ଯାହା ବିଗତ ଆଠ ବର୍ଷ ମଧ୍ୟରେ ସର୍ବାଧିକଠାରୁ ମାତ୍ର ୭୫ ବେସିସ୍ ପଏଣ୍ଟ କମ୍ । ଏସବୁ ସାମଗ୍ରୀକୁ ବାଦ୍ ଦେଲେ ପୁନଃପୌନିକ ସ୍ୱଭାବର ହୋଇ ନଥିବା ସାମଗ୍ରୀ ଓ ସେବାଗୁଡ଼ିକ ପ୍ରତି ଅନ୍ୟାନ୍ୟ ପ୍ରସ୍ତାବଗୁଡ଼ିକ ପ୍ରଯୁଜ୍ୟ ହେବ ଏବଂ ବ୍ୟବସାୟିକ ସମୁଦାୟ ଏହାକୁ ଶୋଷଣ କରିନେଇ ପାରନ୍ତି, ଯାହା ମୁଦ୍ରାସ୍ଫୀତିକୁ ହ୍ରାସ କରିବା ଉପରେ ବିଶେଷ ପ୍ରଭାବ ପକାଇବାର ସମ୍ଭାବନା କ୍ଷୀଣ । ନିକଟରେ ଶେଷ ହୋଇଥିବା ପରିଷଦର ବୈଠକ ମଧ୍ୟ ଅନ୍ୟ ଏକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଥିଲା, ଯେହେତୁ ଚାରିଗୋଟି ରାଜ୍ୟ ଜିଏସ୍‌ଟି କ୍ଷତିପୂରଣ ବ୍ୟବସ୍ଥାରୁ ଓହରି ଯାଇ ସେମାନଙ୍କର ନିଜସ୍ୱ ଟିକସ ବ୍ୟବସ୍ଥା ସୃଷ୍ଟି କରିବେ ବୋଲି କହିଛନ୍ତି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଯଦିଓ ଏ ସମ୍ବନ୍ଧରେ ବିସ୍ତୃତ ଭାବରେ କିଛି କହି ନାହାନ୍ତି, ତେବେ ସୁପ୍ରିମ୍‌କୋର୍ଟଙ୍କ ସଦ୍ୟତମ ରାୟ ଆଲୋକରେ ରାଜ୍ୟମାନେ ଯଦି ସେମାନଙ୍କର ନିଜର ରାଜସ୍ୱ ଅର୍ଜନରେ ବୃଦ୍ଧି କରିବା ପାଇଁ ସ୍ୱାଧୀନ ଭାବରେ ସାମଗ୍ରୀ ଓ ସେବାଗୁଡ଼ିକ ଉପରେ ଟିକସ ଧାର୍ଯ୍ୟ କରନ୍ତି, ତା'ହେଲେ ଜିଏସ୍‌ଟି ବ୍ୟବସ୍ଥା ପ୍ରଚଳନ କରାଯିବାର ସବୁଯାକ ଉଦ୍ଦେଶ୍ୟ ପଣ୍ଡ ହୋଇଯିବ।

# ଆମେରିକାର ଭାରତ ବିରୋଧୀ ଅସ୍ତ୍ର



ସୌମେନ୍ଦ୍ର ଜେନା

ଆମେରିକାର ଭାରତ ପ୍ରତି ଦୃଷ୍ଟିକୋଣ ସଂକ୍ରାନ୍ତରେ କେହି ଯଦି ପ୍ରଶ୍ନକରେ ତେବେ କୁହାଯାଇପାରିବ ଯେ ମୁଖମେ ରାମନାମ୍ ବଗଲ ମେଁ ଛୁରା । ଅର୍ଥାତ୍ କ୍ୱାଡଠାରୁ ଜି-୭ ବୈଠକ ସମୟରେ ସ୍ମିତହାସ୍ୟ ବଦଳରେ ବାୟା ବାଇଡେନ ଯେପରି ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ମିଶୁଥିଲେ, କଥା ହେଉଥିଲେ, ଏସବୁ ଔପଚାରିକତା ମାତ୍ର । ଅସଲ ଅସ୍ତ୍ର ବାଇଡେନ ଅଣ୍ଟାରେ ଲୁଚାଇ ରଖିଛନ୍ତି ଯାହାକୁ ଭାରତର ପଶ୍ଚାତରେ ଭିନ୍ନ ଭିନ୍ନ ପ୍ରସଙ୍ଗରେ ଆଘାତ ଦେବାରେ ଲାଗିଛନ୍ତି । କେତେବେଳେ ଜାତିସଂଘର ମାନବାଧିକାର ସଂଗଠନ ହେଉ କିମ୍ବା ଆମେରିକାର ଆନ୍ତର୍ଜାତିକ ଧାର୍ମିକ ସ୍ୱାଧୀନତା ଉଚ୍ଚାୟୁକ୍ତ ହେଉ, ଏମାନଙ୍କ ମାଧ୍ୟମରେ ଭାରତକୁ ନିୟନ୍ତ୍ରଣ କରିବା, ଭାରତର ଛବିକୁ ମଳିନ କରିବା, ଭାରତ ସରକାରଙ୍କ କାର୍ଯ୍ୟକୁ ନିନ୍ଦା କଲାପରି କାର୍ଯ୍ୟ ଜାରି ରହିଛି । ଗୋଟିଏ ସମୟରେ ଆମେରିକାର ଡେମୋକ୍ରାଟ ସରକାର ଭାରତ ସହ ବନ୍ଧୁତା କଥା କହୁଥିଲା ସମୟରେ ଠିକ୍ ସେହି ସମୟରେ ଡେମୋକ୍ରାଟ ଦଳର ସାଂସଦ ଇଲହାନ ଓମର ପାକିସ୍ତାନ ଗସ୍ତକରି ଜାମ୍ମୁ କାଶ୍ମୀର ସଂପର୍କରେ ବିବାଦୀୟ ବୟାନ ଜାରି କରିବା ଚାଲୁରହିଛି । ଏହାକୁ କହନ୍ତି ଆମେରିକାର ଡବଲ ଗେମ୍ । ଭାରତ ପୃଥିବୀର ସବୁଠାରୁ ବଡ ଗଣତାନ୍ତ୍ରିକ ରାଷ୍ଟ୍ର, ବହୁ ପ୍ରାଚୀନ ରାଷ୍ଟ୍ର,ବହୁ ଭାଷୀ, ପନ୍ଥ ଓ ବିଚାରର ରାଷ୍ଟ୍ର । କିନ୍ତୁ ଅତୀତରେ ଭାରତର କ୍ଷତି କରିବା ଉଦ୍ଦେଶ୍ୟରେ ବ୍ରିଟିସ ଶାସକଗଣ ଯେପରି ଭାରତ ବିରୋଧୀ କାର୍ଯ୍ୟ କରୁଥିଲେ, ଠିକ୍ ସେମିତି ଆମେରିକାର ସରକାର ଏବେ କରୁଛନ୍ତି । କେତେବେଳେ ସଂଖ୍ୟାଲଘୁ ମୁସଲିମ ଗୋଷ୍ଠୀଙ୍କୁ, ପୁଣି କେବେ ଶିଖମାନଙ୍କୁ ଆଳ କରି ଭାରତ ବିରୋଧୀ ଆକ୍ରମଣ ଜାରି ରଖିଛନ୍ତି ।

ଆମେରିକାର ଲବିଂ ବ୍ୟବସ୍ଥା ଯୋଗୁ କିପରି ଭାରତ ବିରୋଧୀ ଅଭିଯାନ ସେଠାରେ ଚାଲୁ ରହିଛି ସେ ସଂପର୍କରେ ଭାରତର ବିଦେଶ ମନ୍ତ୍ରୀ ଜେ. ଜୟଶଙ୍କର ନିକଟରେ କ୍ଷୋଭ ପ୍ରକାଶ କରିଥିଲେ । ସେଠାରେ ସରକାରଙ୍କୁ ପ୍ରଭାବିତ କରିବା ପାଇଁ ଭିନ୍ନ ଭିନ୍ନ ସଂସ୍ଥା ମାଧ୍ୟମରେ ବିବରଣୀ ପ୍ରସ୍ତୁତ କରି ଟାର୍ଗେଟରେ ଥିବା ଦେଶ ବିରୋଧରେ ଅଭିଯୋଗ ଅଣା ଯାଇଥାଏ । ଆମେରିକାର ଏହି କମିଶନରେ ନାଦିନେ ମାଏଞ୍ଜା ଅଧ୍ୟକ୍ଷା ଥିଲାବେଳେ କମିଟିର ସଦସ୍ୟ ବର୍ଗରେ ଅରୁଣିମା ଭାର୍ଗବ, ଜେମ୍ସ ଡବ୍ଲ୍ୟୁ କାର, ଫ୍ରେଡେରିକ ଡାଭି, ଖିଜର ଖାଁ, ସାରୋନ କ୍ଲେବାଉମ, ଟୋନୀ ପର୍କିନ୍ସ ପ୍ରମୁଖ ରହିଛନ୍ତି । ୨୦୨୨ରେ ପ୍ରକାଶିତ ଆନ୍ତର୍ଜାତିକ ଧାର୍ମିକ ସ୍ୱାଧୀନତା ବିବରଣୀରେ ଭାରତକୁ ବିପଦପୂର୍ଣ୍ଣ ରାଷ୍ଟ୍ରର ତାଲିକାରେ ରଖିବାକୁ ସୁପାରିସ କରାଯାଇଥିଲା । ଆନ୍ତର୍ଜାତିକ ଧାର୍ମିକ ସ୍ୱାଧୀନତା ଆଇନର ୧୯୯୮ ଘୋଷଣାନୁସାରେ ଆମେରିକା ସରକାର ଧାର୍ମିକ ସ୍ୱାଧୀନତା କ୍ଷୁର୍ଣ୍ଣ ହେବା ସ୍ଥିତିରେ ସଂପୃକ୍ତ ରାଷ୍ଟ୍ରର ନିନ୍ଦା କରିବେ କିମ୍ବା ବ୍ୟକ୍ତିଙ୍କ ସମ୍ପତ୍ତି ଆମେରିକାରେ ରହିଥିଲେ ତାକୁ ଅଚଳ କରିବା ସହ ତାଙ୍କର ଆମେରିକାରେ ପ୍ରବେଶ ଉପରେ କଟକଣା ଲଗାଯିବାର ବ୍ୟବସ୍ଥା ରହିଛି । ୯ ଅଗଷ୍ଟ ୧୯୯୭ରେ ଏହି ବିଲ ଫ୍ରାଙ୍କ ଆର୍ ଉଲ୍‌ଫଙ୍କ ଦ୍ୱାରା ଅଣା ଯାଇଥିଲା, ଯାହା ୧୦ ସେପ୍ଟେମ୍ବର ୧୯୯୮ରେ ଗୃହୀତ ହୋଇଥିଲା । ୨୭ ଅକ୍ଟୋବର ୧୯୯୮ରେ ଏହା ଆଇନରେ ପରିଣତ ହୋଇଥିଲା । ୨୮ ଏପ୍ରିଲ ୨୦୨୨ରେ ଆମେରିକାର ଏହି କମିଶନ ଚୀନ, ପାକିସ୍ତାନ, ଆଫଗାନିସ୍ତାନ, ଭାରତ ସମେତ ୧୧ଟି ରାଷ୍ଟ୍ରକୁ ଏହି ତାଲିକାରେ ରଖିବା ଲାଗି ସୁପାରିସ କରିଥିଲା । ଆମେରିକାନ ମୁସଲିମ ଇନ୍‌ଷ୍ଟିଚ୍ୟୁସନ କମିଶନଙ୍କ ବିବରଣୀର ପ୍ରଶଂସା କରିବା ସହ ୨୦୨୧ରେ ଭାରତରେ ଧାର୍ମିକ ସ୍ୱାଧୀନତା ଖରାପ ହୋଇଥିବା ଅଭିଯୋଗ କରିଥିଲା । ଠିକ୍ ସେମିତି ଦି ଫେଡେରେସନ ଅଫ୍ ଇଣ୍ଡିଆନ ଆମେରିକାନ ଖ୍ରୀଷ୍ଟିଆନ ଅର୍ଗାନାଇଜେସନ ଏବଂ ଇଣ୍ଡିଆନ ଆମେରିକାନ ମୁସଲିମ କାଉନସିଲ ଅଲଗା ଅଲଗା ବିଜ୍ଞପ୍ତିରେ କମିଶନର ପ୍ରଶଂସା କରିଥିଲେ । କଂଗ୍ରେସର ସାଂସଦମାନଙ୍କୁ ରିପୋର୍ଟ ବିଷୟରେ ବୁଝାଇବାକୁ ଯାଇ ଅରୁଣିମା ଭାର୍ଗବ ଭାରତ ସରକାର ମୁସଲମାନ ଏବଂ ଖ୍ରୀଷ୍ଟିଆନଙ୍କୁ ପ୍ରତାଡିତ କରୁଥିବାର ଅଭିଯୋଗ କରିଥିଲେ । ଅରୁଣିମାଙ୍କ ଏହି ଅଭିଯୋଗ ସଂପର୍କରେ ଆମେରିକାର ଅନ୍ୟ ଏକ ସଂସ୍ଥା ହିନ୍ଦୁ ପାକ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଉତ୍ସବ ଚକ୍ରବର୍ତ୍ତୀ କହିଛନ୍ତି ଯେ ଆମେରିକାରେ କାର୍ଯ୍ୟରତ ମୌଳବାଦୀ ମୁସଲିମ ଗୋଷ୍ଠୀ ଜଷ୍ଟିସ ଫର୍ ଅଲ୍ ଏବଂ ପାକ୍ ସମର୍ଥିତ କାଶ୍ମୀରୀ ଗୋଷ୍ଠୀର ଏକ ପ୍ଲାଟଫର୍ମ ଭାବେ ଏହି କମିଶନ କାର୍ଯ୍ୟ କରିଆସିଛି । ସେହିପରି ୱାର୍ଲ୍ଡ ହିନ୍ଦୁ କାଉନସିଲ୍ ଅଫ୍ ଆମେରିକାର ଅଧ୍ୟକ୍ଷ ଅଜୟ ଶାହାଙ୍କ କହିବାନୁସାରେ ଆମେରିକାର ଏହି କମିଶନକୁ ଭାରତ ବିରୋଧୀ ଏବଂ ହିନ୍ଦୁ ବିରୋଧୀ ସଦସ୍ୟମାନେ ଦଖଲକୁ ନେଇଛନ୍ତି । କାରଣ ଏହାର ଅନେକ ସଦସ୍ୟ ଭାରତ ଏବଂ ହିନ୍ଦୁ ବିରୋଧୀ କାର୍ଯ୍ୟକ୍ରମଗୁଡିକରେ ଯୋଗଦେଇ ଆସୁଛନ୍ତି । ସେମାନଙ୍କର ଲକ୍ଷ୍ୟ ହେଲା ନିର୍ଦ୍ଦିଷ୍ଟ ଏଜେଣ୍ଡା ନେଇ କାର୍ଯ୍ୟକରିବା ସହ ନିର୍ଦ୍ଦିଷ୍ଟ ଗୋଷ୍ଠୀରେ ଭୋଟ ବ୍ୟାଙ୍କ ଗଠନ କରିବା ।

୨୦୨୨ରେ ଯେଉଁ ୧୫ଟି ଦେଶକୁ ସିପିସି (ବିପଦଥିବା ରାଷ୍ଟ୍ର) ତାଲିକାରେ ରଖାଯିବାକୁ କୁହାଯାଇଥିଲା ତାହା ଏହିପରି ମ୍ୟାନମାର, ଚୀନ, ଇରିଟ୍ରିଆ, ଇରାନ, ଉତ୍ତର କୋରିଆ, ପାକିସ୍ତାନ, ରୁଷିଆ, ସାଉଦି ଆରବ, ତାଜିକିସ୍ତାନ, ତୁର୍କମେନିସ୍ତାନ, ଆଫଗାନିସ୍ତାନ, ଭାରତ, ନାଇଜେରିଆ, ସିରିଆ ଏବଂ ଭିଏତନାମ । ଗତ ତିନିବର୍ଷ ଧରି ଭାରତକୁ ଏହି ତାଲିକାରେ ରଖି କାର୍ଯ୍ୟାନୁଷ୍ଠାନ ଦାବି କରୁଛି ଏହି କମିଶନ । ଏହି ବିବରଣୀରେ କୁହାଯାଇଛି ଯେ ଭାରତ ସରକାର ମୁସଲମାନ, ଖ୍ରୀଷ୍ଟିଆନ, ଶିଖ, ଦଳିତ ଏବଂ ଅନ୍ୟାନ୍ୟ ସଂଖ୍ୟାଲଘୁ ଗୋଷ୍ଠୀଙ୍କୁ ହଇରାଣ ହରକତ କରୁଛନ୍ତି । ରାଜ୍ୟ ଏବଂ ଦେଶରେ ଥିବା ଆଇନ ଦ୍ୱାରା ସେମାନଙ୍କ ସ୍ୱରକୁ ଚୁପି ଦେବାକୁ ଉଦ୍ୟମ କରୁଛି । ଭାରତରେ ବେଆଇନ କାର୍ଯ୍ୟକଳାପ ନିୟନ୍ତ୍ରଣକାରୀ ଆଇନ (ୟୁଏପିଏ) ଏବଂ ରାଷ୍ଟ୍ରଦ୍ରୋହ ଆଇନ ଭୟର ବାତାବରଣ ନିର୍ମାଣ କରୁଛି । ଆମେରିକାର ଏହି କମିଶନର ସଦସ୍ୟଗଣ ଆମେରିକାରେ ପାକ୍ ଜମାତର ସଂସ୍ଥା ସାଉଣ୍ଡ ଭିଜନର ସହଯୋଗୀ ସଂସ୍ଥା ଜଷ୍ଟିସ ଫଲ ଅଲ୍‌ର କାର୍ଯ୍ୟକ୍ରମରେ ବାରମ୍ବାର ଦେଖାଯାଇଥାନ୍ତି । କହିବାକୁ ଗଲେ ଭାରତରେ ମୋଦି ସରକାର ଆସିବା ପରଠାରୁ ୨୦୧୪ରୁ ଆମେରିକାରେ ଭାରତ ବିରୋଧୀ ସକ୍ରୀୟ ହୋଇ ଉଠିଛନ୍ତି । ପାକ୍‌ର ଜମାତେ ଇସଲାମୀର ଆମେରିକୀୟ ଶାଖା ଇସଲାମିକ ସର୍କଲ ଅଫ୍ ନର୍ଥ ଆମେରିକା, ବର୍ମା ଟାସ୍କ ଫୋର୍ସ,ପ୍ରକଳ୍ପ ଜଷ୍ଟିସ ଫର୍ ଅଲ୍ ଆଦି ଲସ୍କର-ଇ-ତୟବା, ହିଜବୁଲ ମୁଜାହିଦୀନ ସହ ଭଲ ସଂପର୍କରେ ରହିଆସିଛନ୍ତି । ୨୦୧୩-୧୪ରେ ଇସଲାମିକ ସର୍କଲ ଅଫ ନର୍ଥ ଆମେରିକା ପେସାଦାର ଲବି କରୁଥିବା ଭଡାଟିଆ ସଂସ୍ଥା ଫିଡେଲିସ ଗଭର୍ଣ୍ଣମେଣ୍ଟ ରିଲେସନ୍ସକୁ ଦାୟିତ୍ୱ ଦେଇଥିଲା ଆନ୍ତର୍ଜାତିକ ଧାର୍ମିକ ସ୍ୱାଧୀନତା କମିଶନ ସହ ଭାରତ ବିରୋଧୀ ଲବି କରିବା ପାଇଁ । ଫଳ ସ୍ୱରୂପ ୨୦୧୪ରେ କମିଶନର ବିବରଣୀରେ ଭାରତର ମାନଚିତ୍ରରୁ କାଶ୍ମୀରକୁ କାଟି ଅଲଗା କରି ଦିଆଗଲା । କମିଶନ ବିପଦଥିବା ରାଷ୍ଟ୍ରର ତାଲିକାରେ ଭାରତକୁ ବାର୍ଷିକ ରିପୋର୍ଟରେ ରଖିବାକୁ ଆରମ୍ଭ କଲା । ଏଥିପାଇଁ ୪୦ହଜାର ଡଲାର ପ୍ରଦାନ କରାଯାଇଥିଲା ।

ଏହି ସଂସ୍ଥା ୟୁଏସ୍‌ସିଆଇଆର୍‌ଏଫ୍‌ର ପ୍ରମୁଖ ଦାୟିତ୍ୱରେ ଥିବା ବ୍ୟକ୍ତିମାନଙ୍କର ପଞ୍ଜିକା ଦେଖିଲେ ଚକିତ ହେବେ । ଏହାର ନିର୍ଦ୍ଦେଶକ ଗୋଷ୍ଠୀରେ ଥିବା ହାରିସନ ଏକିନ୍ସଙ୍କୁ ପ୍ରୋତ୍ସାହିତ କରିଥିବା ବ୍ୟକ୍ତି ହେଲେ ବ୍ରିଟେନରେ ପାକିସ୍ତାନୀ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିଥିବା ଆକବର ଅହମ୍ମଦ । ପୂର୍ବ ପାକ୍ ବା ବଙ୍ଗଳାଦେଶ ଯୁଦ୍ଧ କାଳରେ ସେ ଜଣେ ପାକ୍ ଉପସଚିବ ଭାବେ ସେଠାରେ କାର୍ଯ୍ୟ କରିଥିଲେ । ଯେତେବେଳେ ଗଣହତ୍ୟା ହୋଇଥିଲା ତାହାର ସେ ମୁକ ସମର୍ଥକ ଥିଲେ । ଏହି କମିଶନରେ ଥିବା ଅରୁଣିମା ଭାର୍ଗବ ଓପନ ସୋସାଇଟୀ ଫାଉଣ୍ଡେସନର ଜଣେ ପୂର୍ବତନ ସଦସ୍ୟା । ସେମିତି ଅଧ୍ୟକ୍ଷା ନାଦିନେ ମାଏଞ୍ଜା ପୂର୍ବରୁ ପାଟ୍ରିଅଟ ଭଏସ ନାମକ ଲବି ଗୋଷ୍ଠୀ ଏବଂ ହାର୍ଡ ୱେୟାର୍ଡ ଗ୍ଲୋବାଲ ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥାର ସଦସ୍ୟା ରହିଥିଲେ । କମିଶନରେ ଥିବା ଶେଖ ଉବୈଦ୍ ଯିଏ କି ଇଣ୍ଡିଆନ ଆମେରିକାନ ମୁସଲିମ କାଉନସିଲ ଚଳାଉଛି ସେ ନିଜ ସହପାଠିନୀ ଅଙ୍ଗନା ଚଟାର୍ଜୀଙ୍କ ସହ ମିଶି କୋଆଲିସନ ଏଗେନେଷ୍ଟ ଜେନୋସାଇଡ୍ ସଂସ୍ଥାର ସହ ପ୍ରତିଷ୍ଠାତା ଥିଲା ବେଳେ ନାଦିନେଙ୍କ ସହ ହାର୍ଡ ୱେୟାର୍ଡ ଗ୍ଲୋବାଲରେ ପରାମର୍ଶଦାତା ବୋର୍ଡର ସଦସ୍ୟ ରହିଛି । ଏମାନେ ଏକ ଇକୋସିଷ୍ଟମ ବା ବ୍ୟବସ୍ଥିତ ଏବଂ ଯୋଜନାବଦ୍ଧ ଭାବେ ଭାରତକୁ ବିରୋଧ କରୁଛନ୍ତି ।

କମିଶନରେ ଭାରତକୁ ବିରୋଧ କରିବାଲାଗି ୨୦୧୮-୨୦ରେ ଦ୍ୱିତୀୟ ଲବି କାର୍ଯ୍ୟ କରିଥିବା ସଂଗଠନ ହେଉଛି ବର୍ମା ଟାସ୍କ ଫୋର୍ସ । ଏହା ଶେଖ ଉବୈଦ ଏବଂ ଅନ୍ୟଜଣେ ବଙ୍ଗଳାଦେଶୀ ଯୁଦ୍ଧ ଅପରାଧୀ ଅସ୍ରଫୁଜାମନ ଖାଁ ଦ୍ୱାରା ସ୍ଥାପିତ । ସେମାନେ ୨୬୮୦୦୦ ଡଲାର ଖର୍ଚ୍ଚ କରି ଭାରତକୁ କମିଶନଙ୍କ ତାଲିକାଭୁକ୍ତ ରାଷ୍ଟ୍ରରେ ରଖିବାପାଇଁ ୨୦୨୦ ଏବଂ ୨୦୨୧ରେ ଉଦ୍ୟମ କରିଥିଲେ । ପାକିସ୍ତାନର ଜମାତେ ଇସଲାମୀର ଆମେରିକୀୟ ଶାଖା ଇସଲାମିକ ସର୍କଲ ଅଫ ନର୍ଥ ଆମେରିକା ଏବଂ ଜଷ୍ଟିସ ଫର ଅଲ୍ ପ୍ରକଳ୍ପ ମାଧ୍ୟମରେ ଭାରତର ସମ୍ମାନରେ ଆଞ୍ଚ ଆଣିଥିଲେ ।

ଭାରତର ବିଦେଶ ମନ୍ତ୍ରୀ ଏସ.ଜୟଶଙ୍କରଙ୍କୁ ଆମେରିକାର ଏହି କମିଶନର ରିପୋର୍ଟ ବାବଦରେ ଥରେ ପ୍ରଶ୍ନ କରାଯିବାରେ ସେ ଉତ୍ତର ଦେଇଥିଲେ ଯେ ଆମେରିକା ଯେପରି ମତବ୍ୟକ୍ତ କରୁଛି ଭାରତର ମଧ ସେମିତି ସ୍ୱାଧୀନ ମତ ରହିଛି । ଆମେରିକାର ଘଟଣା ଉପରେ ଭାରତର ମଧ ଦୃଷ୍ଟି ରହିଛି । ଆବଶ୍ୟକ ସ୍ଥଳେ ଭାରତ ତାର ମତରଖିବ । ଏଠାରେ ସେ ଆମେରିକାରେ ହେଉଥିବା ଭାରତୀୟଙ୍କ ଉପରେ ଆକ୍ରମଣକୁ ଇଙ୍ଗିତ କରିଥିଲେ । କାରଣ ଆମେରିକା ଭିତରେ ବର୍ଣ୍ଣ ବୈଷମ୍ୟବାଦକୁ କେନ୍ଦ୍ର କରି ଅନେକଗୁଡିଏ ଆକ୍ରମଣ ଏବଂ ହତ୍ୟା ଘଟଣା ଘଟୁଥିଲେ ହେଁ ଆମେରିକା ବାହାରେ ଥିବା ଦେଶଗୁଡିକ ସେ ବିଷୟରେ ଅଧିକ କିଛି ଖୋଲାଖୋଲି କହୁନାହାନ୍ତି । ସମସ୍ତେ ଆମେରିକା ଉପରେ ଏପରି ଦୃଷ୍ଟି ରଖି ନିଜସ୍ୱ ରିପୋର୍ଟ ପ୍ରକାଶ କଲେ ଆମେରିକା ପ୍ରଶାସନ ବଳେ ବଳେ ଲଙ୍ଗଳା ହୋଇଯିବ, ଧାର୍ମିକ ସ୍ୱାଧୀନତାକୁ ଆଳକରି ଲବି ବ୍ୟବସ୍ଥାରେ ଅନ୍ୟ ଦେଶଗୁଡିକର ଆଭ୍ୟନ୍ତରୀଣ ପରିସ୍ଥିତିରୁ ଫାଇଦା ଉଠାଇବାକୁ ଚାହୁଁଥିବା ଆମେରିକାର ଦୋମୁହାଁ ଚରିତ୍ରକୁ ଅନ୍ୟମାନେ ଦେଖିପାରିବେ । କଥାହେଲା ଭାରତର ସିଏଏ, ଏନ୍‌ଆର୍‌ସି, ଧର୍ମ ପରିବର୍ତ୍ତନ ବିରୋଧୀ ଆଇନ, ଗୋହତ୍ୟା ବିରୋଧରେ ରାଜ୍ୟମାନଙ୍କରେ ଆଇନ, ଜାଲି ଏନ୍‌ଜିଓଗୁଡିକର ପଞ୍ଜିକରଣ ରଦ୍ଦ କରାଯିବା ପରି ପଦକ୍ଷେପକୁ ଆମେରିକାର ପ୍ରଶାସନ ଏବଂ ସେଠାରେ ବସି ବିଶ୍ୱର ବେପାର କରୁଥିବା ତଥ୍ୟ ସଂଗ୍ରହକାରୀ ଏବଂ ଗୁପ୍ତଚରଗିରିରେ ସଂପୃକ୍ତ ସ୍ୱେଚ୍ଛାସେବୀ ସଂଗଠନଗୁଡିକ ସହଜରେ ହଜମ କରିପାରିନାହାନ୍ତି । ବିଗତ ଦିନମାନଙ୍କରେ ସେମାନଙ୍କର ଅନେକ ଦଲାଲୀ ସଂସ୍ଥାରେ ତାଲା ପଡିଯିବା ଯୋଗୁ ସେମାନେ ଏକାଠି ହୋଇ ଭାରତ ସରକାରଙ୍କୁ ବଦନାମ କରିବାରେ ଲାଗିପଡିଛନ୍ତି । ଆମେରିକାର ପ୍ରଶାସନ ସେମାନଙ୍କୁ ଅସ୍ତ୍ର କରି ଯେପରି ଭାରତର ବିରୋଧରେ ପ୍ରୟୋଗ କରିଚାଲିଛି, ସେଥିପ୍ରତି ଭାରତର ସରକାର ଏବଂ ଜନସାଧାରଣ ସଚେତନ ରହିବା ସହ ସେମାନଙ୍କୁ ବିରୋଧ କରିବା ଦରକାର ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ହାଇକୋର୍ଟ ନିଶା ଉପରେ ରୋକ୍ ଲଗାଇବା ପାଇଁ ମନା କଲେ



ସୁବ୍ରତ କର

ନିଶା ବୋଇଲେ ଆମେ ବୁଝୁ ପାନ, ବିଡ଼ି, ସିଗାରେଟ ଠାରୁ ଆରମ୍ଭ କରି ମଦ, ଗଞ୍ଜେଇ, ଚରସ, ଧଳା ଜହର ଏବଂ ଆହୁରି ଅନେକ କିଛି । ଏବେ କଥା ହେଉଛି ରାଜ୍ୟର ସର୍ବୋଚ୍ଚ ନ୍ୟାୟାଳୟ ମଦ ଉପରେ ରୋକ୍ ଲଗେଇବେ ନାହିଁ । ରାଜ୍ୟ ସରକାରଙ୍କ ତରଫରୁ ସୁନ୍ଦର ଯୁକ୍ତି ରଖା ହୋଇଥିଲା । ମାନ୍ୟବର ବିଚାରପତିମାନଙ୍କ ଆଗରେ । ପ୍ରଥମ ହେଲା ନିଶିଦ୍ଧ ମଦ କାରବାରକୁ ବନ୍ଦ କରିବାକୁ ସରକାର ସବୁ ପ୍ରକାର ଚେଷ୍ଟା ଚଳାଇଛନ୍ତି । କିନ୍ତୁ ବିଦେଶୀ ମଦ ଦୋକାନ (ସରକାରଙ୍କ ତରଫରୁ ଲାଇସେନ୍ସ ପ୍ରାପ୍ତ) ସବୁ ଠିକ୍‌ଠାକ୍ ଚାଲିବ କାରଣ ଏହି ମଦ ବିକ୍ରିରୁ ସରକାର କାର୍ଯ୍ୟକୁ ପ୍ରାୟ ୪୦୦୦ କୋଟିରୁ ୪୫୦୦ କୋଟି ଟଙ୍କା ରାଜସ୍ୱ ବାବଦକୁ ପାଉଛନ୍ତି । ମଦ ଦୋକାନ ବା ହୋଟେଲରେ ଥିବା ବାର ଗୁଡ଼ିକ ବନ୍ଦ କରିଦେଲେ ଏହା ବାହାରୁ ଆସୁଥିବା ଏବଂ ରାଜ୍ୟ ଭିତରେ ଥିବା ଟୁରିଷ୍ଟମାନଙ୍କ ଉପରେ ପ୍ରଭାବ ପକାଇବା ବହୁତ ସମ୍ଭାବନା ରହିଛି । ଏହାକୁ ବିସ୍ତାର କରିବା ପାଇଁ ସମସ୍ତ ବେଳାଭୂମି ମାନଙ୍କରେ ଖୋଲା ମଦ ବିକ୍ରି ପାଇଁ ସରକାରଙ୍କ ତରଫରୁ ବ୍ୟବସ୍ଥା କରା ଯାଇଥିଲା । ପରେ ଜନ ସାଧାରଣ ଏବଂ ମଦ ବିରୋଧୀ ଆନ୍ଦୋଳନକାରୀମାନଙ୍କ ବିରୋଧ ପାଇଁ ଏହା ଆଉ ସମ୍ଭବପର ହୋଇ ପାରି ନଥିଲା । କିନ୍ତୁ ଆଉ ପଛକୁ ଦେଖିଲେ ଏହି ମଦ ନିଶା ଦ୍ୱାରା ରାଜ୍ୟରେ ଲୋକ ହଣାକଟା ଏବଂ ଦୁର୍ଘଟଣାରେ କେତେ ଲୋକ ମୃତ୍ୟୁବରଣ କରୁଛନ୍ତି ତାହାର ହିସାବ ଦିଆ ହେଲା ନାହିଁ । କେତେ ଘର ସଂସାର ପ୍ରତିଦିନ ଉଜାଡ଼ି ଯାଉଛି, କେତେ ସ୍ତ୍ରୀ ସ୍ୱାମୀ, ପୁତ୍ର, ବାପା ହରାଇଛନ୍ତି ତାହାକୁ ବିଚାରକୁ ନିଆଗଲା ନାହିଁ । ଦୁର୍ଘଟଣା ହେବାର ମୂଳ କାରଣ ଏବଂ ଏହା ପାଇଁ ହେଉଥିବା ମୃତ୍ୟୁ ପାଇଁ ମଦ ଏକମାତ୍ର ଦାୟୀ ଏହାକୁ ମଧ୍ୟ ହିସାବକୁ ନିଆ ହେଲା ନାହିଁ । ଏହି ସମୟରେ ଯଦି କୋର୍ଟ ହସ୍ତକ୍ଷେପ କରି ଥାଆନ୍ତି । ତେବେ ଆମ ରାଜ୍ୟ ସାରା ଦେଶରେ ମଦ ପିଇବାରେ ଏକ ନମ୍ବର ସ୍ଥାନ ଅଧିକାର କରି ନଥାଆନ୍ତା । ସରକାର ଚାହୁଁଛନ୍ତି ଏବେ ଯେଉଁ ୨୭ଭାଗ ଲୋକେ ଆମ ରାଜ୍ୟରେ ମଦ ପିଉଛନ୍ତି ଏହା ବଢ଼ି ୫୦ ଭାଗ ପର୍ଯ୍ୟନ୍ତ ପହଞ୍ଚିବା ଦରକାର ଏବଂ ଆମେ ସଦାବେଳେ ଏକ ନମ୍ବର ସ୍ଥାନରେ ରହିବା ଏବଂ ଏହା ଆମ ପାଇଁ ଏକ ଗର୍ବ ଏବଂ ଗୌରବର ବିଷୟ ହୋଇ ରହିବ । ଖାଲି ମଦରେ କାହିଁକି ଏବେକାର ଖବର ଅନୁସାରେ ଆମ ରାଜ୍ୟ ବ୍ରାଉନ ସୁଗାରରେ ମଧ୍ୟ ଏକ ନମ୍ବର ସ୍ଥାନ ଅଧିକାର କରିବାକୁ ଯାଉଛି । ପ୍ରାୟ ୧ଲକ୍ଷର ଅଧିକ ଯୁବକ ଯୁବତୀ ଏହି ଧଳା ଜହର ବା ବ୍ରାଉନ ସୁଗାର କବଳରେ କବଳିତ । ଏବଂ ଏବେ ବର୍ଷକୁ ୭୦୦ କୋଟି ଟଙ୍କାର ସାରା ରାଜ୍ୟରେ ବ୍ରାଉନ ସୁଗାରର କାରବାର ଚାଲିଛି ଏବଂ ଆଗକୁ ବଢ଼ି ପଞ୍ଜାବ, ଗୁଜରାଟ ଭଳି ରାଜ୍ୟକୁ ଟପି ମଦ ଭଳି ଏକନମ୍ବର ସ୍ଥାନ ଅଧିକାର କରି ସାରା ରାଜ୍ୟକୁ ଗୌରାବାନ୍ୱିତ କରିବ ଏବଂ ସେତେବେଳେ ସରକାର ହସିବେ, ଖୁସି ହେବେ ଏବଂ ଆନନ୍ଦିତ ହେବେ ।

## କବିତା କୋଣାର୍କ

### ଏତେ ରାଗ ଅଭିମାନ କାହାକୁ

**ପ୍ରଶାନ୍ତ ବ୍ରହ୍ମା**

ପହିଲି ସକାଳ ର ପହିଲି କିରଣ ମାରେ
ମୋ ଦେହକୁ
ମାରେ ତୋ ଦେହକୁ।
କରେନାହିଁ ଭେଦ କିରଣ ଭେଦ
ତୋର ମୋର ଏତେ ରାଗ ଅଭିମାନ
କାହାକୁ ? ॥

ଆମ ଗାଁ ବାଡି ଶାଗ ଯାଏ ତୁମ ଗାଁ କୁ
ରଖି ଦିଅ ଆନନ୍ଦେ ତାହାକୁ।
କରେନାହିଁ ଭେଦ ଶାଗ ଭେଦ
ତୋର ମୋର ଏତେ ରାଗ ଅଭିମାନ
କାହାକୁ ? ॥

ଯେବେ ଆମ ବାଡି ତଳେ କୋଇଲି
ଟି ଗାଏ ଗୀତ ଶୁଭୁଥାଏ ତୁମ ଗାଁକୁ।
କରେନାହିଁ ଭେଦ କୋଇଲି ଭେଦ
ତୋର ମୋର ଏତେ ରାଗ ଅଭିମାନ
କାହାକୁ ? ॥

ଯେବେ ଆମ ଗାଁ ନଈର ଧାର
ବୋହିଯାଏ ତୁମ ଗାଁ ମୁଣ୍ଡ ପଖୋରୀକୁ।
କରେନାହିଁ ଭେଦ ନଈ ଭେଦ ତୋର
ମୋର ଏତେ ରାଗ ଅଭିମାନ
କାହାକୁ ? ॥

ଆକାଶର ଚାନ୍ଦ ଆଲୁଅଟା ପଡେ ମୋ
ଅଗଣାକୁ ପଡେ ତୋ ଅଗଣାକୁ।
କରେନାହିଁ ଭେଦ ଚାନ୍ଦ ଭେଦ ତୋର
ମୋର ଏତେ ରାଗ ଅଭିମାନ
କାହାକୁ ? ॥

ନିତି ଆସଇ ମୁଁ ତୁମ ଗାଁ ବାଡି ପଛପଟ
ଦେଇ ନିତି ଆସୁ ତୁ ଆମ ଗାଁକୁ।
କରେନାହିଁ ଭେଦ ଗାଁ ଭେଦ ତୋର
ମୋର ଏତେ ରାଗ ଅଭିମାନ
କାହାକୁ ? ॥

ପଳାଶପୁର, ଖୋର୍ଦ୍ଧା

### ଚାଲ ଯିବା ପୁରୀ


**ରୋହିତ ସେଠୀ**

ବିଳମ୍ବ ନକରି ଚାଲ ଯିବା ପୁରୀ
ମିତଣୀ ବଉଳ ମୋର
ପବିତ୍ର ଶ୍ରୀକ୍ଷେତ୍ରେ ଚରଣ ଅରପି
ଦେଖିବା ତିନି ଠାକୁର...।

ଆଶା ଅସୁମାରୀ ବଢ଼ି ବଢ଼ି ଯାଏ
ଶ୍ରୀମୁଖ ଦର୍ଶନ ପାଇଁ
ବାଡ଼ିର ତୁଳସୀ ଯତନେ ତୋଳିଛି
ମଥାରେ ଦେବା ଯେ ନାଇ,
କାଳ ବିଳମ୍ବ ନ କରି
ଚାଲ ଯିବା ଆମେ ପୁରୀ...।

ହୃଦ ଗଣ୍ଠିଲିରେ ମନ ସିନ୍ଦୁକରେ
ଭକତି ରଖିଛି ଯେତେ
ବେନି ନୟନରେ ଭାବପୂର୍ଣ୍ଣ ଜଳ
ଢାଳିଦେବି ପ୍ରଭୁ ଯେତେ,
ମନ ଟାଣିଲାଣି ଭାରି
ଚାଲ ଯିବା ଆମେ ପୁରୀ...।

ମହୋଦଧି କୂଳେ ସିନାନ ସାରିଣ
ବଡ଼ଦାଣ୍ଡେ ହୋଇ ଠିଆ
ଦୁଇ ବାହୁ ଟେକି ସମର୍ପିତ ଚିତ୍ତେ
ସ୍ମରି କାଳିଆ କାଳିଆ,
କରିବା ତାଙ୍କୁ ଗୁହାରୀ
ଚାଲ ଯିବା ଆମେ ପୁରୀ..।



ଦୁତିମେଣ୍ଡି, ଖଜୁରୀପଡ଼ା, କନ୍ଧମାଳ
ମୋ: ୭୭୩୫୨୧୪୩୭୯

### ସ୍ୱାର୍ଥପର

**କୁମୁଦ ଚନ୍ଦ୍ର ନାଗ**

ଏଠି ସର୍ତ୍ତ ରଖି
ସମସ୍ତେ ସମ୍ପର୍କ ରଖନ୍ତି,
ସର୍ତ୍ତ ଶେଷ ହୋଇଗଲେ
ଦୂରେଇ ଯାଆନ୍ତି...!!
ଏଠି ନିଜର ସମୟ ଠିକ୍ ଥିଲେ
ପରର ମଣିଷବି ଆପଣାର ହୁଅନ୍ତି,
ସମୟ ଖରାପ ଥିଲେ
ଆପଣାର ମଣିଷବି ଦୂରେଇ ଯାଆନ୍ତି...
ଏଠି କାର୍ଯ୍ୟ ହାସଲ ପାଇଁ
କେତେ ମିଛ ପ୍ରେମ ଓ ପ୍ରତିଶ୍ରୁତି,
ସମ୍ପର୍କ ନା'ରେ
କେତେ ଅଭିନୟ ଓ
ଦେଖାଣିଆ ଭକ୍ତି...!!
ସ୍ୱାର୍ଥ ପାଇଁ...
କେତେ ଚିକିଣିଆ କଥା,
ଏଠି ସମସ୍ତେ ସୁଖ ସମୟର ବନ୍ଧୁ ହୁଅନ୍ତି
ଦୁଃଖ ସମୟରେ ପଛଘୁଞ୍ଚା ଦିଅନ୍ତି...!!
ଏଠାରେ ପ୍ରତି ମୁହୂର୍ତ୍ତ ଜଳେ
ସ୍ୱାର୍ଥର ନିଆଁରେ...
ସିଗାରେଟ୍'ର ଧୂଆଁ, ନିଆଁ ଭଳି
ଏ ସ୍ୱାର୍ଥର ନିଆଁରେ ନିଜକୁ
ଜଳିବାକୁ ହେବ
ଆଉ ଅନ୍ୟକୁ
ଜାଳିବାକୁ ମଧ ହେବ...!!

ବିକ୍ରମ ଦେବ ସ୍ୱୟଂଶାସିତ
ମହାବିଦ୍ୟାଳୟ,ଜୟପୁର
ସ୍ନାତକୋତ୍ତର ପ୍ରଥମ ବର୍ଷ, ଓଡ଼ିଆ
ବିଭାଗ

### ରାକ୍ଷସ

**ଲକ୍ଷ୍ମୀଧର ସିଂ**

ମାୟାବୀ ରାକ୍ଷସଟା
କେତେବେଳେ କେଉଁ ରୂପଧରି ଆସୁଛି
କେଉଁଠି କାହାକୁ ଛକି ବସୁଛି
କେବଳ ତାକୁ ହିଁ ଜଣା
କେତେବେଳେ ନିଜର ହୋଇ
ବିଶ୍ୱାସରେ ବିଷ ଦେଉଛି ତ
କେତେବେଳେ ସମ୍ପୂର୍ଣ୍ଣ
ଅପ୍ରତ୍ୟାଶିତ ଭାବେ
କାହା ଉପରେ ଝାମ୍ପିପଡି
ବିଦାରି ପକାଉଛି
କାହାକୁ ଦରମରା କରି ଛାଡୁଛି ତ
କାହାକୁ ପୁରା ମାରି ଦଉଛି
ନାରୀ ମାଂସ ଲୋଭି ରାକ୍ଷସ ସେ
ଦୁର୍ଦ୍ଦଷ, ଦୁର୍ଦ୍ଦାନ୍ତ
ପିଲା, ବୟସ୍କା, ବୃଦ୍ଧା
କାହାରିକୁ ଛାଡୁ ନି
କେତେ ଛବିରାଣୀ
କେତେ ନିର୍ଭୟା
କେତେ ଅଞ୍ଜନା
କେତେ ମମିତା
ଆହୁରି କିଏ କିଏ....
ତାର ବଳିଷ୍ଠ ପଞ୍ଜାରେ
ଜୀବନ ହାରିଲେଣି
କିଏ ଜାଣେ ଆହୁରି କିଏ କିଏ...
ଆଗକୁ ଏ ତାଲିକାରେ ଯୋଡି ହେବେ।
ଗାଁ ଠୁ ସହର
ରୋଷେଇ ଘରୁ ଠୁ ଶୋଇବା ଘର
ହୋଟେଲ
ରାସ୍ତା କଡ଼, ଜଙ୍ଗଲ ମଝି
ବସରେ, ଟ୍ରେନରେ
କାର ଭିତରେ
ସବୁଠି ତାର କାୟା
ଛାଇ ଭଳି ରହିଛି ।
ମେଞ୍ଚାଏ ଅନ୍ଧାର ହଉକି
ଶୂନଶାନ ଦ୍ୱିପ୍ରହର
ସଭ୍ୟ ମୁଖା ତଳେ ରାକ୍ଷସଟା
ଅଟ୍ଟହାସ କରୁଛି
ଆଇନ କାନୁନ ଖାତିର କରୁନି
ନା ଫାଶୀ
ନା କାରାଗାରର ଭୟ ଅଛି ।
ଗୋଟିଏ ରୂପରେ ମରିଲେ
ଶତ ସହସ୍ର ରୂପରେ ଜନ୍ମ ହେଉଛି ।
ନାରୀର ବେଦନାସକ୍ତ
ଚିତ୍କାର ଶୁଣିବା ପାଇଁ
ସେ ପାଗଳ ହୋଇ ଘୁରି ବୁଲୁଛି ।
କାହାର ଜୁ' ଅଛି
ତାକୁ ଦମନ କରିବ ?
ତା କାନରେ ଫୁଙ୍କି ଦେଇ ପାରିବ
ସଦବୁଦ୍ଧିର ମନ୍ତ୍ର ଗୁଡାକ......

ଅଁଳାପାଳ, ଗରଡିହି, ବାଲେଶ୍ୱର
ମୋ: ୬୩୭୦୦୨୬୮୦୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ସୋମବାର, ୦୪ ଜୁଲାଇ ୨୦୨୨

# ଚପଲ



ଡ. ନରେନ୍ଦ୍ର କୁମାର ସେଠୀ
ବୈଜ୍ଞାନିକ, ଭାବା ପରମାଣୁ ଗବେଷଣା କେନ୍ଦ୍ର, ପରିବେଶ ପରୀକ୍ଷାଗାର, ପୂର୍ବ ସିଂଭୂମି, ଯାଦୁଗୁଡା ଝାରଖଣ୍ଡ-୮୩୨୧୦୨,
ମୋ: ୭୦୦୪୦୬୮୧୧୦



ବିଭୁଦତ୍ତ ମନ ଟାଣ କଲା । ଯାହା ହେଉ ପଛେ ସେ ଚାଲିବ । ବାଟର ବା ବହପ କେତେ । ଯୋଉଠି ହେଲେ ତ ସରିବ। ଦିନେ ଦୁଇଦିନ ଯାହା ଲାଗୁ । ମଣିଷ ତିଆରି ବାଟ । ମଣିଷ ପାଇଁ । ସେ କୋଉ ଏକୁଟିଆ । ତା ପରି ଅନେକ ପିଲା ଛୁଆ ଧରି ଗଣ୍ଠିଲି ମୁଣ୍ଡେଇ ଚାଲିଛନ୍ତି। ଶହ ଶହ ହତାଶ ଓ ହାଲିଆ ଦେହର ଧାର । ଦିଲ୍ଲୀରୁ ପଲ୍ଲୀ ମୁହାଁ ହେଇ ଛୁଟି ଯାଉଛନ୍ତି ମଣିଷ ପଲ୍ଲ । ପଙ୍ଗୁ, ବାର୍ଦ୍ଧକ୍ୟ, ଯୁବକ, ରୁଗ୍ଣ କାହାରି ନିଘା ନାଇଁ କାହା ପ୍ରତି । ମାଡି ଆସିଥିବା ଅଜଣା ଆତଙ୍କ ଆଗରେ ଶରଣାର୍ଥୀ ହେଇ ଆଗେଇ ଯାଉଛନ୍ତି ସମସ୍ତେ । ଦିଶୁ ନଥିବା ଏକ ଭାଇରସ ବିଭୁଦତ୍ତକୁ ମଧ ଅଡୁଆରେ ପକେଇଚି । ଏକ ମାତ୍ର ବିକଳ୍ପ ଚାଲି ଚାଲି ପଳାୟନ କରିବା ।

ସ୍ୱଳ୍ପ ପ୍ରୟାସରେ ଗାଡି ପରି ଆଗକୁ ମାଡି ଯାଉଥିବା ଏକ ଚକ ଲଗା ଆଟାଚି ଉପରେ ଶୋଇ ପଡିଥାଏ ପାଞ୍ଚ ଛ ବର୍ଷର ପିଲାଟିଏ । ଗାଲ ମାଡି ପେଟ ଠାରୁ ଛାତି ପର୍ଯ୍ୟନ୍ତ ଦେହକୁ ପାରି ଦେଇଥାଏ । ହାଲିଆ ହେଇ ପଡିଥବା ଦେହରୁ ଓହଳି ପଡିଥିବା ଗୋଡ଼ ଦୁଇଟି ଝୁଲୁ ଥିଲା ମାଟି ଛୁଇଁ ନପାରି । ଝୁଲୁ ଥିବା ପାଦରେ ଥିଲା ଦୁଇଟି ନିଳ ରଙ୍ଗର ନୂଆ ଚପଲ । ନିଦରେ ଥାଇ ମଧ୍ୟ କାଳେ ଚପଲ ପଡିଯିବ ବୁଢା ଆଙ୍ଗୁଠି ଟିପରେ ଚାପି ରଖିଛି । ଆଟାଚିର ଚକ ଟିକେ ଅସନ୍ତୁଳିତ ହେଇଯିବାରୁ ଚପଲ ପଟେ ଖସି ପଡ଼ିଲା ପିଲାଟିର ପାଦରୁ । 'ବୋଉ...ଚପଲ..!' ହଠାତ ଅଟକି ଗଲା ଆଟାଚିର ଗତି । ଚପଲକୁ ଉଠେଇ ପୁଣି ରଖିଦିଆ ଗଲା ପିଲାଟିର କୋମଳ ପାଦରେ । ସେ ଆଶ୍ୱସ୍ତ ହେଇ ପୂର୍ବପରି ଚପଲକୁ ବୁଢା ଆଙ୍ଗୁଠିରେ ଚାପି ରଖି ଶୋଇ ପଡ଼ିଲା । ଆଟାଚିର ଚକ ସହ ବିଭୁଦତ୍ତ ତାଳ ଦେଇ ପାଦ ବଢ଼େଇଲା । ପିଲାଟିର ବାପା ଘର ଯାକର ସବୁ ବୋଝକୁ ମୁଣ୍ଡେଇ ଟିକେ ଦୂରରେ ଆଗକୁ ମାଡି ଯାଉଥିଲା । ମା ଟାଣୁଥିଲା ଆଟାଚି। ବିଭୁଦତ୍ତ ପିଲାଟିକୁ ଦେଖି ଶଙ୍କି ଗଲା। ଟାଣ ଖରାରେ ଝରି ପଡୁଥିବା ଝାଳ ବୁନ୍ଦା ଗୁଡିକ ଜମି ଯାଇ ତା ମଥାର ଲୋମ ଗୁଡିକୁ ଓଦା କରି ଦେଇଥିଲା । କେତେବାଟ ବା ଏମିତି ଯିବ ସେ । ଯାହା ହେଉ ଚକ ଲଗା ଆଟାଚି ତାର ସାହା ଭରସା ଥିଲା।

ବିଭୁଦତ୍ତକୁ ଆଗକୁ ଯିବାକୁ ହେବ । ସଅଳ। ଦୁଇ ବର୍ଷ ତଳେ ପାନ ବରଜ ମରି ଯିବାରୁ ବାହାରକୁ ଯାଇ କିଛି କମେଇବାକୁ ମନସ୍ଥ କରିଥିଲା ସେ । ପିଲାଦିନୁ ବାପଠୁ ଶିଖିଥିଲା ରାଜମିସ୍ତ୍ରୀ କାମ । ସେଇ ମିସ୍ତ୍ରୀ ମଜୁରିଆ ଭାବରେ ଆସି ଦିଲ୍ଲୀର ଚାରିଆଡେ କାମ କଲା ବିଭୁଦତ୍ତ । କିଛି ଦିନ କାମ କରିବା ପରେ ଚାରିଆଡେ ଶୁଣା ଗଲା କଅଣ ଗୋଟେ ରୋଗ ମାଡି ଆସୁଛି । ଘରୁ ବାହାରକୁ ବାହାରିବା ମନା । ଗାଡି ଘୋଡା କଳ କାରଖାନା ସବୁ ବନ୍ଦ । ଦଶ ପନ୍ଦର ଦିନ ପରେ ମଧ ପରିସ୍ଥିତି ସୁଧୁରିଲାନି । ଭୋକରେ ଏଇଠି ମରିବା ଅପେକ୍ଷା ନିଜ ନିଜ ଭିଟା ମାଟିକୁ ଧାଇଁବାକୁ ଲାଗିଲେ ସମସ୍ତେ । ଆସିଲା ବେଳେ ଗାଁରୁ ଭୁବନଶ୍ୱର ହେଇ ଦିଲ୍ଲୀ ଯାଏଁ ତିନି ଦିନ ଲାଗିଥିଲା ରେଳ ଗାଡ଼ିରେ ବିଭୁଦତ୍ତକୁ । ଆଉ ଅଇନା ଦିଲ୍ଲୀରୁ ଦରିଆ କୂଳ ଗାଁ ଯାଏ ଯେତେଦିନ ଲାଗୁ ପଛେ ସେ ଚାଲିବ । ବିଭୁ ଦତ୍ତ ଆଗେଇବାକୁ ଲାଗିଲା। ରାସ୍ତା ଦୁଇ କଡରେ ଆକାଶ ଯାଏଁ ଲମ୍ବି ଯାଇଥିବା ବଡ଼ ବଡ଼ କୋଠା । ବିଭୁଦତ୍ତ ଅନେଇଲା । କୋଉ ନା କୋଉ କାନ୍ଥରେ ସେ ଯୋଡିଥିବ ଇଟା । ମଜବୁତ ହେବା ପାଇଁ ଦେଇଥିବ ଲୁହା ରଡ଼ । ସିମେଣ୍ଟ ବାଲି ଗୋଡି ମିଶେଇ ମାଟି ଭିତରୁ ବାହାରି ଆସିଥିବେ ଅନେକ ଅନେକ ପିଲାର । କୋଠା ତିଆରି ସରିଲେ ବିଭୁଦତ୍ତର କାମ ସରିଯାଏ । ଦିନ ହିସାବରେ ଗଣିନିଏ ମଜୁରୀ। କୋଠା ଛିଡା ହେଇ ରହେ । ବିଭୁଦତ୍ତ ଚାଲିଯାଏ। ପୁଣି ଇଟା ବାଲି ଗୋଡି ଓ ସିମେଣ୍ଟର ମିଶ୍ରଣରେ ଆଉ ଗୋଟେ ଘର ତୋଳିବାକୁ । ତୋଳିଥିବା କୋଠାକୁ ଆଉ ସେ ପଛକୁ ଫେରି ଚାହିଁ ପାରେନି । ସେ ଜାଣିଚି ଯୋଉ କୋଠା ଗୁଡିକ ସେ ତୋଳିଛି ସେ ଆଉ କାହାର । ବିଭୁଦତ୍ତ ଆଗରେ ଭାସିଯାଏ ଗାଁ । ଖସ ଖସ ତାଟି କବାଟ ଆଡେ ଦିନ ସାରା ଅନେଇ ବସିଥିବ ବୁଢ଼ୀ ମାଆ । କାଳେ ପୁଅ ଆସିବ । ପେଜୁଆ ଆଖି । ଦେହରେ ଝୁଲୁଥିବା ଚମଡା ଓ କଫ ଖଞ୍ଜା କଳିଯାକୁ ସମ୍ଭାଳି ବୁଢ଼ୀ ମାଆ ଅପେକ୍ଷା କରୁଥିବ ବିଭୁଦତ୍ତର ଆସିବାକୁ। ଛୋଟ ଝିଅକୁ ପାଳୁ ପାଳୁ ସ୍ତ୍ରୀ ସୁରମା ଭୁଲି ଯାଉଥିବ ନିଜକୁ । ଶାଗ ପଟାଳି, କଖାରୁ ମନ୍ଦା, ଜହ୍ନି ରଞ୍ଜା, ନଡ଼ିଆ ଗଛ, ବାରି ପୋଖରି, ଖମାର ବିଲ, ମଦରଙ୍ଗା ଶାଗ । ବିଭୁଦତ୍ତ ଛଟ ପଟ ହେଲା । କେତେ ଭଲ ଥିଲା ଗାଁ । ସମ୍ପର୍କ, ମଣିଷ ପଣିଆ, ଆହା ପଦରେ ଭର୍ତି ହେଇ ଯାଉଥିଲା ପେଟ । ବିଲ ଯେତିକି ବର୍ଷକ ଚାଉଳ ଭାଡ଼ିରେ । ବାସ ଆଉ କଅଣ ଦରକାର । ଦି ପଇସା କମେଇବା ଲୋଭରେ ଦିଲ୍ଲୀ ଆସି ହରଡ ଘଣାରେ ପଡିଛି ବିଭୁଦତ୍ତ। ନିଜ ଉପରେ ତାକୁ ରାଗ ଲାଗିଲା । କେବେ ସରିବ ରାସ୍ତା। କିଏ ଜଣେ ଟେକି ନେଇ ଥୋଇ ଦିଅନ୍ତା କି ତାକୁ ତା ଘର ପାଖରେ । ଠିକଣା ହଜେଇ ଲମ୍ବି ଯାଇଥିବା ରାସ୍ତା ଆଗରେ ସାହସ ହରେଇ ଦେଲା ବେଳକୁ ଅନ୍ୟ ମାନଙ୍କ ଗତିଶୀଳ ପାଦକୁ ଦେଖି ମନ ଟାଣ କଲା ବିଭୁଦତ୍ତ । ବେଳେ ବେଳେ ମଣିଷ ତିଆରି ଜିନିଷ ପାଖରେ ନିଜେ ହାର ମାନିଥାଏ ମଣିଷ। ରାସ୍ତାଟା ତା ମନ ଇଛା ଲମ୍ବି ଯାଇଥିଲା। ଲୋକ ମାନଙ୍କର ଭିଡ ଭିତରେ ଆଟାଚି ଉପରେ ଶୋଇଥିବା ପିଲାଟି ଅଦୃଶ୍ୟ ହେଇ ଯାଇଥିଲା ବିଭୁ ଦତ୍ତର ଆଖି ଆଗରୁ ।

ବିଭୁ ଦତ୍ତ ଜାଣିଥିଲା । ସବୁ ଜିନିଷର ଆରମ୍ଭ ଅଛି । ଶେଷ ଅଛି । ଏ ରାସ୍ତା କୋଉଠୁ ଆରମ୍ଭ ସେ ଜାଣି ନଥିଲେ ମଧ ନିଶ୍ଚୟ ତା ସମୁଦ୍ର କୂଳ ଗାଁ ପାଖରେ ସରିବ । ବିଭୁଦତ୍ତର ଗାଁ ପାଖରେ ସରିଯାଏ ପୃଥିବୀ । ତା ସେପଟକୁ ସାତ ସମୁଦ୍ର । କ୍ଷୀର ସମୁଦ୍ର । ପୃଥିବୀ ଶେଷ। ଏକଥା ତା ବାପା ତାକୁ ପିଲା ଦିନେ କହିଥିଲେ। ବିଭୁ ଦତ୍ତର ପକେଟରେ ଯାହା ଥିଲା ସବୁ ଶେଷ। ସେ ଖାଲି ମନରେ ଭର୍ତି କରି ରଖିଥିଲା ମେଞ୍ଚାଏ ସାହସ । ଭୋକରେ ତା ପେଟ ଆଉଟ ପାଉଟ ହେଲା । ସକାଳୁ ଚାଲି ଚାଲି ଗୋଡ଼ ଦୁଇଟା ମଧ ହାର ମାନିବାକୁ ଲାଗିଲେ । ଅବିଶ୍ରାମ ଭିଡ଼ । ଛୋଟ, ବଡ଼, ରୁଗ୍ଣ ଓ ଚଞ୍ଚଳ ଅନେକ ପାଦ ମାଡି ଚାଲିଥିଲେ ନିଜ ନିଜ ଗନ୍ତବ୍ୟ ଆଡେ । ସେଇ ମାନଙ୍କୁ ଅନୁସରଣ କରୁଥିଲା ବିଭୁଦତ୍ତ ଆଖି ବୁଜି । ଗାଁ କେତେବେଳେ ଆସିବ ଆସୁ। ଆସିବ ନିଶ୍ଚିତ। ଏକଥା ବିଭୁଦତ୍ତର ବିଶ୍ୱାସ ଅଛି । ସେ ଥକିବନି। ଅଟକିବନି । ବିଭୁଦତ୍ତ ଭୁଲି ଯାଇଛି ଭୋକ । ମାରି ଦେଇଛି ଶୋଷ। ବାଟରେ ଯାଉଥିବା ଲୋକମାନଙ୍କୁ ଦୟା ଦେଖେଇ କିଏ ଯାଚି ଦେଉଥିଲା କଦଳୀ, ପାଉଁରୁଟି, ପାଣି ବୋତଲ । କେହି କେହି ଖାଦ୍ୟ ପୁଡ଼ିଆ । ଫୁଙ୍ଗୁଳା ଓ ଥକି ଯାଇ ଫୋଟକା ବାହାରି ପଡିଥିବା ପାଦ ଗୁଡିକ ପାଇଁ କେହି କେହି ବାଣ୍ଟୁଥିଲେ ଚପଲ । ଭୋକ ଶୋଷ ଭୁଲି ଯାଇ ଆଗେଇ ଯାଉଥିବା ବିଭୁଦତ୍ତର ନଜର ପଡିଲା ନୂଆ ଚକ ଚକ ନେଳିଆ ରବର ଚପଲ ଉପରେ। ସେ ଅଟକି ଗଲା । ହାତ ବଢ଼େଇଲା। ନିଜ ଗୋଡ଼ର ନମ୍ବର ମୁତାବକ ହଳେ ଚପଲ ଧରି ଆଗେଇ ବାକୁ ଲାଗିଲା । ପିନ୍ଧିବ ନା ପିନ୍ଧିବନି ଏଇ କଥା ଭିତରେ ଗୁଡେଇ ହେଇ ଚାଲିଲା ସେ । ଭାବିଲା ଏବେ ଗୋଡ ଭଲ ଅଛି । ଚପଲ ସୁରକ୍ଷିତ ଥାଉ । ଗୋଡ଼ ଚମଡା ଘୋରି ହେଇ ଫୋଟକା ବାହାରିଲେ ଚପଲ ପିନ୍ଧିବ । ଚପଲ ଯଦି ଘୋରି ହେଇଯାଏ କି ଛିଣ୍ଡି ଯାଏ ଗାଁ ପର୍ଯ୍ୟନ୍ତ ଯିବାକୁ ଅସୁବିଧା ହେବ। ଚପଲ ହଳକୁ ସାଇତି ଗାମୁଛାରେ ବାନ୍ଧି କାନ୍ଧରେ ପକେଇଲା ବିଭୁଦତ୍ତ ।

ମୁହଁ ଅନ୍ଧାର ହେଇ ଆସିବାରୁ ରାସ୍ତାରେ ଯାଉଥିବା ଭିଡ଼ ଗୁଡିକ ମଝିରେ ମଝିରେ ରାତି ବିଶ୍ରାମ କରିବାର ଦେଖା ଯାଉଥିଲା । ବିଭୁଦତ୍ତ ଭାବିଲା ସୁବିଧା ଦେଖି କୋଉଠି ଗୋଟେ ରାତି କଟେଇ ଦେବ । ଥକି ଯାଇ ବିଶ୍ରାମ ନେଉଥିବା ଏକ ଭିଡ଼ ଭିତରେ ନିଜକୁ ସାମିଲ କଲା ବିଭୁଦତ୍ତ । ଚାରିଆଡେ ଗୋଟେ ନଜର ବୁଲେଇ ଆଣିଲା ସେ । ହାଲିଆ, ହତାଶ ଓ ହତବାକ ହେଉ ପଡିଥିବା ଅନେକ ଅଚିହ୍ନା ମୁହଁ । ଆଉ ସହରକୁ ନଫେରିବାର ଦୃଢ଼ ସଂକଳ୍ପ ଭାସି ଉଠୁଥିଲା ସମସ୍ତଙ୍କଠାରେ । ଦେବଦୂତ ସାଜି ଲୋକ ମାନଙ୍କୁ ପାଣି ଓ ଖାଇବା ଦେଉଥିଲେ ଅନେକ ଅଜଣା ଯୁବକ। ହାତ ବଢ଼େଇଲା ବିଭୁଦତ୍ତ । କିଛି ମିଳିବା ମାତ୍ରେ ଏପର୍ଯ୍ୟନ୍ତ କାବୁରେ ରଖିଥିବା ଭୋକକୁ ବେକାବୁ କରିଦେଲା ବିଭୁଦତ୍ତ । ପେଟ ପୁରେଇ ଖାଇନେଲା ସେ । ଦିନଯାକ ଚାଲି ଚାଲି କ୍ଲାନ୍ତ ହେଇ ପଡିଥିବା ଶରୀର ଧୀରେ ଧୀରେ ସ୍ଥିର ହେଇ ଆସିଲା । ତାରି ପରି ଅନେକ ଯାତ୍ରୀ ସେଇଠି ରାତ୍ରି ଯାପନ କଲେ । ବିଭୁଦତ୍ତର ନିଦ ଭାଙ୍ଗିଲା ବେଳକୁ ସକାଳର କଅଁଳିଆ ଖରା ତା ଆଖି ଜଳକା କରୁଥିଲା । ଯିଏ ଯୁଆଡେ ଉଠି ପୁଣି ରାସ୍ତାରେ ଆଗେଇ ଯାଇଥିଲେ । ବିଭୁଦତ୍ତ ଆଖି ବୁଲେଇ ଦେଖିଲା । କାଲିର ହତାଶ ଓ ହାଲିଆ ମୁହଁ ଗୁଡିକ ରାତି କଟେଇ ସକାଳୁ ପୁଣି ଯିଏ ଯୁଆଡେ ପଳେଇଲେଣି । କିଛି ଦୂରରେ ତାରି ପରି ଆଉ କିଏ ଜଣେ ଚାଦର ଘୋଡେଇ ଶୋଇ ଥିବାର ନଜର ପଡିଲା। ପାଖକୁ ଯାଇ ଭାବିଲା ତାକୁ ଉଠେଇ ଦେବ। ନହେଲେ ପଛରେ ପଡିଯିବ ବିଚରା। ଲୋକଟି ପାଖରେ ଖୁବ ଛୋଟ ଛୋଟ ହଳେ ଚପଲ ରଖା ଯାଇଥିଲା । ନୀଳ ରଙ୍ଗର ନୂଆ ଚପଲ । ଠିକ ବିଭୁଦତ୍ତର ଚପଲ ଭଳି କିନ୍ତୁ ଛୋଟ। ବିଭୁଦତ୍ତ ଶୋଇଥିବା ଲୋକକୁ ଡାକିଲା। କିନ୍ତୁ ଲୋକଟି ନଶୁଣିବାରୁ ସେ ଚାଦର କାଢି ଲୋକଟିକୁ ହଲେଇ ଦେଇ ଡାକିବାକୁ ଚେଷ୍ଟା କଲା । ଚମକି ପଡିଲା ବିଭୁଦତ୍ତ । ତା ଛାତି ଧଡ଼ ଧଡ଼ ହେଲା । ସେ ହତବାକ ହେଇ ଚଦର ଭିତରୁ ବାହାରି ଆସିଥିବା ମଲା ମଣିଷର ମୁହଁକୁ ଅନେଇଲା । ଯୋଉ ପିଲାଟିକୁ ସେ ଆଟାଚି ଉପରେ ଶୋଇ ରାସ୍ତାରେ ଯିବାର ଦେଖିଥିଲା ସେଇ ପିଲାଟି। ବିଭୁଦତ୍ତର ଯଦିବା ସେ ପିଲା ସହ କୌଣସି ସମ୍ପର୍କ ନଥିଲା ତଥାପି ତାର କାନ୍ଦିବାକୁ ଇଚ୍ଛା ହେଲା । କଅଣ ଭାବିଲା କେଜାଣି କାଲିଠୁ କାନିରେ ବାନ୍ଧି ରଖିଥିବା ନୂଆ ଚପଲ ହଳକୁ ଫିଙ୍ଗିଦେଲା। ବିଭୁଦତ୍ତ ଅଣ ନିଶ୍ୱାସୀ ହେଇ ଆଗକୁ ମାଡି ଚାଲିଲା।

# ବିଧିର ବିଧାନ


ଝରଣା ବାରିକ



ବିଧିରବିଧାନ କେବେ ଅନ୍ୟଥା ହୁଏ ନାହିଁ। ଭାଗ୍ୟ ଭବିଷ୍ୟ ଗଣନା କରୁଥିବା ଲୋକଟି ଯେତେ ସତର୍କ ରହିଲେ ମଧ ବିପଦକୁ ସମ୍ପୂର୍ଣ୍ଣ ଟାଳିପାରେ ନାହିଁ।

ବିରଞ୍ଚି ବାବୁ ଜଣେ ବଡ଼ ପଣ୍ଡିତ। ତାଙ୍କର ଗଣନା କେବେବି ଭୁଲ ହୁଏନାହିଁ। ସମସ୍ତଙ୍କ ଗଣନା କରିବା ବେଳେ ନିଜର ଓ ନିଜ ପରିବାରର ମଧ ଭଲ ମନ୍ଦ ବେଳା ଦେଖନ୍ତି। ଦିନେ ସେ ନିଜର ଗଣନା କଲାବେଳେ ଜାଣିବାକୁ ପାଇଲେ ଆସନ୍ତା କାଲି ତାଙ୍କର ରକ୍ତପାତ ଯୋଗ ଅଛି। ତେଣୁ ସତର୍କ ରହିବା ପାଇଁ ପଡିବ। ବିରଞ୍ଚି ବାବୁ ତାଙ୍କ ଘରଠାରୁ ପାଞ୍ଚ କିଲୋମିଟର ଦୂରରେ ଗୋଟିଏ ଅଫିସରେ କାମ କରନ୍ତି। ଏହି ଗଣନା ବା ବିରଞ୍ଚି ବାବୁଙ୍କ ପାଣ୍ଡିତ୍ୟ ବିଷୟରେ ବେଶ୍ ସମସ୍ତଙ୍କୁ ଜଣା। ବିରଞ୍ଚି ବାବୁ ସେଦିନ ଅଫିସରେ ସମସ୍ତଙ୍କୁ ଏ ବିଷୟରେ କହିଲେ। ଏବଂ ଗୋଟିଏ ଦିନ ପାଇଁ ଅଫିସରୁ ଛୁଟି ଦେବା ପାଇଁ ଅନୁମତି ମାଗିଲେ। ତାଙ୍କ ଗଣନା ସବୁବେଳେ ଠିକ ଆଉ ନିର୍ଭୁଲ ସେଥିପାଇଁ ତାଙ୍କୁ ଛୁଟି ମିଳିଗଲା। ବିରଞ୍ଚି ବାବୁ ଶାନ୍ତିରେ ଟିକେ ନିଃଶ୍ୱାସ ମାରିଲେ।

ତହିଁ ଆରଦିନ ସକାଳୁ ପରିବାରର ସମସ୍ତଙ୍କୁ ଡାକି କହିଲେ ଆଜି ମୋର ବେଳା ଭଲ ନାହିଁ। ତେଣୁ ମତେ କେହି କିଛି କହିବନି ମୁଁ ଟିକେ ବିଶ୍ରାମ ନେଉଛି। ଚୁପ୍ ଚାପ୍ ଯାଇ ଶୋଇ ପଡିଲେ ତାଙ୍କ ରୁମରେ। ନିଦ ବି ହେଉ ନ ଥାଏ । ମନେ ମନେ ଖାଲି ଗୁଣି ହେଉଥାନ୍ତି । କଣ ହେବ ଆଜି। ନାଁ ନାଁ କିଛି ହେବ ନାହିଁ। ଆଜି ଦିନଟା କଟିଗଲେ ଗଲା। ବ୍ୟସ୍ତ ହେବାର କିଛିନାହିଁ। ଏହି ସମୟରେ ତାଙ୍କ କୁକୁର ଜୋରରେ ଭୋକିବାକୁ ଲାଗିଲା। କାହିଁକି ଭୁକୁଛି ଦେଖିବାକୁ ଆସିଲେ ବିରଞ୍ଚି ବାବୁ ଦେଖିଲେ ତାଙ୍କ ଗେଟ୍ ପାଖରେ ଗୋଟିଏ କୁକୁର ଠିଆ ହେଇଛି ତାକୁ ଦେଖି ଇଏ ଏମିତି ଭୁକୁଛି। ତାକୁ ଦେଖିବା ସମୟରେ କୁକୁର ତା ଚେନ୍ ଛିଡେଇ ଗେଟ୍ ଆଡେ ଦୌଡିବାକୁ ଲାଗିଲା। ବିରଞ୍ଚି ବାବୁ କୁକୁର ପଛେ ପଛେ ଦୌଡିବାକୁ ଲାଗିଲେ। ସେତେବେଳକୁ ସେ ଭୁଲିଗଲେ ଘରୁ ବାହାରିଲା ବେଳେ ଦୁଆର ବନ୍ଧ ଟିକେ ନିଚା (ମାନେ ନଇଁ କି ଯିବାକୁ ପଡ଼େ)। ଏକା ନିଃଶ୍ୱାସରେ କୁକୁର ପଛେ ପଛେ ଦୌଡି ଆସିଲା ବେଳେ ଦୁଆର ବନ୍ଧରେ ତାଙ୍କ ମୁଣ୍ଡ ବାଜି ପୁରା ଖପୁରୀ ଉଠିଗଲା। କଚାଡି ହୋଇ ସେଇଠି ପଡିଗଲେ ବିରଞ୍ଚି ବାବୁ। ସାଙ୍ଗେ ସାଙ୍ଗେ ତାଙ୍କୁ ମେଡିକାଲ ନିଆଗଲା । ଷ୍ଟିଚ୍ ହେଲା । ମେଡିକାଲରେ ଆଠ ଦଶ ଦିନ ରହିବାକୁ ବି ପଡିଲା। ତାପରେ




ଘରକୁ ଫେରିଲେ। କିନ୍ତୁ ସେଦିନର ସେ କଥା ଆଜି ବି ମନରୁ ଭୁଲି ନାହାଁନ୍ତି। ଏବେ ବି ସେଇ କଥା ମନେ ପକାଇ କୁହନ୍ତି। ମୁଁ ସିନା ସମସ୍ତଙ୍କ ଭବିଷ୍ୟତ ଜାଣିପାରେ କିନ୍ତୁ ଘଟିବାକୁ ଥିବା କୌଣସି ଘଟଣାକୁ କେହି ବି ରୋକି ପାରିବେ ନାହିଁ। ଯାହା ଘଟିବାର ଥିବ ନିଶ୍ଚୟ ଘଟିବ।

ଆଜିର ସମସ୍ୟା ଠିକ୍ ସେହିପରି ।

ଯେତେ ସତର୍କ ରହିଲେ ବି ଯାହା ହେବା କଥା ତାହାହିଁ ହେବ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ:୯୫୫୬୮୪୬୯୩୨

# ନୁରିଆ ନନା



ପ୍ରଶାନ୍ତ କୁମାର ନାଥ

ନରହରି ବିଶ୍ୱାଳ ସାରା ଅଂଚଳରେ ନୁରିଆ ନନା ଅଥବା ଗାଁ ବଇଦ ନାମରେ ପରିଚିତି । ହାଟ ଉପରେ ଗୋଟେ ପାନ ଦୋକାନ ଅଛି । କଲେଜରେ ପଢିଲା ବେଳରୁ ଗୋଟେ ଔଷଧ ଦୋକାନରେ କାମ କରୁଥିଲେ । କହିବାକୁ ଗଲେ ଦୋକାନୀ ନାଁରେ ଖାଲି ଯାହା ସାର୍ଟିଫିକେଟ ଥିଲା ନହେଲେ ସବୁ କିଣା ବିକା ବୁଝୁଥିଲେ ଏହି ନୁରିଆ ନନା । ଖାଲି ସନ୍ଧ୍ୟା ହେଲେ ଦୋକାନୀ ଆସି ଟଙ୍କା ତକ ଧରି ଚାଲିଯାଏ। କିନ୍ତୁ ମାସ ଶେଷରେ ନୁରିଆ ନନାକୁ ମିଳେ ମାତ୍ର ଦୁଇ ହଜାର ଦୁଇ ଶହ ଟଙ୍କା ।

ୟା ଭିତରେ ନୁରିଆ ନନାର ବାହାଘର ମଧ ସରିଗଲାଣି । ବଜାର ଦର ହୁ ହୁ ହୋଇ ବଢୁଛି । ଇଲେକ୍ଟ୍ରି, ପାଣି,ପରିବା, ଗ୍ୟାସ,ମାଛ, ତେଲ, ଶାଗ,ମୁଗ ସବୁର ଦର ଆକାଶ ଛୁଆଁ କିନ୍ତୁ ତାଙ୍କର ଦରମା ବଢିବାର ନାଁ ଗନ୍ଧ ଧରୁନି । କହିଲେ ବର୍ଷେ ଦୁଇ ବର୍ଷରେ ଶହେ କି ଦୁଇଶହ ଦରମା ବଢାଇଥାଏ ଦୋକାନୀ । ସେଥିରେ ପୁଣି ସବୁଯାକ କାମ । ଦୋକାନ ପୋଛା ପୋଛି ଠାରୁ ଆରମ୍ଭ କରି ଇଂଜେକସନ ଦେବା, ଡ୍ରେସିଂ କରିବା, ମେଡ଼ିସିନ ବିକିବା ସବୁକିଛି କାମ ଏହି ନୁରିଆ ନନାର । ହେଲେ ସେ କଥା କଣ ସେ ଦୋକାନୀ ବୁଝୁଛି ।

ଘରେ ତାଙ୍କର ନିଇତି ଝଗଡା । ଆଜି କାଲି ସବୁ କଳି ଝଗଡାର ମୁଖ୍ୟ କାରଣ ସାଜୁଛି ଏହି ପଇସା । ଏଇଥି ପାଇଁତ ନୁରିଆ ନନାକୁ ତାଙ୍କର ଭାଇମାନେ ଅଲଗା କରି ଦେଇଛନ୍ତି । ସେମାନେ ମାସକୁ ମାସ ତିନି ହଜାର ଟଙ୍କା ଘର ଖର୍ଚ୍ଚ ପାଇଁ ଦେବାକୁ କହିଲେ । କିନ୍ତୁ ତାଠାରୁ ଯଥେଷ୍ଟ କମ ରୋଜଗାର କରୁଥିବା ଲୋକଟି କେଉଁଠୁବା ଆଣି ଦେବ ଏତେ ଗୁଡ଼ାଏ ପଇସା । ସେଥିପାଇଁ ତାକୁ ଭାଇ ମାନଙ୍କ ପାଖରୁ ଅଲଗା ରହିବାକୁ ପଡିଲା । ଆଉ ଦିନକୁ ଦିନ ଦୁର୍ଦ୍ଦଶା ବଢ଼ିବାରେ ଲାଗିଲା ଓ ଅଲଗା ହେବାପରେ ଖର୍ଚ୍ଚ ଆହୁରି ବଢ଼ିଗଲା । ଆମଦାନୀ ଆଠେଣି ଖର୍ଚ୍ଚ ରୂପାଏ ଠାରୁ ଆହୁରି ବଳିଗଲା ତାଙ୍କର ଅବସ୍ଥା । ଦୋକାନୀକୁ ବହୁତ ଥର କହିଲା ପରେ ମଧ ସେ ଦରମା ବଢାଇବାକୁ ରାଜି ହେଲାନି । ଆଗମାସ ଦେଖିବା ଦେଖିବା କହି କହି ଦରମା ବଢ଼ିଲାନି।

କେତେଦିନ ଆଉ ଅପେକ୍ଷା କରିଥାନ୍ତେ । ସେଠାରୁ କାମ ଛାଡ଼ିଦେଇ ଗାଁ ଛକରେ ଗୋଟେ ପାନ ଦୋକାନ କଲେ । ସେ ଅଞ୍ଚଳଟି ନିହାତି ମଫସଲ ହୋଇଥିବାରୁ ରୋଗୀମାନେ ଚିକିତ୍ସା ପାଇଁ ବହୁ ଦୂରକୁ ଯିବାକୁ ପଡୁଥିଲା । ସେଥିପାଇଁ ସେ କିଛି ଚୁଟୁକା ଔଷଧ ଆଣି ନିଜ ଦୋକାନରେ ରଖିଲେ ଲୋକମାନେ ମଧ ତାଙ୍କ ପାଖରୁ ଔଷଧ ନେଇ ଭଲ ହେଲେ । ଯେହେତୁ ସିଏ ଏତେ ଦିନ ଧରି ଗୋଟେ ଔଷଧ ଦୋକାନରେ କାମ କରୁଥିଲେ ତେଣୁ ସିଏ କୌଣସି ଫାର୍ମାସିଷ୍ଟ ଠାରୁ କମ ମଧ ନଥିଲେ । କିନ୍ତୁ ସିଏ ଯେଉଁ କାମ କରୁଥିଲେ ତାହା ଥିଲା ଆଇନ ବିରୁଧ । ଏକଥା ଜାଣି ମଧ ସିଏ ସେହି କାମ କରୁଥିଲେ କାହିଁକିନା ଏଥିରେ ଅନେକ ଲୋକ ଉପକୃତ ହେଉଥିଲେ। ଧୀରେ ଧୀରେ ରୋଗୀ ମାନଙ୍କର ଭିଡ ଲାଗିଲା। ବେପାର ମଧ ଭଲ ଜମିଲା । ଲୋକ ମାନେ ମେଡ଼ିସିନ ଦୋକାନ ଯାଇ ଔଷଧ ଆଣି ଯେତେ ଉପକୃତ ହୋଇ ପାରୁନଥିଲେ ତାଠାରୁ ଔଷଧ ନେଇ ଅଧିକ ଉପକୃତ ହେଲେ । ଧୀରେ ଧୀରେ ଡାକ୍ତରଖାନା ଠାରୁ ଆହୁରି ଭିଡ଼ ଲାଗିଲା ତାଙ୍କ ପାଖରେ । ହଜାର ହଜାର ଲୋକ ତାଙ୍କ ପାଖରୁ ଔଷଧ ଖାଇ ଭଲ ହେଲେ । ଆଖ ପାଖରେ ଥିବା ଅନେକ ଔଷଧ ଦୋକାନୀଙ୍କ ବେପାର ଦିନକୁ ଦିନ କମିବାରେ ଲାଗିଲା । ଫଳରେ ନୁରିଆ ନନା ସେମାନଙ୍କର ଶତ୍ରୁ ପାଲଟିଗଲେ । ଯେହେତୁ ତାଙ୍କର ଔଷଧ ବିକିବା ଆଇନ ବିରୁଧ ଥିଲା ତେଣୁ ସେମାନେ ସୁଯୋଗର ଅପେକ୍ଷାରେ ରହିଥିଲେ ।

ସେଦିନ ଝିଅଟିଏ ମୃତ୍ୟୁ ମୁଖରେ ପଡିଥିଲା। ଝିଅଟିର କେଉଁ ଅଜଣା ପୁଅ ସହିତ ପାପ ସମ୍ପର୍କ ଥିଲା । ଅବିବାହିତ ଝିଅ ପିଲାଟିକୁ ଜନ୍ମଦେଲେ ନାନା ଲୋକ ନାନା କଥା କହିବେ । ତାଙ୍କ ପରିବାର ଆଉ ଦୁନିଆଁ ଦାଣ୍ଡରେ ମୁଣ୍ଡ ଉଠେଇ ବାଟ ଚାଲି ପାରିବେନି । ଏହି କଥା ଆସି



ସେମାନେ ଜଣେଇବା ଦ୍ୱାରା ବହୁତ କଷ୍ଟରେ ନୁରିଆ ନନା ତାକୁ ଔଷଧ ଦେଇଥିଲେ। କିନ୍ତୁ ଝିଅଟି ସେତେବେଳକୁ ନିଜ ଘର ଲୋକ ମାନଙ୍କ ପାଖରୁ ନାନା କଥା ଶୁଣି ସାରିଥିଲା । ଲୋକଲଜ୍ୟା ଭୟରେ ସେଦିନ ସିଏ ନୁରିଆ ନନା ଦେଇଥିବା ସବୁଯାକ ଔଷଧ ଏକା ସଙ୍ଗେ ଖାଇ ଦେଇଥିଲା ଆଉ ସବୁଦିନ ପାଇଁ ସମସ୍ତଙ୍କୁ ଛାଡି ନିଜର ପାପଗର୍ଭ ସହିତ ଆର ପାରିକୁ ଚାଲି ଯାଇଥିଲ । ଆଉ ସେହି ଘଟଣାକୁ ଘୋଡେଇବାକୁ ଯାଇ ତାଙ୍କର ଘରଲୋକ ମାନେ ସେ ଅଠା ନୁରିଆ ନନା ମୁଣ୍ଡରେ ବୋଳି ଦେଇଥିଲେ। ଆଉ ସମସ୍ତଙ୍କୁ କହିଥିଲେ ନୁରିଆ ନନା ଦେଇଥିବା ଔଷଧ ଖାଇ ତାଙ୍କ ଝିଅ ମାରି ଯାଇଛି ବୋଲି ।

ଆଜିକାଲି ଏସବୁ କେଶ ହେଲେ ଲୋକମାନେ ଆଗୁଆ ବାହାରି ଆସିେ। ଥରୁଟେ ଚିନ୍ତା ବି କରିବେନି କେଉଁଟା ଠିକ ଆଉ କେଉଁଟା ଭୁଲ । ଯେଉଁ ନୁରିଆ ନନା ସମସ୍ତଙ୍କ ପାଇଁ ଆଦର୍ଶ ଥିଲେ ସିଏ ଆଜି ଦୁନିଆଁ ଆଖିରେ ଦୋଷୀ ପାଲଟିଗଲେ। ଚାହୁଁ ଚାହୁଁ ଲୋକ ମାନେ ବାଡାବାଡ଼ି କରି ତାଙ୍କର ଦୋକାନ ଭାଙ୍ଗିଦେଲେ । ବିନା ଲାଇସେନ୍ସ ଆଉ ବିନା ଶିକ୍ଷାରେ ଔଷଧ ବିକୁଥିବାରୁ ତାଙ୍କୁ ଜେଲ ହୋଇଗଲା ।

ଆଉ ଆଜି ସେହି ଅଂଚଳର ଲୋକମାନେ ଠିକ ସମୟରେ ଡାକ୍ତର ଖାନାରେ ନପହଂଚି ପାରି କିଏ ମୃତ୍ୟୁ ମୁଖରେ ପଡୁଛି ତ କିଏ ଚିକିତ୍ସା ଅଭାବରୁ ମରୁଛି ହେଲେ ସେସବୁର ଦୋଷ ମୁଣ୍ଡେଇବା ପାଇଁ ନୁରିଆ ନନା ଆଉ ସେହି ଗାଆଁରେ ନାହାନ୍ତି । ଞ୍ଚଞ୍ଚଞ୍ଚଞ୍ଚଞ୍ଚ

ସୁନ୍ଦରପୁର, ଉତ୍ତରକୂଳ ହାଟ,
ପ୍ରୀତିପୁର, ଯାଜପୁର-୭୫୫୦୧୩
ମୋ-୦୮୮୯୨୩୦୧୧୪୩

# ରାଜ୍ୟ ଓ ରାଜ୍ୟବାସୀଙ୍କ ପ୍ରମୁଖ ସମସ୍ୟାକୁ ବିଧାନସଭାରେ ଉଠାଇବ ବିଜେପି

ଭୁବନେଶ୍ୱର,୩/୦୭ (ନି.ପ୍ର): ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଅଣାୟତ । ଚାଷ, ବିଜୁଳି ସମସ୍ୟା, ଜଳସେଚନ, ହାତୀ ମୃତ୍ୟୁ, ବେକାରୀ ଓ ବେରୋଜଗାର, ଦାଦନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା, ଶିଶୁ ମୃତ୍ୟୁହାର ରୋକ ସମେତ ସମସ୍ତ କ୍ଷେତ୍ରରେ ବିଫଳ ହୋଇଛନ୍ତି ରାଜ୍ୟ ସରକାର । ଦାରିଦ୍ର୍ୟ କ୍ଷେତ୍ରରେ ଓଡ଼ିଶା ତୃତୀୟ ନମ୍ବରରେ ରହିଛି କିନ୍ତୁ ୨୫ବର୍ଷ ଶାସନରେ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କୁ ମିଥ୍ୟା ସ୍ୱପ୍ନ ଦେଖାଇ ଭଣ୍ଡାଉଛନ୍ତି । ବିଦେଶ ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ପୁଞ୍ଜିର ବିକାଶ କରିବେ ବୋଲି ଓଡ଼ିଶାବାସୀଙ୍କୁ ଯେଉଁ କାହାଣୀ ଶୁଣାଇଛନ୍ତି ତାହାକୁ ନେଇ ବିଜେପି ବିଧାନସଭାରେ ପ୍ରଶ୍ନ ଉଠାଇବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କହିଛନ୍ତି । ଶନିବାର ଠାରୁ ମୌସୁମୀ ବିଧାନସଭା ଅଧିବେଶନ ଆରମ୍ଭ ହେବା ପୂର୍ବରୁ ବିଜେପି ବିଧାୟକ ଦଳ ବୈଠକ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ଏବଂ ରାଜ୍ୟବାସୀଙ୍କ ପ୍ରମୁଖ ସମସ୍ୟାକୁ ମୁଖ୍ୟ ପ୍ରସଙ୍ଗ କରାଯିବ । ରାଜ୍ୟର ୯୨ଲକ୍ଷ ବିଦ୍ୟୁତ ଉପଭୋକ୍ତାଙ୍କୁ ପ୍ରତାରଣା କରିଛନ୍ତି ରାଜ୍ୟ ସରକାର । ବିଜୁଳି ଉତ୍ପାଦନ କ୍ଷେତ୍ରରେ ଓଡିଶା ବଳକା ରାଜ୍ୟ ହୋଇଥିବା ସତ୍ତ୍ୱେ ଅନ୍ୟ ରାଜ୍ୟଗୁଡିକ ତୁଳନାରେ ବିଜୁଳି ଦର ବହୁ ଅଧିକ । ବିଦ୍ୟୁତ୍ ଦରବୃଦ୍ଧି ୮୦ ଭାଗ ଚାଷୀଙ୍କ ଜଳସେଚନକୁ ପ୍ରଭାବିତ କରୁଛି । ସର୍ବଭାରତୀୟ ସ୍ତରରେ ଚାଷୀଙ୍କ ଆୟ ୧୦୨୪୮ ଟଙ୍କା ହୋଇଥିବାବେଳେ, ଓଡିଶାରେ ଚାଷୀର ଆୟ ମାତ୍ର ୫୧୧୨ ଟଙ୍କା । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୦୪୦ ଟଙ୍କାରେ ପହଂଚିଲାଣି । 'ଧାନମଣ୍ଡି ଓ ଟୋକନ ବ୍ୟବସ୍ଥା'କୁ ସଜାଡିବାରେ ବିଫଳ ହୋଇଛନ୍ତି ରାଜ୍ୟ ସରକାର । ପିଏମ କିଷାନ ଯୋଜନାରେ ରାଜ୍ୟର କୃଷକମାନେ ଆର୍ଥିକ ସହାୟତା ପାଇବାରେ ମୁଖ୍ୟ ବାଧକ ସାଜିଛନ୍ତି ରାଜ୍ୟ ସରକାର । ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଧ୍ୱଂସାଭୀମୁଖୀ ଶିକ୍ଷା ବ୍ୟବସ୍ଥା, ଅସୁରକ୍ଷିତ ଜଙ୍ଗଲ ଏବଂ ହାତୀ ମୃତ୍ୟୁ ଆଜି ମୁଖ୍ୟ ଚିନ୍ତାର କାରଣ ସାଜିଛି । ତଥାପି ରାଜ୍ୟ ସରକାର ନୀରବ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମାଝୀ କହିଛନ୍ତି । ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ଡ.ମନମୋହନ ସାମଲ, ବିଧାୟକ ଜୟନାରାୟଣ ମିଶ୍ର, କୁସୁମ ଟେଟେ, ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ନାଉରୀ ନାୟକ, ଡ. ମୁକେଶ ମହାଲିଙ୍ଗ, ସୁକାନ୍ତ ନାୟକ, କେ.ନାରାୟଣ ରାଓ, ସୁବାଷ ପାଣିଗ୍ରାହି, ଡ.ବୁଧନ ମୁର୍ମୁ, ଇଂ.ଗଣେଶ ରାମ ଖୁଣ୍ଟିଆ, ସନାତନ ବିଜୁଳି, ପ୍ରକାଶ ସୋରେନ, ଭବାନି ଭୋଇ, ନବଚରଣ ମାଝି, ଓ ଗଣମାଧମ ମୁଖ୍ୟ ଦିଲ୍ଲୀପ ମଲ୍ଲିକ, ଗଣମାଧମ ସହମୁଖ୍ୟ ସୁଜିତ ଦାସ ଓ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ହାଇକୋର୍ଟରେ ୧,୯୦,୨୨୫ ମାମଲା ଏବେ ବିଚାରାଧୀନ





ଭୁବନେଶ୍ୱର,୩/୦୭ (ନି.ପ୍ର): ଓଡ଼ିଶା ଉଚ୍ଚ ନ୍ୟାୟଳୟରେ ୩୩ଜଣ ବିଚାରପତି କାର୍ଯ୍ୟ କରିବା ସ୍ଥାନରେ ବର୍ତ୍ତମାନ ୨୨ଜଣ ବିଚାରପତି କାର୍ଯ୍ୟରତ ଅଛନ୍ତି । ସେହିପରି ଓଡ଼ିଶା ହାଇକୋର୍ଟରେ ୧,୯୦,୨୨୫ଟି ମାମଲା ବିଚାରାଧୀନ ଅଛି । ବିଧାୟକ ଅନନ୍ତ ଦାସଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଏହି ସୂଚନା ଦେଇଛନ୍ତି । ଏହାବାଦ୍ ମନ୍ତ୍ରୀ ଶ୍ରୀ ସାରକା ସୂଚନା ଦେଇଛନ୍ତି ଯେ ୨୦୧୯ ଏବଂ ୨୦୨୦ରେ ୮୫,୮୩୪ଟି ମାମଲା ଲୋକ ଅଦାଲତ ଦ୍ୱାରା ଫଇସଲା ହୋଇଛି । କଟକ ଜିଲ୍ଲାରେ ସର୍ବାଧିକ ୨୩୬୯୦ଟି ଏବଂ ସୋନପୁରରେ ସବୁଠୁ କମ୍ ୧୭୬ଟି ମାମଲା ଲୋକ ଅଦାଲତରେ ଫଇସଲା ହୋଇଛି । ସେହିପରି ଓଡ଼ିଶାରୁ ତିନି ଜଣ ବଚାରପତି ତ୍ରିପୁରା, ଉତ୍ତରାଖଣ୍ଡ, କଲିକତା ଉଚ୍ଚ ନ୍ୟାୟଳୟରେ କାର୍ଯ୍ୟରତ ଅଛନ୍ତି ।

# ଆଇସିସିଆର କାର୍ଯ୍ୟାଳୟ କୋଲକତାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର ନହେଲେ ପ୍ରେରଣା ପକ୍ଷରୁ ଜୋରଦାର ଆନ୍ଦୋଳନ ହେବ

ଭୁବନେଶ୍ୱର,୩/୦୭ (ନି.ପ୍ର): ଗତକାଲି ରାତି ଅଧରେ ଆସିସିଆର କାର୍ଯ୍ୟାଳୟ ଭୁବନେଶ୍ୱର ପଳାସପଲ୍ଲୀରୁ କୋଲକତାକୁ ସ୍ଥାନାନ୍ତର ହୋଇଯାଇଛି । ଏହାଦ୍ୱାରା ଓଡ଼ିଶାର କଳା, ସଂସ୍କୃତି ବିଶ୍ୱ ଦରବାରରେ ପ୍ରଚ୍ଚର ଓ ପ୍ରସାର ଘଟିବାରେ ବ୍ୟାଘାତ ସୃଷ୍ଟି ହେବ । ସେହିପରି ସାଂସ୍କୃତିକ ଭାବ ବିନିମୟ ଓ ଓଡ଼ିଶାର ସଂସ୍କୃତି ସମ୍ପର୍କରେ ଗବେଷଣା କରିବାକୁ ଆସୁଥିବା ଗବେଷକମାନେ ଏଥିରୁ ବଂଚିତ ହେବେ । ସେଥିପାଇଁ ଭୁବନେଶ୍ୱରରୁ କୋଲକତାକୁ ଆଇସିସିଆର କାର୍ଯ୍ୟାଳୟ ସ୍ଥାନାନ୍ତର ନ ହେବା ପାଇଁ ବିଗତ ଦିନରୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରେରଣା ପକ୍ଷରୁ ଧାରଣା, ପ୍ରତିବାଦ ସଭା ଓ ଶୋଭାଯାତ୍ରା ଆଦି କରାଯାଇଥିଲା । ଏଥିସହିତ ଏହି କାର୍ଯ୍ୟାଳୟ ସ୍ଥାନାନ୍ତର ନ କରିବାକୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା । ଏହାସତ୍ତ୍ୱେ ଓଡ଼ିଶାର କଳା, ସଂସ୍କୃତିର ପ୍ରସାର ଓ ପ୍ରଚ୍ଚର ପ୍ରତି ଦୃଷ୍ଟି ନଦେଇ ଉଭୟ ସରକାରଙ୍କ ଖାମଖିଆଲ ମନୋଭାବ ଯୋଗୁ ଗତକାଲି ଏହି କାର୍ଯ୍ୟାଳୟ ରାତି ଅଧରେ କୋଲକତାକୁ ସ୍ଥାନାନ୍ତର ହୋଇଯାଇଛି । ତେଣୁ ଏହା ଓଡ଼ିଶାର ବିଭିନ୍ନ ସାଂସ୍କୃତିକ ସଂଗଠନ, ସଂସ୍କୃତିପ୍ରେମୀ ଓ ସଂସ୍କୃତି ଗବେଷକମାନଙ୍କ ମାନରେ କ୍ଷୋଭ ସୃଷ୍ଟି କରିଛି । ଏ ଦୃଷ୍ଟିକୋଣରୁ ଆଇସିସିଆର କାର୍ଯ୍ୟାଳୟକୁ ଯଥାଶୀଘ୍ର ପୁନର୍ବାର କୋଲକତାରୁ ଭୁବନେଶ୍ୱରକୁ ଫେରାଇ ଅଣାନଗଲେ ବିଭିନ୍ନ ସାଂସ୍କୃତିକ ସଂଗଠନ, ସଂସ୍କୃତିପ୍ରେମୀ ଓ ବିଭିନ୍ନ ବର୍ଗର କଳାକାରମାନଙ୍କୁ ନେଇ ପ୍ରେରଣା ପକ୍ଷରୁ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ଏକ ପ୍ରେସ୍ ବିବୃତିରେ ପ୍ରେରଣାର ଅଧକ୍ଷ ତଥା ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ଉଭୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଆଗାମୀ ଦିନରେ ଏହି ଆନ୍ଦୋଳନ ଯୋଗୁଁ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ, ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଡଃ ଶ୍ରୀଚନ୍ଦନ କହିଛନ୍ତି । ଓଡ଼ିଶାର ସଂସ୍କୃତି ଓଡ଼ିଆ ଜାତିର ଗାରିମାମୟ ଐତିହ୍ୟ ଓ ପରମ୍ପରାକୁ ବିଶ୍ୱ ଦରବାରରେ ପ୍ରଚ୍ଚର ଓ ପ୍ରସାର କରିବା ପାଇଁ ସରକାର ଏହି ଘଟଣାକୁ ଗୁରୁତର ସହ ବିଚ୍ଚର କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରନ୍ତୁ, ନଚେତ୍ ଯଥାଶୀଘ୍ର ଜୋରଦାର ଆନ୍ଦୋଳନ ହେବ ବୋଲି ଡଃ ଶ୍ରୀଚନ୍ଦନ କହିଛନ୍ତି ।

# ରାଜ୍ୟର ୧୦ହଜାରରୁ ଅଧିକ ଗ୍ରାମ ବାଲ୍ୟବିବାହ ମୁକ୍ତ



ଭୁବନେଶ୍ୱର ,୩/୦୭ (ନି.ପ୍ର): ରାଜ୍ୟର ୧୦ହଜାରରୁ ଅଧିକ ଗ୍ରାମ ବାଲ୍ୟବିବାହ ମୁକ୍ତ ଘୋଷଣା ହୋଇଛି । ବାଲ୍ୟବିବାହ ନିରାକରଣ ପାଇଁ ରାଜ୍ୟ ସରକାରଙ୍କ ଏକ ରାଜ୍ୟସ୍ତରୀୟ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି । ଜିଲ୍ଲା, ବ୍ଲକ୍, ପଞ୍ଚାୟତସ୍ତରୀୟ ଟାସ୍କଫୋର୍ସ ଗଠନ କରାଯାଇ ନିୟମିତ ବ୍ୟବଧାନରେ ସମୀକ୍ଷା କରାଯାଉଥିବା ସୂଚନା ଦେଇଛନ୍ତି ମହିଳା ଓ ଶିଶୁବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ । ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀମତୀ ହେମ୍ବ୍ରମ୍ କହିଛନ୍ତି ଯେ ଓଡ଼ିଶା ବାଲ୍ୟ ବିବାହ ନିଷେଧ ନିୟମାବଳୀ-୨୦୧୯ ଅନୁଯାୟୀ ବାଲ୍ୟବିବାହ ନିଷେଧ ଅଧିକାରୀଙ୍କ ଭୂମିକା, ଦାୟିତ୍ୱ ଓ କାର୍ଯ୍ୟକ୍ଷମତାକୁ ବ୍ୟାପକ କରାଯାଇଛି । ଏହି ନିୟମକୁ ତଦାରଖ କରିବା ପାଇଁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗକୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଜରୁରୀକାଳୀନ ପରିସ୍ଥିତିରେ ଜିଲ୍ଲାପାଳଙ୍କୁ ବାଲ୍ୟବିବାହ ନିଷେଧ ଆଇନର ଧାରା ୧୩ର ଉପଧାରା ୫ରେ ନିଷେଧାଜ୍ଞା ଜାରି କରିବାର କ୍ଷମତା ପ୍ରଦାନ କରାଯାଇଛି । ବାଲ୍ୟବିବାହ ପ୍ରଥାକୁ ରୋକିବା ପାଇଁ ବାଲ୍ୟବିବାହ ନିଷେଧ ଆଇନ ୨୦୦୬ ଅନୁଯାୟୀ ରାଜ୍ୟ ସରକାର ସମସ୍ତ ଜିଲ୍ଲାରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନଙ୍କୁ ବାଲ୍ୟବିବାହ ନିରୋଧ ଅଧିକାରୀ ଭାବେ ଘୋଷଣା କରିଛନ୍ତି । ପ୍ରତ୍ୟେକ ଜିଲ୍ଲାପାଳଙ୍କୁ ଜିଲ୍ଲା ନୋଡାଲ ଅଧିକାରୀ କରାଯାଇଛି । ଯାହାଫଳରେ ରାଜ୍ୟରେ ବାଲ୍ୟ ବିବାହକୁ ରୋକାଯାଇ ପାରୁଛି । ବାଲ୍ୟ ବିବାହ ରୋକିବା ପାଇଁ ରାଜ୍ୟ ସରକାର 'ଅଦ୍ୱିକା' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏଥିରେ ପ୍ରତ୍ୟେକ ଶନିବାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ୧୦ରୁ ୧୯ବର୍ଷର କିଶୋର/କିଶୋରୀମାନଙ୍କୁ ଜୀବନ କୌଶଳ ଶିକ୍ଷା ମାଧମରେ ସଚେତନତା ଓ ସଶକ୍ତ କରାଯାଉଛି । ଏହି ସଶକ୍ତୀକରଣ କାର୍ଯ୍ୟକ୍ରମ ମାଧମରେ ବୟସ ସୀମା ପୂର୍ବରୁ ବିବାହ ଓ ମାତୃଜାତିଙ୍କ ପାଇଁ ରୋଗ ଓ ଜୀବନପ୍ରତି ବିପଦ ବିଷୟରେ ଅବଗତ କରାଯାଉଛି । ବାଲ୍ୟବିବାହ ନିରୋଧ ଅଧିକାରୀଙ୍କୁ ବାଲ୍ୟବିବାହ ଦମନ ଲାଗି କ୍ଷେତ୍ର ପରିଦର୍ଶନ ତଥା ସଚେତନତା କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସହାୟତା ଦିଆଯାଇଛି । ବାଲ୍ୟ ବିବାହ ରୋକିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ସମନ୍ୱୟକାରୀମାନେ ଦାୟିତ୍ୱ ତୁଲାଉଥିବା ସେ କହିଛନ୍ତି ।

## ସମାଜସେବୀଙ୍କ ଏକାଦଶ ଓ ଦ୍ୱାଦଶ ଉପଲକ୍ଷେ ସ୍ମୃତି ଚାରଣ ସଭା

କେନ୍ଦ୍ରାପଡା ,୩/୦୭ (ନି.ପ୍ର): କେନ୍ଦ୍ରାପଡାର ଜଣାଶୁଣା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ବୈଷ୍ଣବ ଚରଣ ସାମଲ ଙ୍କ ଏକାଦଶ ଓ ଦ୍ୱାଦଶ ଉତ୍ସବ ପାଳନ ଉପଲକ୍ଷେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ସାମଲଙ୍କର ଭରତପୁର ହରିଡାଦଣ୍ଡା ସ୍ଥିତ ବାସ ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ଉତ୍କଳ କେଶରୀ ପରିଡା, ଜିଲ୍ଲା ପରିଷଦ ଅଧକ୍ଷ ଗୀତାଞ୍ଜଳୀ ସେଠୀ, ପୂର୍ବତନ ବ୍ଲକ ଅଧକ୍ଷ ଉଚ୍ଛବ ଚରଣ ଭୋଳ, ବରିଷ୍ଠ ବିଜେଡି ନେତା ଭଜକୃଷ୍ଣ ରାଉତ, ପ୍ରଦୀପ୍ତ ମହାନ୍ତି, ଜିଲ୍ଲାପରିଷଦ ସଦ୍ୟ ରଶ୍ମି ରଞ୍ଜନ ରାଉତ ରାଜ କିଶୋର ନାୟକ, ଅକ୍ଷୟ କୁମାର ସେନାପତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ୱ ସାମଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସ୍ମୃତି ଚାରଣ କରିଥିଲେ ।

## ସଂକ୍ରମଣ ବଢୁଛି କିନ୍ତୁ ପ୍ରୋଗ୍ରେସ ସ୍ଲୋ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୩/୦୭ (ନି.ପ୍ର): ରାଜ୍ୟରେ ୧୦-୧୫ ଦିନ ହେବ ସଂକ୍ରମଣ ବଢୁଛି । ହେଲେ ପ୍ରୋଗ୍ରେସ ସ୍ଲୋ ଅଛି । ହସ୍ପିଟାଲିଟି ବଢିନାହିଁ କି ଫାଟାଲିଟି ମଧ ବଢ଼ିନାହିଁ । ଆମ ରାଜ୍ୟ ଅପେକ୍ଷା ଅନ୍ୟ ରାଜ୍ୟରେ ବେଶୀ ବଢୁଛି । ତେଣୁ ଆମେ ଧର୍ଯ୍ୟହରା ହେବା ନାହିଁ । କୋଭିଡ ପାଇଁ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଉଛି । ତେଣୁ ଜନସାଧାରଣ ମଧ ସତର୍କତା ଅବଲମ୍ବନ କରନ୍ତୁ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦେଶକ ବିଜୟ ମହାପାତ୍ର ।

ସେ କହିଛନ୍ତି ଯେ କାଲି ବିଭିନ୍ନ ସ୍ଥାନରେ ରଥଯାତ୍ରା ପାଳନ କରାଯାଇଛି । ଯଦି କୌଣସି କଂଗ୍ରିଗେସନ ହୋଇଥିବ ତାହା ୧୦-୧୫ ଦିନ ମଧ୍ୟରେ ଜଣାପଡିବ । ବିଭାଗ ପକ୍ଷରୁ ଇଂଟିଗ୍ରେଟେଡ଼ ସର୍ଭିଲାନ୍ସ କରାଯାଉଛି । ଯେଉଁଥିରେ ହେଲଥ ୱାର୍କର ମାନେ ବୁଲି ଲକ୍ଷଣ ଥିବା ବ୍ୟକ୍ତିମାନଙ୍କୁ ଖୋଜିବାହାର କରିବା ସହ ସେମାନଙ୍କ ଟେଷ୍ଟ କରାଉଛନ୍ତି ।

ଅନ୍ୟପଟେ ଯାହାର ଲକ୍ଷଣ ଦେଖାଦେଉଛି ସେମାନେ ସ୍ୱତଃପ୍ରବୃତ ଟେଷ୍ଟ କରାଇବାକୁ ଅପିଲ୍ କରିଛନ୍ତି ସ୍ୱାସ୍ଥ୍ୟ ନିର୍ଦେଶକ । ଯେଉଁମାନଙ୍କର ଟିକା ନେବାର ଅଛି ସେମାନେ ଟିକା ନିଅନ୍ତୁ । ଅଯଥା ଗହଳିକୁ ଯାଆନ୍ତୁ ନାହିଁ, ମାସ୍କ ସବୁବେଳେ ବ୍ୟବହାର କରନ୍ତୁ ।

# ଜିଲ୍ଲା ଓ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର,୩/୦୭ (ନି.ପ୍ର): ଜିଲ୍ଲା ଓ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆଜିଠୁ ସମଗ୍ର ରାଜ୍ୟରେ ଆରମ୍ଭ ହୋଇଛି । ୨୦ଟି ସ୍ଥାନରେ ଅନୁଷ୍ଠିତ ଏହି ଚୟନ ପ୍ରକ୍ରିୟା ଚଳିତ ନଅ' ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ଚୟନ ପ୍ରକ୍ରିୟାରେ ମୋଟ ୫୭୯୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି । ଆଥଲେଟିକ୍ସ, ଫୁଟବଲ, ଭଲିବଲ, ଖୋ-ଖୋ, ସନ୍ତରଣ, ଭାରୋତୋଳନ ଏବଂ କବାଡି ଆଦି କ୍ରୀଡ଼ା ଶୃଙ୍ଖଳ ଲାଗି ଜିଲ୍ଲାସ୍ତରୀୟ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେଉଥିବାବେଳେ ବାସ୍କେଟବଲ, ହକି, ଜୁଡୋ, ଜିମନାଷ୍ଟିକ, କୁସ୍ତି ଏବଂ ତୀରନ୍ଦାଜ ଆଦି ଶୃଙ୍ଖଳରେ ଜିଲ୍ଲା ତଥା ରାଜ୍ୟସ୍ତରୀୟ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେଉଛି । ଆଜି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆଥଲେଟିକ୍ସ ଓ ଭଲିବଲ ଲାଗି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଅନ୍ୟାନ୍ୟ ସ୍ଥାନରେ ଏହି ଦୁଇ କ୍ରୀଡ଼ା ଶୃଙ୍ଖଳ ସହ କବାଡି ଓ ଫୁଟବଲ ଲାଗି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଗାମୀ ଦିନରେ ଜିଲ୍ଲାସ୍ତରରୁ କୃତୀ ପ୍ରତିଯୋଗୀମାନଙ୍କୁ ନେଇ ରାଜ୍ୟସ୍ତରୀୟ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ ।

# ସଦର ଥାନା ହାବିଲଦାରଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

କନ୍ଧମାଳ ,୩/୦୭ (ନି.ପ୍ର): ଫୁଲବାଣୀ ସଦର ଥାନା ର ବରିଷ୍ଠ ହାବିଲଦାର୍ ଯୁଗାନନ୍ଦ ବେହେରାଙ୍କୁ ଅବସର କାଳିନ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଦରଥାନା ଅଧିକାରୀ ,ପଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱ ରେ ଆୟୋଜିତ ସଭା ରେ ସଦର ଥାନା ର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଯୁଗାନନ୍ଦ ଙ୍କୁ ଫୁଲତୋଡ଼ା, ଉପଢୌକନ ଓ କିଛି ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜଣେ ସଚୋଟ୍ ଶୃଙ୍ଖଳୀତ କର୍ମଚାରୀ ଭାବରେ ଯୁଗାନନ୍ଦ ଅଫିସର ମହଲ ରେ ବେଶ ପରିଚିତ ଥିଲେ । ଦୀର୍ଘ ତିରିଶ ବର୍ଷ ରୁ ଉର୍ଦ୍ଧ ସମୟ ଧରି ପୋଲିସ ବିଭାଗ ରେ ନିଷ୍ଠା ଓ ଆନ୍ତରିକତାର ସହ କାର୍ଯ୍ୟ କରି ଯୁଗାନନ୍ଦ ବେଶ ପ୍ରଶନସାଭାଜନ ହୋଇଥିବା ସଦର ଥାନାଧିକାରୀ ବେହେରା କହିଥିଲେ । ତାଙ୍କର ଅବସର କାଳୀନ ଜୀବନ ସୁଖମୟ ହେଉ ବୋଲି କହିଥିଲେ ଥାନାଧିକାରୀ ପ୍ରଶାନ୍ତବେହେରା । ସମ୍ବର୍ଦ୍ଧନା ସଭା ରେ ଥାନା ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ବଲାଙ୍ଗିରର ଛାତ୍ର ଏମଫିଲରେ ପାଇଲେ ଗୋଲ୍ଡ ମେଡାଲ

ବଲାଙ୍ଗିର,୩/୦୭ (ନି.ପ୍ର): ଏମଫିଲରେ ପାଇଲେ ଗୋଲ୍ଡ ମେଡାଲ । ବଲାଙ୍ଗିରର ମେଧାବୀ ଛାତ୍ର ବାହାର ରାଜ୍ୟରେ ହାସିଲ କରିଛନ୍ତି ଗୋଲ୍ଡ ମେଡାଲ । ଏବଂ ରାଜ୍ୟ ତଥା ବଲାଙ୍ଗିର ପାଇଁ ଆଣି ଦେଇଛନ୍ତି ଗର୍ବ । ବଲାଙ୍ଗିର ଜିଲ୍ଲା ଟିଟିଲାଗଡର ଛାତ୍ର ମହମ୍ମଦ ଆଲିରାଜା ଏହି ଉପଲବ୍ଧି ହାସଲ କରିଛନ୍ତି । ସେ ୨୦୧୯ -୨୦୨୦ ବର୍ଷ ପାଇଁ ଛତିଶଗଡ଼ ରାଜ୍ୟ ରାୟପୁର ସ୍ଥିତ ରାଓ୍ୱତ ପୁରା ସରକାର ୟୁନଭରସିଟିରେ ଏମଫିଲ ବାଣିଜ୍ୟ ପାଠ୍ୟକ୍ରମରେ ନାମ ଲେଖାଇଥିଲେ । ଏବଂ ଅନ୍ତିମ ପର୍ଯ୍ୟାୟ ପରୀକ୍ଷାରେ ସେ ୮୪ ପ୍ରତିଶତ ମାର୍କ ରଖି ଉତୀର୍ଣ୍ଣ ହୋଇଥିଲେ । ଏବଂ ଗତକାଲି ଏହି ୟୁନିଭରସିଟିରେ ଆୟୋଜିତ ସମାବର୍ତନ ଉତ୍ସବରେ ଛତିଶଗଡ଼ ରାଜ୍ୟପାଳ ସୁଶ୍ରୀ ଅନୁସୁୟା ଉକେଙ୍କ ହାତରୁ ଏଥିପାଇଁ ଗୋଲ୍ଡ ମେଡାଲ ଗ୍ରହଣ କରିଥିଲେ । ତେବେ ଏହି ସମାବର୍ତନ ଉତ୍ସବରେ ଛତିଶଗଡ଼ ରାଜ୍ୟପାଳଙ୍କ ସହିତ କେନ୍ଦ୍ରମନ୍ତ୍ରୀ ଡାକ୍ତର ବିରେନ୍ଦ୍ର କୁମାର, କେନ୍ଦ୍ର ମନ୍ତ୍ରୀ ପ୍ରହଲ୍ଲାଦ ସିଂ ପଟେଲ, ଛତିଶଗଡ଼ ବିଧାନସଭା ବାଚସ୍ପତି ଶ୍ରୀ ଚରଣ ଦାସ ମହନ୍ତ, ଛତିଶ ଗଡ଼ ଶିକ୍ଷା ମନ୍ତ୍ରୀ ଉମେଶ ନନ୍ଦ କୁମାର ପଟେଲ, ଛତିଶଗଡ଼ ଖାଦ୍ୟ ଯୋଗାଣ ଓ ସଂସ୍କୃତି ମନ୍ତ୍ରୀ ଅମରଜିତ୍ ଭଗତ, ଛତିଶଗଡ଼ ସ୍କୁଲ ଶିକ୍ଷା ମନ୍ତ୍ରୀ ପ୍ରେମ ସାଏ ସିଂ ଟେକମଙ୍କ ସହ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସେପଟେ ବଲାଙ୍ଗୀର ଜିଲ୍ଲାର ଛାତ୍ର ମହମ୍ମଦ ଆଲିରଜାଙ୍କ ଏହି ଉପଲବ୍ଧି ପାଇଁ ତାଙ୍କ ନିକଟକୁ ସବୁଆଡୁ ପ୍ରଶଂସାର ସୁଅ ଛୁଟିଛି ।

# ଉର୍ବରତା ହରାଉଛି ଗଞ୍ଜାମ ମାଟି, ଖାରି ଓ ଲବଣାଂଶ ବୃଦ୍ଧି ମୁଖ୍ୟ କାରଣ

ବ୍ରହ୍ମପୁର ,୩/୦୭ (ନି.ପ୍ର): କୃଷିପ୍ରଧାନ, ବିଶେଷ କରି ଧାନ ଓ ପରିବା ଫସଲ ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ମାଟିର ଉର୍ବରତା ହ୍ରାସ ପାଉଛି । ଫଳରେ ଫସଲ ଅମଳରେ ଏହାର ପ୍ରଭାବ ପଡ଼ି ଚାଲିଥିବା ଦେଖିବାକୁ ମିଳୁଛି । ମାଟିରେ ଲବଣ ଓ ଖାରି ଅଂଶ ବୃଦ୍ଧି ପାଇବା ଯୋଗୁଁ ଏଭଳି ସମସ୍ୟା ହେଉଥିବା ବିଶେଷଜ୍ଞମାନେ କହିଛନ୍ତି । ଉର୍ବରତା ହ୍ରାସ ଯୋଗୁଁ ଭଲ ଫସଲ ନହେବାରୁ ଚାଷୀ ବାଧ ହୋଇ ସେମାନଙ୍କ ଜମି ବିକ୍ରି କରି ଦେଉଛନ୍ତି । ମାତ୍ରାଧିକ ୟୁରିଆ ସାର ପ୍ରୟୋଗ ଓ କିଟନାଶକ ସିଞ୍ଚନ ଦ୍ୱାରା ଏଭଳି ସମସ୍ୟା ହେଉଥିବା ବିଶେଷଜ୍ଞମାନେ କହିଛନ୍ତି । ବିଶେଷତଃ ଜିଲ୍ଲାରେ ସମୁଦ୍ର କୂଳିଆ ବ୍ଲକ ଗୁଡ଼ିକରେ ଏହି ସ୍ଥିତି ସାଂଘାତିକ । ମାଟି ଅଧିକ ଲବଣକ୍ତ ହେଉଥିବା ଯୋଗୁଁ ଫସଲ ଅମଳ କମୁଛି, ଚାଷଜମି ପରିମାଣ ମଧ କମି କମି ଚାଲିଛି । ସମୁଦ୍ର ଉପକୂଳରେ ରହିଛି ଗଞ୍ଜାମ ଜିଲ୍ଲା । ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ, ଛତ୍ରପୁର, ଗଞ୍ଜାମ, ରଂଗେଇଲୁଣ୍ଡା ଓ ଚିକିଟି ବ୍ଲକ୍ ସମୁଦ୍ର କୂଳିଆ ଅଞ୍ଚଳରେ ରହିଛି । ଏଣୁ ଏହି ବ୍ଲକର ଅଧିକାଂଶ ଗାଁର ମାଟିରେ ଲବଣ ଅଂଶ ରହିଛି । ସେହିପରି ପାଣି ମଧ ଖାରି । ଏଣୁ ଏଭଳି ମାଟିରେ ଭଲ ଅମଳ ହୁଏ ନାହିଁ । ଏଭଳି ମାଟିର ମାନ ପରୀକ୍ଷା କରିବା ପାଇଁ ରହିଛି ମୃତ୍ତିକା ପରୀକ୍ଷଣ ବିଭାଗ । ଏହି ବିଭାଗ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ମାଟି ସଂଗ୍ରହ କରି ତା'ର ପରୀକ୍ଷା କରିଥାନ୍ତି । ସାଧାରଣତଃ ଚାଷ କାମ ପାଇଁ ମାଟି ଅନୁକୂଳ ଅଛି କି ନାହିଁ, ସେ ଦିଗରେ ଅଧିକ ତଥ୍ୟ ସଂଗ୍ରହ କରାଯାଇଥାଏ । ମାଟିରେ ପିଏଚ୍ ଷ୍ଟାଟସ୍ (କ୍ଷେଐ- ପାଓ୍ୱାର ଅଫ୍ ହାଇଡ୍ରୋଜେନ ଆୟନ୍ ଅଫ୍ ସଏଲ୍) ୬.୫ରୁ ୭.୫ ରହିଲେ ତାହା ଚାଷ ପାଇଁ ବେଶ ଅନୁକୂଳ । କିନ୍ତୁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ସଂଗ୍ରହୀତ ହୋଇଥିବା ମାଟି ନମୁନାରେ ପିଏଚ୍ ଅଧିକ ରହୁଛି । ମୃତ୍ତିକା ପରୀକ୍ଷଣ ବିଭାଗ ତରଫରୁ ଗତ ୨୦୧୯-୨୦ ଆର୍ଥିକ ବର୍ଷରେ ଜିଲ୍ଲାର ୨୨ଟି ବ୍ଲକ୍ ?ରୁ ୧୦ହଜାର ୬୪ଟି ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଥିଲା । ତନ୍ମଧ୍ୟରୁ ୨ହଜାର ୫୧ଟି ନମୁନାରେ ଲବଣ ଅଂଶ ରହିଥିବା ବେଳେ ୧ହଜାର ୬୯୫ଟି ନମୁନାରେ ଖାରି ଅଂଶ ରହିଥିବା ଜଣାପଡ଼ିଛି । ଅନ୍ୟ ୬ହଜାର ୩୧୮ଟି ନମୁନା ସାଧାରଣସ୍ତରରେ ରହିଛି । ମୋଟ ନମୁନାରୁ ୬୧.୫୩ ପ୍ରତିଶତ ନମୁନା ଭଲ ରହିଥିବା ବେଳେ ପ୍ରାୟ ୩୯ ପ୍ରତିଶତ ନମୁନା ଲୁଣି ଓ ଖାରି ରହିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ । ମାଟିରେ ଲବଣ ଓ ଖାରି ଅଂଶ ବଢ଼ିବା ଯୋଗୁଁ ଉର୍ବରତା ହ୍ରାସ ପାଇଥାଏ । ଫଳରେ ଫସଲ ନଷ୍ଟ ହେବା ସହିତ ଅମଳ କମିଥାଏ । ମାଟିର ଉର୍ବରତା ବୃଦ୍ଧି କରିବା ପାଇଁ ଗୋବର, କମ୍ପୋଷ୍ଟ ଖତ ବ୍ୟବହାର କରିବା ପାଇଁ ଚାଷୀମାନଙ୍କୁ ସଚେତନ କରାଯାଉଛି । କିନ୍ତୁ ଚାଷୀ ମାତ୍ରାଧିକ ୟୁରିଆ ପ୍ରୟୋଗ କରୁଥିବା ଯୋଗୁଁ ମାଟିରେ ତା'ର କୁପ୍ରଭାବ ପଡୁଛି । ସେହିପରି ମାଟିରେ ଜଳୀୟ ଅଂଶ ମଧ କମୁଛି । ନିଅଣ୍ଟିଆ ବର୍ଷା ଯୋଗୁଁ ଜମି ଶୁଖି ଟାଙ୍ଗରା ପାଲଟି ଯାଉଛି । ଲବଣ ଓ ଖାରି ଅଂଶ ବଢ଼ିବା ଯୋଗୁଁ ମାଟି ଚାଷ ପାଇଁ ଅନୁପଯୋଗୀ ପାଲଟି ଯାଉଛି । ମାଟିକୁ ଚାଷ ପାଇଁ ଅନୁକୂଳ କରିବା ପାଇଁ ପ୍ରାକୃତିକ ସାର ପ୍ରୟୋଗ କରିବା ପାଇଁ ଚାଷୀମାନଙ୍କୁ କୁହାଯାଉଛି । ରଂଗେଇଲୁଣ୍ଡା ବ୍ଲକ୍‌ରୁ ସଂଗ୍ରହ ହୋଇଥିବା ମୋଟ ୮୪୫ ନମୁନାରୁ ୧୪୭ଟି ଲୁଣି ଓ ୧୬୦ଟି ଖାରି ହୋଇଥିବା ବେଳେ ପାତ୍ରପୁର ବ୍ଲକ୍‌ର ୬୭୬ ନମୁନାରୁ ୧୩୬ଟି ଲୁଣି ଓ ୧୫୬ଟି ଖାରି, ଦିଗପହଣ୍ଡିର ୧୪୫୩ ନମୁନାରୁ ୨୭୭ଟି ଲୁଣି ଓ ୧୮୮ଟି ଖାରି, ପୁରୁଷୋତ୍ତମପୁରର ୮୧୫ ନମୁନାରୁ ୨୦୯ଟି ଲୁଣି ଓ ୧୦୯ଟି ଖାରି ଓ ବେଗୁନିଆପଡ଼ା ବ୍ଲକ୍‌ର ୬୭୩ଟି ନମୁନାରୁ ୧୮୯ଟି ଲୁଣି ଓ ୧୧୭ଟି ନମୁନା ଖାରି ରହିଛି ।

## ପ୍ରବଳ ବର୍ଷା ହେତୁ ରାସ୍ତାରେ ଆଣ୍ଠୁଏ ପାଣି

କେନ୍ଦ୍ରାପଡା ,୩/୦୭ (ନି.ପ୍ର): ଦୀର୍ଘ ୨ଦିନ ହେଲା କେନ୍ଦ୍ରାପଡାରେ ପ୍ରବଳ ବର୍ଷା ହେତୁ ବିଭିନ୍ନ ସ୍ଥାନରେ ବର୍ଷାଜଳ ଛିଡାହୋଇ ରହିଛି । ବିଶେଷକରି ପୌରାଂଚଳର ତୁଳସୀ ମହିଳା ମହାବିଦ୍ୟାଳୟ ଠାରୁ ଗୋପ ରାସ୍ତାରେ ଆଣ୍ଠୁଏ ଲେଖାଁ ବର୍ଷାଜଳ ଛିଡା ହୋଇଥିବାରୁ ଯିବା ଆସିବାରେ ଘୋର ଅସୁବିଧା ହେଉଛି । ସେହିଭଳି ପୌରାଂଚଳର ନୂଆ ବସଷ୍ଟାଣ୍ଡ ଠାରୁ ବାଇପାସ ରାସ୍ତାର ପ୍ରଦୀପ ଟକିଜ ଠାରେ ମାତ୍ରାଧିକ ବର୍ଷାଜଳ ଛିଡାହୋଇ ରହୁଛି । ମଟର ସାଇକେଲ ଆରୋହୀ ଓ ଚାଲିକି ଯିବା ଆସିବା କରୁଥିବା ଗ୍ରାମବାସୀମାନେ ଯାତାୟତ କରିପାରୁ ନାହିଁ । ବାଇପାସ ରାସ୍ତା ପାଶ୍ୱରେ ନବୀକରଣ ରେ ୬୫ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା ।

## ଜୁଲାଇ ୬ରେ ଓଡ଼ିଶା ଏକାଡେମୀର ବିଭିନ୍ନ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ବଲାଙ୍ଗୀର,୩/୦୭ (ନି.ପ୍ର): ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତା କନିଷ୍ଠ ବର୍ଗ ୬ଷ୍ଠରୁ ୭ମ ଶ୍ରେଣୀ ଏବଂ ବରିଷ୍ଠ ବର୍ଗ ୮ମରୁ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହେବ । ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର /ଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହେବେ । ଜିଲ୍ଲା ସ୍ତରରେ ପ୍ରଥମ, ଦ୍ୱିତୀୟ ,ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର /ଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ଦିଆଯିବ । ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଆସନ୍ତା ତା୦୬/୦୭/୨୦୨୨ରିଖ ଦିନ ପୂର୍ବାହ୍ନ ୧୧ ଘଟିକା ସମୟରେ ବଲାଙ୍ଗିର ସ୍ଥିତ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ । ଗୋଷ୍ଠୀ ଶିକ୍ଷା ଅଧିକାରୀମାନେ ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗର ପ୍ରତିଯୋଗିତା ସମ୍ପୃକ୍ତ ବ୍ଲକ ସ୍ତରରେ ଏବଂ ତାଙ୍କ ଅଧିନସ୍ଥ ସହରାଞ୍ଚଳରେ ପ୍ରତିଯୋଗିତା କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରତି ବର୍ଗରୁ ଚୟନ ହୋଇଥିବା ଜଣେ ଲେଖାଏଁ ଛାତ୍ରଛାତ୍ରୀ ଜିଲ୍ଲାସ୍ତରକୁ ପ୍ରେରଣ କରିବେ । ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତା୦୫.୦୭.୨୦୨୨ରିଖ ସୁଦ୍ଧା ସମସ୍ତ ପ୍ରତିଯୋଗିତା ବ୍ଲକ ଓ ସହରାଞ୍ଚଳରେ ଆୟୋଜନ କରି ପ୍ରତ୍ୟେକ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କ ନାମ ନିର୍ଦ୍ଧାରିତ ଫର୍ମରେ ଜୁଲାଇ ୫ ତାରିଖ ସୁଦ୍ଧା ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ହତ୍ୟା ଅଭିଯୁକ୍ତକୁ ଧରିବା ପାଇଁ ପରିବାର ଲୋକ ଏସପିଙ୍କ ଦ୍ୱାରସ୍ଥ

କେନ୍ଦ୍ରାପଡା ,୩/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ତମାଳାଶାସନ ଚଉଦକୁଳାଟ ଗ୍ରାମର ସେକ ସାଦିକଙ୍କ ଭାଣିଜୀ ସଫିନା ବେଗମ ନିଖୋଜ ଥିବାର ବହୁ ଖୋଜାଖୋଜି କରିବା ପରେ ନପାଇବାରୁ ଚଉଦକୁଳାଟ ଫାଣ୍ଡିରେ ୧୦ ତାରିଖ ଦିନ ଏତଲା ଦେଇଥିଲେ । ଗତ ମାସ ୧୧ ତାରିଖ ଦିନ ୧୨ଟା ସମୟରେ ଜଗନ୍ନାଥପୁର ସ୍ଥିତ ବ୍ରାହ୍ମଣୀ ନଦୀରେ ଏକ ଯୁବତୀଙ୍କର ଶବ ଭାସୁଥିବା ଥାନାରୁ ଖବର ପାଇ ସେକ ସାଦିକ ଏବଂ ତାଙ୍କ ପରିବାର ଲୋକ ଘଟଣା ସ୍ଥଳରେ ପହଁଚି ଭାସୁଥିବା ଯୁବତୀ ଜଣକ ମୃତକ ତାଙ୍କ ଭାଣିଜୀ ସଫିନା ବେଗମ ବୋଲି ଚିହ୍ନଟ କରିଥିଲେ । ମୃତକ ସଫିନା ବେଗମ କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ରସୁଲାବାଦ ଗୌଡଗୋପ ର ଅଟୋଚାଳକ କୁମାଙ୍କ ସହିତ ନିୟମିତ ଭାବେ ମୋବାଇଲରେ କଥାବାର୍ତା ହେଉଥିବା ଜାଣିବା ପରେ ଅଟୋ ଚାଳକ କୁମା ତାଙ୍କ ଭାଣିଜୀକୁ ମାରି ନଈରେ ଫୋପାଡି ଦେଇଥିବା ନେଇ ସେ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିଥିଲେ ।

# ଭଗାରାମ ଗ୍ରାମବାସୀଙ୍କ ଦୁଃଖ ବର୍ଷା : ଗମନାଗମନ, ଶିକ୍ଷା ଓ ଚାଷ କ୍ଷେତ୍ରରେ ବାଧକ ସାଜୁଛି ବର୍ଷାଜଳ

ଭଦ୍ରକ,୦୩/୦୭ (ନି.ପ୍ର): ଆଗରପଡ଼ା,ବର୍ଷା ଆସିଲେ ଦୁଃଖ ବଢିଯାଇଥାଏ ଗ୍ରାମବାସୀଙ୍କ ପାଇଁ । ବର୍ଷା ପାଣି ଚାଷ, ଶିକ୍ଷା ଓ ଗମନାଗମନ ଆଦି ବିଭିନ୍ନ କ୍ଷେତ୍ରରେ ବାଧକ ସାଜିଥାଏ । ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ବ୍ଲକ କାଦବରାଙ୍ଗ ପଂଚାୟତ ୩ନଂ ୱାର୍ଡ଼ ଅନ୍ତର୍ଗତ ଭଗାରାମ ଗ୍ରାମଠାରେ । ସୂଚନା ଅନୁଯାୟୀ, ବାରିକ ସାହୀ,ବଡ଼ ସାହୀ,ଜେନା ସାହୀ,ଦାସ ସାହୀ,ଗୁଦୁଡ଼ି ସାହୀ,ବଡ଼ପୋଖରୀ ଓ ମହୁରୀ ସାହୀକୁ ନେଇ ଭଗାରାମ ଗ୍ରାମ ଗଠିତ । ଯାହାର ଲୋକ ସଂଖ୍ୟା ପାଖାପାଖି ୧୦୦୦ ହୋଇଥିବା ବେଳେ ଭୋଟର ସଂଖ୍ୟା ପାଖାପାଖି ୭୦୦ । କିନ୍ତୁ ସରକାରଙ୍କ ଦୂରଦୃଷ୍ଟିର ଅଭାବଯୋଗୁଁ ଉକ୍ତ ଗ୍ରାମରେ ଜଳନିଷ୍କାସନର ସୁବନ୍ଦୋବସ୍ତ ନଥିବାରୁ ବର୍ଷାଋତୁ ଆସିଲେ ଗ୍ରାମବାସୀଙ୍କ ଚିନ୍ତା ବଢିଯାଇଥାଏ । ସେମାନଙ୍କ ଅଭିଯୋଗ ଅନୁଯାୟୀ ସରକାର ଗମନାଗମନ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କାଦବରାଙ୍ଗ ପଞ୍ଚାୟତ ସ୍ଥିତ ବାଙ୍କତିରା ଆର.ଡ଼ି.ରାସ୍ତା ଠାରୁ ଆପ୍ତିରା ସଡ଼ଙ୍ଗୀ ପର୍ଯ୍ୟନ୍ତ ସାଢେ ୩ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଟ୧୬୮.୬୪ଲକ୍ଷ ଙ୍କା ମଂଜୁର କରିଥିଲେ । ଏହାର ତା ୧.୮.୨୦୧୩ ରିଖ ରେ ଆରମ୍ଭ ହୋଇ ତା ୧୮.୪.୨୦୧୪ରେ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ନିର୍ଦ୍ଦେଶ ମଧ୍ୟ ଜାରି କରିଥିଲେ ମାତ୍ର ଠିକାଦାର ଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁଁ ଅବଧି ଶେଷ ହେବାର ୩ ବର୍ଷପରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । କାର୍ଯ୍ୟ ସରୁସରୁ କଂକ୍ରିଟ ହୋଇଥିବା ୭ଶହ ମିଟର ରାସ୍ତା ଫାଟିଯିବା ସହିତ ପ୍ରାୟ ୨କି.ମି ହୋଇଥିବା ପିଚୁରାସ୍ତା ପାଶ୍ୱର୍ ଗୁଡ଼ିକ ଦବି ଯାଇଥିଲା । ଏବଂ ରାସ୍ତା ନିର୍ମାଣ ସମୟରେ ଜଳନିଷ୍କାସନ ପାଇଁ କୌଣସି ସୁବନ୍ଦୋବସ୍ତ କରାଯାଇନଥିବାରୁ ଏହି ଗ୍ରାମ ଦେଇ ମୁଣ୍ଡଳୀ, ରଇଁତରା ଓ ନୂଆପୋଖରୀ ଗ୍ରାମର ଜଳ ପ୍ରଭାବିତ ହେଉଥିଲେ ସୁଦ୍ଧା ଏହା ନିଷ୍କାସନ ନ ହୋଇ ପାରି ଜମି ରହୁଛି ଏବଂ ପୂର୍ବରୁ ନିର୍ମିତ କେନାଲ ମୁଣ୍ଡଳୀ ମାଇନରରୁ ବାଙ୍କତିରା ମାଇନରକୁ ସଂଯୋଗ କରୁଥିଲେ ସୁଦ୍ଧା ଜଗନ୍ନାଥପୁର ଗ୍ରାମ ଠାରେ ଥିବା କାଡ଼ା ନାଳକୁ ବନ୍ଦ କରି ଦିଆଯାଇଥିବାରୁ ବର୍ଷା ହେଲେ ଏହି ଜଳ ନିଷ୍କାସନ ହୋଇ ନପାରି ଭଗାରାମ ଗ୍ରାମର ବାରିକ ସାହୀର ୧୦/୧୨ ପରିବାରଙ୍କ ସମେତ ହରିଜନ ସାହୀର କିଛି ପରିବାର ପାଣି ଘେରରେ ରହିଯାଇଥାନ୍ତି । ଉକ୍ତ ଗ୍ରାମର ଗୋଟିଏ ପରିସରରେ ଥିବା ପ୍ରାଥମିକ ବିଦ୍ୟାଳୟ, ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରେ ବର୍ଷା ଜଳ ପଶିଯାଇଥାଏ । ଯଦ୍ୱାରା ଶିକ୍ଷା କ୍ଷେତ୍ରରେ ଘୋର ବ୍ୟାଘାତ ସୃଷ୍ଟି ହୋଇଥାଏ । ଏବଂ ପାଣି ପଶିଯିବା ଦ୍ୱାରା ପିଲାମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ । ସେହିପରି ଜଳନିଷ୍କାସନ ହୋଇ ପାରୁନଥିବାରୁ ପାଖାପାଖି ୫୦ଏକର ଚାଷ ଉପଯୋଗି ଜମି ରେ ଚାଷ କାର୍ଯ୍ୟ ହୋଇପାରୁନଥିବା ଜଣାପଡ଼ିଛି । ପ୍ରତିବର୍ଷ ଗ୍ରାମବାସୀଙ୍କ ଦ୍ୱାରା ବିଭାଗୀୟ ଅଧିକାରୀଙ୍କ ସମେତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ସୁଦ୍ଧା ଅଧାବଧି କିଛି ସୁଫଳ ମିଳିପାରୁନଥିବା ଜଣାପଡୁଛି । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବୀ ହୋଇଛି ।

# ଗଣଦୌଡ଼ରେ ସାମିଲ ହେଲେ ଶତାଧିକ ପ୍ରାକ୍ତନ ଛାତ୍ର ଛାତ୍ରୀ



ଭଦ୍ରକ,୦୩/୦୭ (ନି.ପ୍ର): ଚଳିତ ମାସ ୬ ତାରିଖ ରାଜର ଦ୍ୱିତୀୟ ସର୍ବ ପୁରାତନ ଭଦକ ମହାବିଦ୍ୟାଳୟ ଏହାରୂ ପତଲାଟିନମ୍ ବା ହୀରକ ଜୟନ୍ତୀ ପାଳନ କରିବ। ହୀରକ ଜୟନ୍ତୀ ସ୍ମୃତିରେ ପୁରାତନ ଛାତ୍ର ସଂସଦ ଓ ଭଦ୍ରକ କଲେଜ ଆଲୁମିନି ଆସୋସିଏସନ ପକ୍ଷରୁ ରବିବାର ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ମହତାବ ଛକ ଠାରୁ ଆରମ୍ଭ ହୋଇଥିବା ଏହି ଗଣଦୌଡ଼ରେ ଶତାଧିକ ପ୍ରାକ୍ତନ ଛାତଛାତୀଙ୍କ ସମେତ ବର୍ତ୍ତମାନ କଲେଜରେ ଅଧ୍ୟୟନରତ ପିଲାମାନେ ମଧ୍ୟ ସାମିଲ ହୋଇଥିଲେ। ଏହି ଗଣଦୌଡ଼କୁ ଭଦ୍ରକ ବିଧାୟକ ତଥା ହୀରକ ଜୟନ୍ତୀ ଆଭ୍ୟର୍ଥନା କମିଟିର ସଭାପତି ସଂଜିବ କୁମାର ମଲ୍ଲିକ, ପୌରାଧ୍ୟକ୍ଷ ଗୁଲମକ୍କୀ ହବିବ୍, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର, ଭଦ୍ରକ ସାଂସଦଙ୍କ ପତିନିଧି ମୁକ୍ତିକାନ୍ତ ମଣ୍ଡଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିସହ ଅତିଥିମାନେ ଗଣଦୌଡ଼ରେ ନିଜକୁ ମଧ୍ୟ କିଛି ସମୟ ପାଇଁ ସାମିଲ କରିଥିଲେ। ଗଣଦୌଡ଼ ପ୍ରାରମ୍ଭରେ ପୁରାତନ ଛାତ୍ର ସଂସଦର ସଂପାଦକ ଅଜୟ କୁମାର ନାୟକ କଲେଜର ଇତିହାସ ଗାରିମା ବଖାଣିବା ସହ ଆଗାମୀ ଦିନରେ କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳୁ ବୋଲି ପୁନଃ ଦାବି ଉପସ୍ଥାପନ କରିଥିଲେ। କଲେଜର ହୀରକ ଜୟନ୍ତୀ କାର୍ଯ୍ୟକ୍ରମ ଆସନ୍ତା ୬ ତାରିଖ ଠାରୁ ଆରମ୍ଭ ହେଉଥିବାବେଳେ, ଏହା ପର୍ଯ୍ୟାୟକ୍ରମେ ଏକ ବର୍ଷ ଧରି ଚାଲିବ ବୋଲି ଜଣାପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଏହି ଗଣଦୌଡ଼ କରାଯାଇଛି ବୋଲି କଲେଜର ପାକ୍ତନ ଛାତ୍ର ଗଦାଧର ବଳ କହିଛନ୍ତି। ତେବେ ଏହି ଗଧଦୌଡ଼ ଭଦକ ମହାବିଦାଳୟରେ ପହଞ୍ଚିବା ପରେ ସେଠାରେ ମହାବିଧାଳୟର ଅଧ୍ୟକ୍ଷ ଡ. ସୁବୋଧ ଚନ୍ଦ୍ର ମିଶ୍ର, ବରିଷ୍ଠ ପ୍ରାଧାପକ ଦୁର୍ଗା ପ୍ରସାଦ ଦାସ, ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ଦୌଡ଼ରେ ସାମିଲ ଥିବା ପାକ୍ତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଶତାଧିକ ଛାତ୍ରଛାତ୍ରୀ ସେମାନଙ୍କ ଉପରେ ପୁଷ୍ପବୃଷ୍ଟି କରିଥିଲେ। ପରେ ମହାବିଦାଳୟର ଅଧ୍ୟକ୍ଷ ଡ. ମିଶ୍ର ପୁରାତନ ଛାତ୍ରମାନଙ୍କ ସହ କଲେଜ ପରିସରରେ ଥିବା ପ୍ରତିଷ୍ଠାତା ନରେନ୍ଦ୍ର ପ୍ରସାଦ ଦା. ଡ. ହରେକୃଷ୍ଣ ମହତାବ, ଛକଡ଼ି ମହାନ୍ତିଙ୍କ ପ୍ରତିମୂର୍ତ୍ତୀରେ ମାଲାର୍ପଣ କରିଥିଲେ। ଏସମସ୍ତ କାର୍ଯ୍ୟକ୍ରମକୁ ପ୍ରାକ୍ତନ ଛାତ୍ର ଜଗନ୍ନାଥ ସ୍ୱାଇଁ, ଡାକ୍ତର ପ୍ରଦୀପ ନାୟକ, ଜତିକାନ୍ତ ନାୟକ, ଅରୁଣ ଚାନ୍ଦ, ଦିବ୍ୟସିଂହ ନାୟକ, ଅଭୟ ଦ୍ୱିବେଦୀ, ପ୍ରମୋଦ ରାୟ, ଗୋଲକ ପ୍ରସାଦ ନାୟକ, ଶୁଭେନ୍ଦୁ ରାୟ ମହାପାତ୍ର, ଅପୂର୍ବ ରଂଜନ ବେହେରା, ଅକ୍ଷୟ କୁମାର ଦାସ, ଜ୍ୟୋତିପ୍ରକାଶ ମହାନ୍ତି, ପ୍ରକାଶଜୋତି ମହାକୁଡ଼, ସ୍ୱାଧିନ ସୁନ୍ଦର ଦାସ, ରାକେଶ ପଣ୍ଡା, ତଥାଗତ ସାମଲ, ଡିଜେ ଦିପ୍ତୀମାନ ଜେନା, ସୁଧିର ଦ୍ୱିବେଦୀ, ଜ୍ଞାନ ରଂଜନ ମହାନ୍ତି, ମାନସ ସାହୁ, ଅମ୍ବିକା ଦାସ, ଶରତ ପଢ଼ିଆରୀଙ୍କ ସମେତ ବହୁ ପ୍ରାକ୍ତନ ଛାତ୍ର ପରିଚାଳନା କରିଥିଲେ।

## ଜୁଲାଇ ପାଞ୍ଚରେ ସିନେ କ୍ରିଟିକ ଓ ଓଡିଶା ପ୍ରଯୋଜକ ଓ କଳାକାର ଆସୋସିଏସନର ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର,୦୩/୦୭ (ନି.ପ୍ର): ବିଶିଷ୍ଟ କଳାକାର ରାଇମୋହନଙ୍କ ଦୁଃଖଦ ବିୟୋଗରେ ଓଡ଼ିଶା ସିନେ କ୍ରିଟିକ ଆସୋସିଏସନ ଓ ଓଡିଶା ପ୍ରଯୋଜକ ଓ କଳାକାର ଆସୋସିଏସନ ର ସଭାପତି ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଦିଲୀପ ହାଲି, ପ୍ରଯୋଜକ ଲୁଟୁ ମହାନ୍ତି, ରବିନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ପାଇକରାୟ, ଜ୍ଞାନରଞ୍ଜନ ପ୍ରିୟଦର୍ଶନ, ଶ୍ରୀଧର ମାର୍ଥା, ଅତିଶ ରାଉତ, ରବିନ୍ଦ୍ର ନାଥ ପଣ୍ଡା, ପ୍ରଶାନ୍ତ ପାଢ଼ୀ, ରଜନୀ ରଞ୍ଜନ ଆଡଭୋକେଟ ପ୍ରମୋଦ ଅଧିକାରୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କର ଅମ୍ଳାନ ସ୍ମୃତିରେ ଅନୁଷ୍ଠାନ ପକ୍ଷରୁ ଏକ ରାଜ୍ୟ ସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଜୁଲାଇ ପାଞ୍ଚ ତାରିଖ ମଙ୍ଗଳବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଭୁବନେଶ୍ୱର ବୁଦ୍ଧ ମନ୍ଦିର ଠାରେ ଅନୁଷ୍ଠିତ ହେବ । ଏଥିରେ ସଂସ୍କୃତି' ପ୍ରେମୀ ତଥା ରାଇମୋହନ ଙ୍କୁ ଭଲ ପାଉଥିବା ବ୍ୟକ୍ତି ମାନେ ଉପସ୍ଥିତ ରହି ସ୍ମୃତିଚାରଣ କରିବାକୁ କର୍ମକର୍ତ୍ତା ମାନେ ନିବେଦନ କରିଛନ୍ତି ।

## ଶରଧାବାଲିରେ ଭଜନ ସମାରୋହ

ପୁରୀ, ୦୩/୦୭ (ନି.ପ୍ର): ଗୁଣ୍ଡିଚା ମନ୍ଦିର ମୁକ୍ତାକାଶ ରଙ୍ଗମଚ ଠାରେ ଆଜି ସଂଧ୍ୟା ରେ ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ ପାଲିତ ଓ ସାଥି ମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ଭକ୍ତି ଭାବ ସହ ଭଜନ ପରିବେଷଣ କୁ ହଜାର ହଜାର ଶ୍ରୋତା ଶୁଣିଥିଲେ । ପ୍ରତିଦିନ ରାଜ୍ୟ ର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଯୋଗଦେଉଛନ୍ତି । ଶରଧାବାଲି ଏକ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିଜେବି କଲେଜ ଛାତ୍ରୀ ଆତ୍ମହତ୍ୟା....

ବିଜେବି କଲେଜ ଛାତ୍ରୀ ଆତ୍ମହତ୍ୟାକୁ ନେଇ ତେଜିଛି ରାଜନୀତି । ବିରୋଧୀ ଅଭିଯୋଗ କରିଛନ୍ତି, ବିଜେବି ସମେତ ରାଜ୍ୟର ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ମଧ୍ୟ ର୍ୟାଗିଂ ହେଉଛି । ହେଲେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି । ତେଣୁ ଏପରି ଘଟଣାର ପୁନରାବୃତ୍ତି ହେଉଛି । ଏହି ପ୍ରସଙ୍ଗ ବିଧାନସଭାରେ ଉଠାଇବେ ବୋଲି କହିଛନ୍ତି ବିରୋଧୀ । ସେପଟେ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ସୋସିଆଲ ମିଡିଆରେ ପ୍ରତିକ୍ରିୟା ଦେଇ କହିଛନ୍ତି, ତଦନ୍ତ ରିପୋର୍ଟ ହସ୍ତଗତ ପରେ ନିଆଯିବ କାର୍ଯ୍ୟାନୁଷ୍ଠାନ । ରାଜ୍ୟ ମହିଳା କମିସନର ଅଧ୍ୟକ୍ଷା ମୀନତି ବେହେରାଙ୍କ ତିନି ଜଣିଆ ଟିମ୍ ମଧ୍ୟ ବିଜେବି କଲେଜ କାରୁବାକି ଛାତ୍ରୀ ନିବାସରେ ପହଁଚି ଛାତ୍ରୀ ଓ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି ।

### ଗୋଧ୍ରା ହିଂସାକାଣ୍ଡ : ଅଭିଯୁକ୍ତଙ୍କୁ ....

ଗିରଫ କରିବା ପରେ ପୁଲିସ କହିଥିଲା, ଟ୍ରେନ କମ୍ପାର୍ଟମେଣ୍ଟରେ ନିଆଁ ଲଗାଇବାକୁ ପେଟ୍ରୋଲର ବନ୍ଦୋବସ୍ତ କରିବା, ଦଙ୍ଗା ପାଇଁ ଉସକାଇବା ଓ ପୁରା ଷଡଯନ୍ତ୍ର ପଛରେ ରଫିକର ବଡ ହାତ ଥିଲା। ରଫିକ୍ ହୁସୈନ ଗୋଧ୍ରା ଷ୍ଟେସନର ପ୍ଲାଟର୍ଫରେ ଜଣେ ଦିନ ମଜୁରିଆ ଭାବେ କାମ କରୁଥିଲା। ଘଟଣା ଦିନ ଯେତେବେଳେ ସାବରମତି ଟ୍ରେନ ଆସି ପ୍ଲାଟଫର୍ମରେ ଲାଗିଥିଲା ସେତେବେଳେ ଏହା ଉପରକୁ ପଥର ମାଡ ସହ ପେଟ୍ରୋଲ ପକାଇବା କାମରେ ସେ ସହଯୋଗ କରିଥିଲା। ହେଲେ ଘଟଣା ପରେ ସେ ଫେରାର ହୋଇଯାଇଥିଲା ବୋଲି ପୁଲିସ କହିଛି।

# ବାଣୀବିହାର ଗେଟ ବନ୍ଦ ପାଇଁ ନିନ୍ଦା କଲା ଭିଏସ୍ଏସ୍ନଗର ଦୁର୍ଗାପୂଜା ସମିତି

ଭୁବନେଶ୍ୱର,୦୩/୦୭ (ନି.ପ୍ର): ସ୍ୱେଚ୍ଛାଚାରିତା ମନୋଭାବ ରଖି ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବୀର ସୁରେନ୍ଦ୍ର ସାଏ ନଗର ପାଖରେ ଥିବା ବାଣୀବିହାର ୩ ନମ୍ବର ଗେଟ ସମ୍ମୁଖରେ ବଡ ପାଚେରୀ ନିର୍ମାଣ କିରି ଫାଟକ ବନ୍ଦ କରିଥିବାରୁ ଭି ଏସ୍ ଏସ୍ ନଗର ସାର୍ବଜନୀନ ଦୁର୍ଗାପୂଜା ସମିତିର କାର୍ଯ୍ୟନିର୍ବାହୀ ସମିତିରେ ସର୍ବସମ୍ମତି କ୍ରମେ ଏକ ନିନ୍ଦା ପ୍ରସ୍ତାବ ଗୃହିତ ହୋଇଛି । ଭି ଏସ୍ ଏସ୍ ନଗର ଦୁର୍ଗା ପୂଜା ସମିତିର କାର୍ଯ୍ୟନିର୍ବାହୀ ସମିତି ବୈଠକ ଆଜି ଅପରାହ୍ନ ୪ ଟା ସମୟରେ ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପରେ ଆର୍ତତ୍ରାଣ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଦୁର୍ଗାପୂଜା ସମିତିର ସାଧାରଣ ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତିଙ୍କ ପ୍ରସ୍ତାବ କ୍ରମେ ଦିର୍ଘ ୪୫ ବର୍ଷ ଧରି ବ୍ୟବହାର ହେଉଥିବା ଓ ଭି ଏସ୍ ଏସ୍ ନଗର ପାଖକୁ ଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ୩ ନମ୍ବର ଗେଟ ବନ୍ଦ ହେବା ଫଳରେ ସ୍ଥାନୀୟ ବାସିନ୍ଦା ମାନେ ଭୁବନେଶ୍ୱର ଭିତରକୁ ଯିବା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବାଣୀବିହାର ଭିତରେ ଥିବା ସ୍କୁଲକୁ ଏହି ଅଂଚଳରୁ ପିଲା ମାନେ ପାଠ ପଢିବା ପାଇଁ ଯାଇ ପାରୁ ନାହାଁନ୍ତି । ଏହି ଗେଟ ଅତି ଶିଘ୍ର ଖୋଲିବା ପାଇଁ ବୈଠକରେ ଦାବି ହୋଇଥିଲା । ଏହି ଆଲୋଚନାରେ ଦୁର୍ଗାପୂଜା ସମିତିର ଉପ-ସଭାପତି ଅଧିବକ୍ତା ଦିଲ୍ଲିପ ଦାଶଶର୍ମା। ଓ ନିମାଇଁ ଦାସ, କୋଷାଧକ୍ଷ ମହେଶ୍ୱର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ନବୀନ କିଶୋର ଭୁକ୍ତା, ଭ୍ରମରବର ସାହୁ, ଗୌରାଙ୍ଗ ଚରଣ ପଲାଇ ଓ ରାମ ଚନ୍ଦ୍ର ସାମଲ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ପ୍ରତାପ ନନ୍ଦ, ମନୋଜ ସାହୁ, ପ୍ରସନ୍ନ ରଥ, ପ୍ରଭାତି ମହାନ୍ତି, ଧରଣୀଧର ରାଉତ, ଦିଲ୍ଲିପ ପତି, ପ୍ରକାଶ ଦାସ, ଧିରେନ୍ଦ୍ର ନାଥ ଦାଶ, ବିକାଶ କୁମାର କୁଣ୍ଡ, ସୁରେନ୍ଦ୍ର ମଲ୍ଲିକ ଓ ଧିରେନ୍ଦ୍ରନାଥ ମହାନ୍ତି ଆଦି ବହୁ ସଦସ୍ୟ ଭାଗ ନେଇଥିଲେ ।

# ସାମ୍ବାଦିକଙ୍କ ସୁରକ୍ଷା ଆଇନ ପ୍ରଣୟନ ଓ ମୃତ ସାମ୍ବାଦିକଙ୍କ ପରିବାରଙ୍କୁ ସହାୟତା ଦାବିରେ ମନ୍ତ୍ରୀଙ୍କ ସହ ଆଲୋଚନା

ଭୁବନେଶ୍ୱର,୦୩/୦୭ (ନି.ପ୍ର): ସାମ୍ବାଦିକ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିବା, ବୀମା ରାଶି ୨ଲକ୍ଷରୁ ୫ଲକ୍ଷକୁ ବୃଦ୍ଧି କରିବା, ସ୍ୱାସ୍ଥ୍ୟ ବୀମାରେ ସାମ୍ବାଦିକଙ୍କ ବାପା ଓ ମା'ଙ୍କୁ ଅନ୍ତର୍ଭୁକ୍ତ କରିବା କିମ୍ବା ସାମ୍ବାଦିକଙ୍କ ବାପା'ଓ ମା'ଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବା ଓ ଦୁର୍ଘଟଣାରେ ମୃତ ସାମ୍ବାଦିକ ଅଶୋକ ପଣ୍ଡା ପରିବାରଙ୍କୁ ଯଥା ଶିଘ୍ର ସହାୟତା ପ୍ରଦାନ କରିବାକୁ ଦାବି କରିଛି ସାମ୍ବାଦିକ ମିଳିତ ମଂଚ। ମଂଚ ପକ୍ଷରୁ ଏନେଇ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କୁ ଭେଟି ଆଲୋଚନା କରାଯିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମନ୍ତ୍ରୀ ଆଲୋଚନା ବେଳେ ଏନେଇ ପଦକ୍ଷେପ ନେବେ ଓ ସ୍ୱର୍ଗତ ପଣ୍ଡାଙ୍କ ପରିବାରଙ୍କୁ ସରକାରୀ ସହାୟତା ଯେପରି ଶିଘ୍ର ମିଳିବ ଏନେଇ ପ୍ରତିଶୃତି ଦେଇଥିଲେ। ଓଡ଼ିଶା ବିଧାନ ସଭାରେ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ ପାଇଁ ମଂଚ ପକ୍ଷରୁ ରାଜ୍ୟର ୫ଜଣ ମନ୍ତ୍ରୀ ଓ ୫୦ଜଣ ବିଧାୟକ ଓ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ଭେଟି ନିବେଦନ କରାଯାଇଛି। ମହାରାଷ୍ଟ୍ର ପରି ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ପାଇଁ ଓଡ଼ିଶାରେ ଏହି ଅଭିଯାନ ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ରାଜ୍ୟରେ ଅଭିଯାନ କରାଯିବ ବୋଲି ସାମ୍ବାଦିକ ମିଳିତ ମଂଚର ଆବାହକ ଡ. ଲିଙ୍ଗରାଜ ସାହୁ କହିଛନ୍ତି। ଏହି ଦାବି ପତ୍ର ପ୍ରଦାନ ବେଳେ ସାମ୍ବାଦିକ ସାରଦା ପ୍ରସନ୍ନ ଶତପଥି, ମନୋରଞ୍ଜନ ମିଶ୍ର, ବିଦ୍ୟାଧର ବାରକ୍, ବିମଳ ପ୍ରଧାନ, ରାଜେଶ ସାମଲ, ବିଭୂତି ସାହୁ, ସଞ୍ଜୟ ପରିଡ଼ା ଓ ବହୁ ସାମ୍ବାଦିକ ସାମିଲ ହୋଇଥିଲେ।

# ସେବା ଓ ସେବକ ସପ୍ତାହରେ 'ସମାଜ' ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୦୩/୦୭ (ନି.ପ୍ର): ସେବା, ମମତା ଓ ତ୍ୟାଗର ପ୍ରତୀକ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୪ତମ ପୁଣ୍ୟତିଥି ଅବସରରେ 'ସମାଜ' ପରିବାର ପକ୍ଷରୁ ରାଜ୍ୟବ୍ୟାପୀ ପାଳନ ହେଉଛି ସେବା ଓ ସେବକ ସପ୍ତାହ। ଗତ ୨୯ ତାରିଖରୁ ୭ଦିନ ଧରି ଜାରି ରହିଛି ବିଭିନ୍ନ ପ୍ରକାରର ସେବା ମୂଳକ କାର୍ଯ୍ୟକ୍ରମ। ଏହି ପରିପ୍ରେକ୍ଷୀରେ 'ସମାଜ' ଉତ୍ତର ଓଡ଼ିଶା ଶାଖା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବାଲେଶ୍ୱର ସହରର ବ୍ରିଟ କଲ୍ୟାଣମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଏହି ଶିବିରକୁ ଉଦଘାଟନ କରିବା ସହ ସତ୍ୟ ତଥା ନିରପେକ୍ଷ ଖବର ପ୍ରକାଶ ସାଙ୍ଗକୁ ଉତ୍କଳମଣିଙ୍କ ଆଦର୍ଶକୁ ଉଜ୍ଜୀବିତ ରଖି 'ସମାଜ' ପକ୍ଷରୁ ଚାଲିଥିବା ସେବାମୂଳକ କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ପ୍ରେରଣା ହୋଇଛି ବୋଲି କହିଥିଲେ। ତେବେ ରକ୍ତଦାନ ଭଳି ଆଜିର ଏହି ମହତ କାର୍ଯ୍ୟକ୍ରମରେ ସାମିଲ ପ୍ରତ୍ୟକଙ୍କ ପାଇଁ ମୂଲ୍ୟବାନ ଜୀବନ ରକ୍ଷା ହୋଇପାରିବ ବୋଲି ଶ୍ରୀ ମହାପାତ୍ର କହିଥିଲେ। ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ 'ସମାଜ'ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ମଧୁସୂଦନ ଦାସ ଅଧ୍ୟକ୍ଷତା କରିବା ସହ ସେବା ଓ ସେବକ ସପ୍ତାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କେବଳ ରକ୍ତଦାନ ନହେଁ ବରଂ ଅନ୍ୟାନ୍ୟ କ୍ଷେତ୍ରରେ ବି 'ସମାଜ' ତା'ର ସେବାମୂଳକ କାର୍ଯ୍ୟଧାରା ନିରନ୍ତର ଜାରି ରଖିଛି ବୋଲି ସେ କହିଥିଲେ। ବିଶିଷ୍ଟ କବି ପ୍ରଶାନ୍ତ ଦାସ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳସେନ ଜଗଦେବ, ଜିଲା ରକ୍ତଭଣ୍ଡାରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ମହେଶ ବିଶ୍ୱାଳ, ଯୁବ ସମାଜସେବୀ ରାଜେଶ ଗିରି, ଅଖିଳ ଭାରତୀୟ ଦୁଃଖୀ ସମାଜ ସଭାପତି ତଥା କାଉନସିଲର ଶେଖ ଆୟୁବ, ସମାଜ ବ୍ୟୁରୋ ମୁଖ୍ୟ କୁଳମଣି ବାରିକ ପ୍ରମୁଖ ଏଥିରେ ମଞ୍ଚାସୀନ ହୋଇ ଶ୍ରଦ୍ଧାର ସହ 'ସେବା ଓ ସେବକ ସପ୍ତାହ' ପାଳନ ଭଳି ସୁଦ୍ଧ ବିଚାର ଉତ୍କଳମଣିଙ୍କ ପ୍ରତିଷ୍ଠିତ ଅନୁଷ୍ଠାନର ପରିଚିତି ହୋଇଛି ବୋଲି କହିଥିଲେ। ଏହି ଧାରା ଆଗାମୀ ଦିନରେ ବି ଜାରି ରହୁ ବୋଲି ସମସ୍ତେ କାମନା କରିଥିଲେ। ଡେସ୍କ ଇନଚାର୍ଯ୍ୟ ଶଶିରଞ୍ଜନ ମଲିକ ଏଥିରେ ସଂଯୋଜନା କରିଥିବା ବେଳେ ଜିଲା ପ୍ରତିନିଧି ରତିକାନ୍ତ ପାଢ଼ୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଅତିଥିମାନେ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ସେହିମାନେ ହିଁ ଜଣେ ଜଣେ ଦେବଦୂତ ବୋଲି ମତ ପ୍ରକାଶ କରିଥିଲେ। ଡାକ୍ତର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରେ ସୁଚିସ୍ମିତା ଦାସ, ମୋନାଲିସା ମହାନ୍ତି, ଦେବାଶିଷ ଦତ୍ତ, ବସନ୍ତ କୁମାର ଜେନା, ବିଜୟ କୁମାର ପଟ୍ଟନାୟକ, ସ୍ୱାତି ସୁଚରିତା ରାଜ, ସବନମ ଦାସ, ବିନୋଦ ବିହାରୀ ଦାସ, ଖିରୋଦ କୁମାର ବେହେରା, ବିଦ୍ୟାଧର ସାହୁ ପ୍ରମୁଖ ଜିଲା ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ।

## ବ୍ରହ୍ମପୁରରେ ବ୍ରହ୍ମଯଜ୍ଞ



ବ୍ରହ୍ମପୁର(ରୂପସା), ୦୩/୦୭ (ନି.ପ୍ର): ହାତିଆଡିହା ଯୋଗଶିକ୍ଷା କେନ୍ଦ୍ରର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ବାରିକ-ମୁନିରାଜ୍ଞୀ ଗୀତାଞ୍ଜଳୀ ବାରିକଙ୍କର ୫୦ ତମ ବିବାହ ବାର୍ଷିକ (ସ୍ୱର୍ଣ୍ଣଜୁବଲୀ)ମହା ସମାରୋହରେ ପାଳିତ ହୋଇ ଯାଇଛି । ସକୁଟୁମ୍ବ-ଜାତିଭାଇ, ଗାଁ ସାଇ ପଡ଼ିଶା, ଆତ୍ମୀୟ ସ୍ୱଜନ, ପରିବାରବର୍ଗ, ବନ୍ଧୁବାନ୍ଧବ, ମୁନି ସମାଜ ସାଙ୍ଗସାଥି ସମସ୍ତେ ଦୀର୍ଘ ନୀରୋଗ ନିରାମୟ ଯୋଗମୟ ଆନନ୍ଦମୟ ଜୀବନର ଶୁଭ ଆଶିର୍ବାଦ ପ୍ରଦାନ କରିଥିଲେ । ଶେଷରେ ସୁପୁତ୍ର ବଧୂ ଲିପିକା ବାଛିନୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ର୍ୟାଗିଂ ବନ୍ଦ ଓ ରୁଚିକାକୁ ନ୍ୟାୟ ଦାବିରେ ଏଆଇଏସ୍ଏଫ୍ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର,୦୩/୦୭ (ନି.ପ୍ର): ଗତ ଜୁଲାଇ ୨ ତାରିଖ ରାଜ୍ୟ ରାଜଧାନୀ ଭୁବନେଶ୍ୱରର ଖ୍ୟାତିସମ୍ପନ୍ନ ବିଜେବି କଲେଜରେ ର୍ୟାଗିଂର ଶିକାର ହୋଇ +୩ ପ୍ରଥମ ବର୍ଷର ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା, ଆତ୍ମହତ୍ୟା ନୁହେଁ ପରନ୍ତୁ ସୁଚିନ୍ତିତ ହତ୍ୟାକାଣ୍ଡ। ଏହାର ପ୍ରତିବାଦରେ ତଥା ରାଜ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନରେ ର୍ୟାଗିଂ ବନ୍ଦ ପାଇଁ କଠୋର ଆଇନ୍ ପ୍ରଣୟନ ଦାବିରେ ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍ଏଫ୍) ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ହେବା ପରଠାରୁ କ୍ରମାଗତ ଭାବେ ର୍ୟାଗିଂ ବଢି ବଢି ଆଜି ଓଡ଼ିଶା ଦେଶର ତୃତୀୟ ସର୍ବାଧିକ ର୍ୟାଗିଂ ରାଜ୍ୟରେ ପରିଣତ ହୋଇଛି। ର୍ୟାଗିଂ ନିୟନ୍ତ୍ରଣ ପାଇଁ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ ସମେତ ୭ଟି ରାଜ୍ୟରେ ର୍ୟାଗିଂ ନିରୋଧ କଠୋର ଆଇନ୍ ପ୍ରଣୀତ ହୋଇଥିବା ବେଳେ ଓଡ଼ିଶାରେ ଏଭଳି ଆଇନ୍ ପାଇଁ ବିଭିନ୍ନ ସମୟରେ ଦାବି ଉଠିଥିଲେ ମଧ୍ୟ ସରକାର ଜାଣିଶୁଣି ପ୍ରଭାବଶାଳୀ ପରିବାରର ଅପରାଧପ୍ରବଣ ମାନସିକତାର ହାତଗଣତି ଛାତ୍ରଛାତ୍ରୀଙ୍କ ଅହଙ୍କାରକୁ ପ୍ରୋତ୍ସାହିତ କରିବାକୁ ଯାଇ ଏଭଳି ଆଇନ୍ ପ୍ରଣୟନ ନକରି ନୀରବଦ୍ରଷ୍ଟା ସାଜିଛନ୍ତି। ଏଣୁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ପ୍ରତ୍ୟେକ ହଷ୍ଟେଲରେ ର୍ୟାଗିଂ ବନ୍ଦ ପାଇଁ ସମ୍ପୃକ୍ତ ହଷ୍ଟେଲରେ ଅନ୍ତେବାସୀ ପ୍ରତ୍ୟେକ ବ୍ୟାଚ୍‌ର ନିର୍ବାଚିତ ଛାତ୍ର ପ୍ରତିନିଧି, ୱାର୍ଡ଼େନ, ସୁପରିନଟେଣ୍ଡେଣ୍ଟ ଓ ଅଧ୍ୟକ୍ଷକଙ୍କୁ ନେଇ କମିଟି ଗଠନ ସହ ପ୍ରତି ମାସରେ ସମସ୍ତ ବ୍ୟାଚର ଛାତ୍ରଛାତ୍ରୀଙ୍କୁ ସାମିଲ୍ କରି ସମୀକ୍ଷା କରିବା ସହ ଶିକ୍ଷାବର୍ଷ ଆରମ୍ଭରୁ ଉପର ଓ ତଳ ସବୁ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କୁ ବସାଇ ମନସ୍ତତ୍ତ୍ୱବିତ୍, ଆଇନ୍‌ଜ୍ଞ ଓ ପୋଲିସ୍‌ଙ୍କ ଦ୍ୱାରା ର୍ୟାଗିଂ ଏକ ଦଣ୍ଡନୀୟ ଅପରାଧ ବୋଲି ସମସ୍ତ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା, ମାନବାଧିକାର କମିଶନଙ୍କ ତତ୍ତ୍ୱାବଧାନରେ ପୋଲିସ୍ ଦ୍ୱାରା ୨୪ଘ୍‌୭ ଟୋଲ୍ ଫ୍ରି ର୍ୟାଗିଂ ନିରୋଧ ସେବା ଯୋଗାଇବା ବ୍ୟବସ୍ଥା କରାଯାଉ, ଚଳିତ ବିଧାନସଭା ଅଧିବେଶନ ମଧ୍ୟରେ ର୍ୟାଗିଂ ବନ୍ଦ ପାଇଁ କଠୋର ଆଇନ୍ ପ୍ରଣୟନ କରିବାକୁ ଦାବି କରାଯାଇଛି।

# ମୟୁରଭଂଜରୁ ଜାତୀୟ ଯୁବ ବକ୍ସିଂ ଶିବିରରେ ଯୋଗ ଦେବେ ବିନାୟକ ଦାସ : ଜିଲ୍ଲାପାଳ ଜଣାଇଲେ ଶୁଭେଚ୍ଛା



ବାରିପଦା, ୦୩/୦୭ (ନି.ପ୍ର): ଜାତୀୟ ଯୁବ ବକ୍ସିଂ - ୨୦୨୨ ଶିବିରରେ ଯୋଗ ଦେବାପାଇଁ ଚୟନ ହୋଇଛନ୍ତି ମୟୁରଭଂଜର ବିନାୟକ ଦାସ ଓ ଗତ ମାସ ୨୩ ତାରିଖରେ ପୁରୀଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ଯୁବ ବକ୍ସିଂ ଚୟନ ଶିବିରରେ ଉଚ୍ଚ ମାନର ଖେଳ ପ୍ରଦର୍ଶନ କରି କୃତିତ୍ୱ ଥିଲେ। ପିଲାଦିନରୁ ବକ୍ସିଂ ପ୍ରତି ଆଗ୍ରହ ରଖି ସେ ଅଭ୍ୟାସ ଜାରି ରଖିଥିଲେ। ବିଜୟ କୁମାର ଦାସ ଓ କଲ୍ୟାଣୀ ପ୍ରଧାନଙ୍କ ସୁପୁତ୍ର ବର୍ତ୍ତମାନ ରେଭେନ୍ସା କଲେଜର ଦ୍ୱାଦଶ ଶ୍ରେଣୀର ଛାତ୍ର ଓ ଚଳିତ ମାସ ଚେନ୍ନାଇ ଠାରେ ହେବାକୁ ଥିବା ଜାତୀୟ ଯୁବ ବକ୍ସିଂ ପ୍ରତିଯୋଗିତାରେ ଭିନାୟକ ଦାସ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିବେ ଓ ଏହି ସଫଳତା ପାଇଁ ଚୟନ ପ୍ରକ୍ରିୟା କରିଥିବା ରାଜ୍ୟ ବକ୍ସିଂ ସଭାପତି ଅଧିପ ଦାସ, ସମ୍ପାଦକ ଅନିଲ ବହିଦାରଙ୍କୁ ମୟୂରଭଂଜ ଜିଲ୍ଲା କ୍ରୀଡ଼ା ସଂସଦ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି ଓ ଶ୍ରୀ ଦାସ ତାଙ୍କର ଏହି ସଫଳତା ପାଇଁ ବକ୍ସିଂ କୋଚ ବିଜୟ ଚନ୍ଦ୍ର ଦାସଙ୍କୁ ଶ୍ରେୟ ଦେଇଛନ୍ତି। ଆଜି ଜିଲ୍ଲାପାଳ ବିନୀତ ଭରଦ୍ୱାଜ ତାଙ୍କ କାର୍ଯ୍ୟାଳୟରେ ଭିନାୟକ ଦାସଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆବଶ୍ୟକୀୟ ବକ୍ସିଂ କିଟ ଯୋଗାଇଦେବା ପାଇଁ ପ୍ରତିଶୃତି ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଂଜ ଏଥଲେଟିକ ଆସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅମର କୁମାର ସେଠି, ରବୀନ୍ଦ୍ର ମହାନ୍ତି, ହରପ୍ରସାଦ ପାତ୍ର, ପ୍ରସନ୍ନଜିତ ମହାନ୍ତି, ଅମ୍ବିକା ରାଉତ ଓ ବକ୍ସିଂ କୋଚ ବିଜୟ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ପାଇଁ ଗୌରବ ଆଣିଥିବା ଭିନାୟକ ଦାସଙ୍କୁ କୋଷାଧକ୍ଷ ଅମିତାଭ ଦାସ, ମିଡ଼ିଆ ସଂଯୋଜକ ସୋମନାଥ ସିଂହ ସମେତ ବହୁ କ୍ରୀଡ଼ାବିତ ଅଭିନନ୍ଦନ ଜଣାଇବାସହ ଜାତୀୟ ସ୍ତରରେ ତାଙ୍କର ସଫଳତା କାମନା କରିଛନ୍ତି ।

## ବନକଲାଗି ପାଇଁ ୩ ଘଂଟା ଦର୍ଶନ ବନ୍ଦ

ପୁରୀ, ୦୩/୦୭ (ନି.ପ୍ର): ଆସନ୍ତାକାଲି ସୋମବାର ଶ୍ରୀଗୁଣ୍ଡିଚା ମନ୍ଦିର ରେ ମହାପ୍ରଭୁ ଙ୍କ ବନକଲାଗି ପାଇଁ ୩ ଘଂଟା ଦର୍ଶନ ବନ୍ଦ ରହିବ ବୋଲି ପ୍ରଶାସନ ସୂତ୍ର ରୁ ଜଣାପଡିଛି ଛଆଷାଢ଼ ଶୁକ୍ଳ ପଂଚମୀ ତିଥି ଆଡ଼ପ ମଣ୍ଡପରେ ଶ୍ରୀଜୀଉଙ୍କ 'ବନକଲାଗି' ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ପରେ ଶ୍ରୀଜୀଉଙ୍କ ସର୍ବ ସାଧାରଣ ଦର୍ଶନ ପ୍ରାୟ ୩ ଘଂଟା ପାଇଁ ବନ୍ଦ ରହିବ । ଅପରାହ୍ନ ୫ ଟା ରୁ ରାତି ୮ ଟା ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିବ ଛଏହା ଗୁପ୍ତନୀତି ହୋଇଥିବାରୁ ଦଇତାପତି ସେବକ ଏହି ସେବା ସମାପନ କରିବେ ।

# ୟୁରୋକିଡ୍ସ ପକ୍ଷରୁ ବାରିପଦାରେ କୁନିରଥ



ବାରିପଦା, ୦୩/୦୭ (ନି.ପ୍ର): ରଥଯାତ୍ରା ଅବସରରେ ବାରିପଦା ବାଘଡାରୋଡ ଠାରେ ଥିବା ୟୁରୋକିଡ୍ସ ପ୍ରିସ୍କୁଲ ପକ୍ଷରୁ କୁନିକୁନି ପିଲାଙ୍କୁ ନେଇ କୁନି ରଥଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁନିକୁନି ପିଲାଙ୍କର ବୌଦ୍ଧିକ ବିକାଶ ତଥା ଜଗନ୍ନାଥ ସଂସ୍କୃତି ପ୍ରତି ଆକୃଷ୍ଟ କରିବା ଉଦେଶ୍ୟରେ ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀକାନ୍ତ ରାଉତଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନ କ୍ରମେ ଅନୁଷ୍ଠିତ ଏହି କୁନିରଥ ଯାତ୍ରାରେ ପିଲା ମାନଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ପୂଜାପଣ୍ଡା ଭାବରେ ଶ୍ରୀଅଂଶ ପଣ୍ଡା, ଧ୍ରୁବନାରାୟଣ ପାଣିଗ୍ରାହୀ, ରିୟାଂଶ ପାଣି ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ, ୭୦ରୁ ଉର୍ଦ୍ଧ କୁନିକୁନି ଛାତ୍ରଛାତ୍ରୀ ରଥ ଟାଣିଥିଲେ । ଏହି କୁନିରଥ ଦେଖିବା ପାଇଁ ସ୍ଥାନୀୟ ଅଂଚଳର ଭକ୍ତଙ୍କ ସହ ଅଭିଭାବକ ମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଚିସ୍ମିତା ପଣ୍ଡା, ଅମିତା ପଣ୍ଡା, ବନ୍ଦନା ମାଝି, ଶିଳ୍ପା ରାଉତ, ଜାହ୍ନବୀ ପଲେଇ, ମଂଜୁକ୍ତା ରଣା , ମୀନାକ୍ଷୀ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସ୍ୱର୍ଗତ ସନତ ଦାଶଙ୍କ କବିତା ସଂକଳନ 'ଛାୟାପଥ' ଲୋକାର୍ପିତ

ବାଲେଶ୍ୱର,୦୩/୦୭ (ନି.ପ୍ର): 'କନ୍ୟା ଅନମୋଲ ହେ' ଚ୍ୟାରିଟେବଲ ଟ୍ରଷ୍ଟ ପକ୍ଷରୁ ବାଲେଶ୍ୱର ପୌରପାଳିକାର ଭୂତପୂର୍ବ କାଉନସିଲର ସ୍ୱର୍ଗତଃ ସନତ ଦାଶଙ୍କ କବିତା ସଂକଳନ 'ଛାୟା ପଥ'ଲୋକାର୍ପିତ ହୋଇଯାଇଛି। ସ୍ଥାନୀୟ ଆତିଥ୍ୟ ଭବନରେ ଆୟୋଜିତ ଉତ୍ସବରେ ଫକୀର ମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡକ୍ଟର ଶିରୀଶ ଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତଃ ଦାଶଙ୍କ ଜୀବନାଦର୍ଶ ଓ ତାଙ୍କ କବି ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ରାଜନୀତି ସାଙ୍ଗକୁ ସାରସ୍ୱତ ସାଧନା ଦିଗରେ ତାଙ୍କୁ ବେଶ ସଫଳତା ମିଳିଥିଲା। ତାଙ୍କର ଅନେକ କବିତା ସେତେବେଳେ ଅନେକ ଖବରକାଗଜ ଓ ପତ୍ରିକାରେ ପ୍ରକାଶ ପାଇଥିଲା । ତାଙ୍କ ସୁପୁତ୍ର ସରୋଜ ଦାଶ ଅପ୍ରକାଶିତ ପାଣ୍ଡୁଲିପିକୁ ଏକ କବିତା ସଂକଳନ ଆକାରରେ ପ୍ରକାଶ ପାଠକଙ୍କ ପ୍ରତି ଉତ୍ତମ ବାର୍ତ୍ତା ଦେଉଛି ବୋଲି ଡକ୍ଟର ଜେନା କହିଥିଲେ। କଥାକାର ଗୌତମବୁଦ୍ଧ ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜନୀତିରେ ଥାଇ ବି ଜଣେ ସାରସ୍ୱତ ସାଧନାକୁ ଆଗେଇ ନେବାର କଳା ସ୍ୱର୍ଗତଃ ଦାଶ ବେଶ ଭଲଭାବେ ଜାଣିଥିଲେ ବୋଲି କହିଥିଲେ । କବି ପ୍ରଶାନ୍ତ ଦାସ, ପୌରାଧକ୍ଷା ସବିତା ସାହୁ, ସମାଜସେବୀ ସନ୍ତୋଷ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ରାଜନୀତି, ସାମ୍ବାଦିକତା, ସାରସ୍ୱତ ସମ୍ପାଦନାରେ ସ୍ୱର୍ଗତଃ କବିଙ୍କ ଅବଦାନ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିମାନେ କବିତା ସଂକଳନ ଛାୟାପଥକୁ ଲୋକାର୍ପିତ କରିଥିଲେ। ଲୋକାର୍ପଣ ଉତ୍ସବରେ ସରୋଜ ଦାଶ ଅଧକ୍ଷତା କରିବା ସହିତ ତାଙ୍କ ବାପାଙ୍କ ଜୀବନର ଅନାଲୋଚିତ ବିଷୟ ଉପରେ ଆଲୋଚନା କରିଥିଲେ । ଭୁନେଶ୍ୱରର 'ଟାଇମ ପାସ ' ପ୍ରକାଶନୀ ସଂସ୍ଥାର ମୁଖ୍ୟ ସରୋଜ ବଳ ସ୍ୱର୍ଗତଃ ଦାଶଙ୍କ ସଂକଳନକୁ ସମୀକ୍ଷା କରିଥିଲେ । ଜୟନ୍ତ ଦାଶ ଏଥିରେ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସସ୍ମିତା ଦାଶ, ଶୈଳ ଦାଶ, ରଞ୍ଜନ ବାଗ, ସମାଜସେବୀ ବିକ୍ରମ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସ୍ୱର୍ଗତ ଦାଶଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ।

# କବିତା ପୁସ୍ତକ 'ଏକା ଏକା ବର୍ଷା ମିଶ୍ର' ଉନ୍ମୋଚିତ




ଭୁବନେଶ୍ୱର,୦୩/୦୭ (ନି.ପ୍ର): କବିତା ହେଉଛି ମଣିଷର ସବୁଠୁ ଅନ୍ତରଙ୍ଗ ଅଭିବ୍ୟକ୍ତି ଓ ଏହାର ସୁଦୂର ପ୍ରସାରୀ ପ୍ରଭାବ ରହିଛି । କବି ଅଭିରାମ ଦାସଙ୍କର କବିତା ସଂକଳନ 'ଏକା ଏକା ବର୍ଷା ମିଶ୍ର' ପୁସ୍ତକ ଉନ୍ମୋଚନ ଅବସରରେ ବିଶିଷ୍ଟ ସାହିତ୍ୟିକ ଅତିଥି ମାନେ ଏ ପ୍ରକାର ମତପ୍ରକାଶ କରିଥିଲେ । ରବିବାର ସନ୍ଧ୍ୟାରେ ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପକ୍ଷୀଘର ପ୍ରକାଶନୀ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ କବି ପ୍ରସନ୍ନ ମହାନ୍ତି ସଭାପତିତ୍ୱ କରିଥିଲେ । ଏଥିରେ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷିକେଶ ମଲ୍ଲିକ୍, କବି ଫକୀ ମହାନ୍ତି, ବିଶିଷ୍ଟ କଥାକାର ଅଜୟ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କବି ଅଭିରାମ ଓ କବିତା ସଂକଳନ ସଂପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ କବି ଶ୍ରୀ ଦାସ କବିତା ସଂକଳନ ସଂପର୍କରେ ନିଜର ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପକ୍ଷୀଘର ପ୍ରକାଶନୀର ପ୍ରକାଶକ ବନୋଜ ତ୍ରିପାଠୀ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଦିଲ୍ଲୀପ ବିଶ୍ୱାଳ ।

# ଘର ଛାତ ଉପରୁ ପଡି ବ୍ୟକ୍ତିଙ୍କ ମୃତ୍ୟୁ

ବଲାଙ୍ଗୀର, ୦୩/୦୭ (ନି.ପ୍ର): ନିଜ ଘରର ଖପର ସଜାଡୁ ଥିବା ସମୟରେ ଘର ଛାତ ଉପରୁ ପଡି ଜାନେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ଏପରି ଏକ ଅଭାବନୀୟ ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ ଭାଲୁ ବାହାଲି ଗାଁ ରେ । ସୂଚନାରୁ ପ୍ରକାଶ ଯେ, ଗତକାଲି ସନ୍ଧ୍ୟା ସମୟରେ ଭାଲୁ ବାହାଲି ଗାଁ ର ଗଣ୍ଡା ରାମ ବନ ଗୁଲା ନିଜ ଘର ର ଖପର ସଜାଡୁ ଥିବା ସମୟରେ ଘର ଛପର ଉପରୁ ପଡି ଗୁରୁତର ଆହାତ ହୋଇଥିବା ଜଣାପଡିଛି । ଗୁରୁତର ଅବସ୍ଥାରେ ଗଣ୍ଡାରକ୍ଷମଙ୍କୁ ପ୍ରଥମରେ ବେଲପଡ଼ା ଡାକ୍ତରଖାନାରେ ଓ ପରେ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ରେ ଭର୍ତ୍ତି କରାଯାଇଥିଲା । ଗତକାଲି ରାତି ପ୍ରାୟ ୨ ଟା ସମୟରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗଣ୍ଡାରାମଙ୍କ ମୃତ୍ୟୁ ଘଟିଛି ।

# ୨ୟ ଶ୍ରୀକ୍ଷେତ୍ର ବାରିପଦାରେ ଘୋଷଯାତ୍ରା

ବାରିପଦା, ୦୩/୦୭ (ନି.ପ୍ର): ୨ୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରାର ପରଂପରା ବେଶ ଅଲଗା । ଏଠାରେ ଶ୍ରୀକ୍ଷେତ୍ର ପୁରି ରଥଯାତ୍ରା ଦିନ ମହାପ୍ରଭୁଙ୍କର ରଥକୁ କେବଳ ପହଣ୍ଡି ହୋଇଥାଏ ଏବଂ ପର ଦୁଇଦିନ ରଥ ଟଣା ହୋଇଥାଏ । ପୁରିରେ ଶ୍ରୀବିଗ୍ରହ ମାନେ ଧାଡିପହଣ୍ଡିରେ ରଥରେ ବିଜେ ହେଉଥିବା ବେଳେ, ୨ୟ ଶ୍ରୀକ୍ଷେତ୍ରରେ ଶ୍ରୀବିଗ୍ରହ ମାନେ ଗୋଟି ପହଣ୍ଡିରେ ରଥରେ ବିଜେ ହୁଅନ୍ତି । ତେବେ ଆଜି ବାରିପଦାରେ ପ୍ରଥମ ଦିନର ଘୋଷଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ବିଧିମୁତାବକ ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ଭକ୍ତମାନେ ଟାଣି ନେଇ ମାଉସୀବାଡି ନିକଟରେ ପହଂଚାଇବା ପରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥକୁ କେବଳ ମହିଳା ଭକ୍ତ ମାନେ ଟାଣିନେଇ ଅଧାବାଟରେ ଅର୍ଥାତ ବାରିପଦା ଟାଉନ ଥାନା ସମ୍ମୁଖରେ ପହଂଚାଇଛନ୍ତି । ତେବେ ଆଜି ସମ୍ପୂର୍ଣ ବଡଦାଣ୍ଡ ରଥମୟ ଦେବମୟ ତଥା ଲୋକାରଣ୍ୟ ପାଲଟିଥିବା ବେଳେ, ଆଜି ଦ୍ୱିତୀୟ ଶ୍ରୀକ୍ଷେତ୍ର



ରଥ ଟାଣାରେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ଆଇଜି ହିମାଂଶୁ ଲାଲ, ମୟୁରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ମୟୁରଭଂଜ ଏସପି ରିଷିକେଶ ଦ୍ୟାନଦେଓ ଖିଲାରୀ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ସରୋଜିନି ହେମ୍ବ୍ରମ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମରାଣ୍ଡି, ପୂର୍ବତନ ଏସଡିସି ଅଧକ୍ଷ ଡା. ଦେବାଶିଷ ମାରାଣ୍ଡି, ଚଳଚିତ୍ର ଅଭିନେତା ସ୍ୱରାଜ ବାରିକ ପ୍ରମୁଖଙ୍କ ସହ ବହୁ ରାଜ ନେତା, ସରକାରୀ ଅଧିକାରୀ, କଳାକାର ଏବଂ । ରଥଟଣା ପରେ ଆଜି ରାତିରେ ଶ୍ରୀ ବିଗ୍ରହ ମାନେ ଯେଯାର ରଥରେ ପୂଜା ପାଉଛନ୍ତି । ହଜାର ହଜାର ଭକ୍ତ ରଥ ଉପରେ ମହାପ୍ରଭୁଙ୍କୁ ପୂଜାକରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ତେବେ ୨ୟ ଶ୍ରୀକ୍ଷେତ୍ର ବାରିପଦାରେ ମା ସୁଭଦ୍ରାଙ୍କ ଦେବଦଳନ ରଥକୁ କେବଳ ମହିଳା ମାନେ ଟାଣିବାର ବିଧି ରହିଥିବାରୁ ଏବଂ ବିଗତ ୨ବର୍ଷ ଧରି ରଥଯାତ୍ରା ପାଳନ ହୋଇ ନଥିବାରୁ ଚଳିତ ବର୍ଷ ରଥଯାତ୍ରାରେ ବ୍ୟାପକ ଭୀଡ ପରିଲକ୍ଷିତ ହୋଇଥିଲା । ଆଜି ପାଗ ଶୁଖିଲା ଥିବାରୁ ଏବଂ ପ୍ରବଳ ଗୁଳୁଗୁଳି ହେଉଥିବାରୁ ରଥଟଣା ଭିଡରେ କିଛି ଲୋକ ମୂର୍ଚ୍ଛିତ ହୋଇ ପଡିଥିବାର ଦେଖାଯାଇଥିଲା । ସେମାନଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ହସପିଟାଲକୁ ନିଆଯାଇଥିଲା । ଅନ୍ୟପଟେ ଗୁଳୁଗୁଳିରୁ ତ୍ରାହି ପାଇଁ ପ୍ରଶାସନ ତରଫରୁ କୃତିମ ବର୍ଷାର ବ୍ୟବସ୍ଥା କରାଯାଇଥିଲା । ବଡଦାଣ୍ଡରେ ଭକ୍ତମାନେ ରଥ ଉପରେ ଠାକୁରଙ୍କୁ ଦର୍ଶନ ପାଇଁ ବ୍ୟାକୁଳ ହୋଇ ଉଠିଥିଲେ । ବାରିପଦା ରଥଯାତ୍ରାର ଅନ୍ୟଏକ ବିଶେଷତ୍ୱ ହେଉଛି ଏଠାକାର ବଡ ଦାଣ୍ଡରେ ରଥ ଟଣା ବେଳେ, ଆଦିବାସୀ ସଂସ୍କୃତି ଓ ଆର୍ଯ୍ୟ ସଂସ୍କୃତିର ଏକ ଅପୂର୍ବ ମିଳନ ଘଟିଥାଏ । ବଡ ଦାଣ୍ଡରେ ଖୋଳକୀର୍ତନ, ଓଡିଶୀ, ପାଇକ ନାଚ ଆଦି ସହ ଆଦିବାସୀ ସଂସ୍କୃତିର ଝଲକ ମାନ ଦେଖିବାକୁ ମିଳିଥାଏ । ତେବେ ରବିବାର ଦିନ ତିନିଦିଅଁ ମାଉସୀ ଘରେ ପହଂଚିବା ପରେ ଜନ୍ମବେଦୀକୁ ବିଜେ କରିବେ ବୋଲି ଜଣାଯାଇଛି । ମାଉସୀ ଘରେ ରହିବା ଭିତରେ ବିଭିନ୍ନ ବେଶରେ ମହାପ୍ରଭୁ ଭକ୍ତମାନଙ୍କୁ ଦର୍ଶନ ଦେବାର ବିଧି ରହିଥିବା ବେଳେ, ବେଶ ଦେଖିବା ପାଇଁ ମଧ ବ୍ୟାପକ ଗହଳି ଲାଗିଥାଏ । ତେବେ ଶୃଙ୍ଖଳିତ ରଥଯାତ୍ରା ଓ ଟ୍ରାଫିକ ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାର ଦେଖା ଯାଇଛି ।

# 'ମହାବାହୁ'ର ଅଷ୍ଟମ ସଂସ୍କରଣ ସମୀକ୍ଷା ଓ ଆଲୋଚନା ଚକ୍ର ଅନୁଷ୍ଠିତ



ଉଦଳା, ୦୩/୦୭ (ନି.ପ୍ର): ଭକ୍ତିଜ୍ଞାନ ସଂଚାର ସେବା ସମିତି, ଉଦଳା ଆନୁକୁଲ୍ୟରେ ପ୍ରତିବର୍ଷ ପରି ଚଳିତ ଜୁଲାଇ ୩ ତାରିଖ ରବିବାର ଦିନ ସ୍ଥାନୀୟ ଓକିଲ ସଂଘ ବୈଠକ ଗୃହ ପରିସରରେ ଶ୍ରୀ ଜଗନ୍ନାଥ ଚେତନା ଆଧାରିତ ଆଧାତ୍ମିକ ପତ୍ରୀକା 'ମହାବାହୁ'ର ଅଷ୍ଟମ ସଂସ୍କରଣର ସମୀକ୍ଷା ସହିତ ଏକ ଆଲୋଚନା ଚକ୍ରର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଭକ୍ତିଜ୍ଞାନ ସଂଚାର ସେବା ସମିତିର ପ୍ରତିଷ୍ଠାତା ଲକ୍ଷ୍ମୀଧର ପୁଥାଳ କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଇଥିଲେ । ଅବସରପ୍ରାପ୍ତ ମହାବବିଦ୍ୟାଳୟର ଅଧକ୍ଷ ଡ଼କ୍ଟର ଦିଲ୍ଲିପ କୁମାର ଦୀକ୍ଷିତ ଆଲୋଚନା ଚକ୍ରରେ ଅଧକ୍ଷତା କରିଥିବା ବେଳେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧରେ ପୂର୍ବତନ ମନ୍ତ୍ରୀ ବୀରଭଦ୍ର ସିଂ, ସ୍ଥାନୀୟ ବିଧାୟକ ଭାସ୍କରଚନ୍ଦ୍ର ମଢ଼େଇ, ଭଦ୍ରକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯଥାକ୍ରମେ ମୁଖ୍ୟ ଅତିଥି , ସମ୍ମାନିତ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ବିସ୍ମୟ ଦେବତା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଐତିହ୍ୟ ପୂର୍ଣ୍ଣ ରଥଯାତ୍ରା କିପରି ସମଗ୍ର ବିଶ୍ୱବାସୀଙ୍କୁ ଆକଅଷ୍ଟ କରିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ଓ ଅବସରପ୍ରାପ୍ତ ଅଧାପକ କରୁଣାକର ମହାପାତ୍ର ଭକ୍ତିଜ୍ଞାନ ସଂଚାର ସେବା ସମିତି ତରଫରୁ ପ୍ରତିବର୍ଷ ଆୟୋଜନ କରାଯାଉଥିବା ଆଧାତ୍ମିକ ଆସର ଓ 'ମହାବାହୁ' ପତ୍ରୀକାର ପ୍ରକାଶନକୁ ଭୂୟସୀ ପ୍ରଶଂସା କରିବା ସହିତ ଏହାର ଦିର୍ଘ ଜୀବନ କାମନା କରିଥିଲେ । ଏହାପରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିକାନ୍ତ ମହାପାତ୍ର 'ମହାବାହୁ' ପତ୍ରୀକାର ସମୀକ୍ଷା କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ଅଧାପକ ଦିଲ୍ଲୀପ କୁମାର ପ୍ରମାଣିକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଲଳିତ କୁମାର ବେହେରା କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

# ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ



ଉଦଳା, ୦୩/୦୭ (ନି.ପ୍ର): ଉଚ୍ଚ ମାଧମିକ ଶିକ୍ଷା ପରିଷଦର ନିର୍ଦ୍ଦେଶରେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ଚଳିତ ଜୁଲାଇ ୧ ତାରିଖ ଶୁକ୍ରବାର ଦିନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ଚୌଧୁରୀ ପତାକା ଉତ୍ତୋଳନ ପୂର୍ବକ ସେବା ଶିବିରକୁ ଉଦ୍‌ଘାଟନ କରି ସେବା ମାଧମରେ ଗଢ଼ି ଉଠିଥିବା ସମ୍ପର୍କକୁ କେବେ ଭୁଲି ହୁଏ ନାହିଁ ବୋଲି ବ୍ୟକ୍ତ କରିଥିଲେ । +୨ ପ୍ରଗ୍ରାମ ଅଫିସର ଅଧାପକ ରାଜକିଶୋର ବେହେରା ଉଦ୍‌ଘାଟନ ଉତ୍ସବରେ ଅଧକ୍ଷତା କରି ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବ ଏବଂ ଏହାର ଦୈନନ୍ଦିର ରୂପରେଖ କିପରି ରହିବ ସୂଚନା ପ୍ରଦାନ କରିଥିଲେ । +୩ର ପ୍ରଗ୍ରାମ ଅଫିସର ଅଧାପକ ରବିନାରାୟଣ ମହାପାତ୍ର, ଜଗନ୍ନାଥୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅସିମା ପଣ୍ଡା, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଓ ଗ୍ରନ୍ଥାଗାରିକ ବିଶ୍ୱମ୍ଭର ଜେନା ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇ ଦେଶକୁ ସମୃଦ୍ଧ କରିବା ପାଇଁ ସେବା ହିଁ ପ୍ରକୃଷ୍ଟ ମାଧମ ବୋଲି କହିଥିଲେ । ମହାବିଦ୍ୟାଳୟର କର୍ମଚାରୀ କ୍ଷିରୋଦ ରଂଜନ ମହାନ୍ତି ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

# କୃଷି ବଜେଟ କୃଷି ଓ କୃଷକଙ୍କ ବିକାଶରେ ଆସୁନାହିଁ : ନବନିର୍ମାଣ କୃଷକ ସଂଗଠନ

ଭୁବନେଶ୍ୱର,୦୩/୦୭ (ନି.ପ୍ର): ରାଜ୍ୟ ସରକାର ଚଳିତବର୍ଷ କୃଷି ବଜେଟର ପରିମାଣ ବୃଦ୍ଧି କରିଛନ୍ତି। କିନ୍ତୁ ଏହି ପରିମାଣ ବୃଦ୍ଧି ମଧରେ ଜଳସେଚନ ବଜେଟକୁ ମିଶାଇ କେବଳ ଚାଷ ପାଇଁ ଅଧିକ ଅର୍ଥ ଦିଆଯାଇଛି ବୋଲି ସରକାର ମିଛ ପ୍ରଚାର କରୁଛନ୍ତି। କୃଷି କ୍ଷେତ୍ର ଲାଭଦାୟକ ନିଯୁକ୍ତିର ଉତ୍ସ ପାଲଟିଛି ବୋଲି ନା ମୁଖ୍ୟମନ୍ତ୍ରୀ ନା କୃଷିମନ୍ତ୍ରୀ କେହି ଛାତିରେ ହାତ ଦେଇ କହିପାରିବେ କି ? ପଡ଼ୋଶୀ ଛତିଶଗଡ଼ ରାଜ୍ୟ ଧାନ ଉପରେ ଶହ ଶହ କୋଟି ଟଙ୍କାର ବୋନସ ଦେଇ ଆସୁଥିଲା ବେଳେ ଆମ ସରକାର ମୁଖ୍ୟ ଫସଲ ଧାନ ଉପରେ ୧୦୦ ଟଙ୍କା ମଧ ବୋନସ ଦେବାକୁ ଇଚ୍ଛାପ୍ରକାଶ କରିନାହାଁନ୍ତି ବୋଲି ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ପ୍ରକାଶ କରିଛନ୍ତି। କାଳିଆ ବଜେଟକୁ ୧୦ ହଜାରରୁ ୬ ହଜାର ଟଙ୍କାକୁ କାହିଁକି ସଙ୍କୁଚିତ କଲେ ବୋଲି ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ପ୍ରଶ୍ନ ଉଠାଇଛନ୍ତି। ଶ୍ରୀ ନନ୍ଦ କହିଛନ୍ତି ଯେ, ମଣ୍ଡି, ଶୀତଳ ଭଣ୍ଡାର, ଜଳସେଚନ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କେଉଁଥି ପାଇଁ ସରକାରଙ୍କ ଆଗ୍ରହ ନାହିଁ। ଚାଷୀ ଆତ୍ମହତ୍ୟାର ସ୍ଥାୟୀ ସମାଧାନ, ଚାଷୀ ପେନସନ ପାଇଁ ବର୍ଷ ବର୍ଷ ଧରି ଲଢେଇ ଚାଲିଥିଲେ ବି ଏ ନେଇ ସରକାର ବଜେଟରେ ବ୍ୟବସ୍ଥା କରିନାହାଁନ୍ତି। ନାଁ ଚାଷୀଙ୍କର ଗାଁ ସରକାରୀ କର୍ମଚାରୀ ଓ କର୍ପୋରେଟଙ୍କର ବୋଲି ଶ୍ରୀ ନନ୍ଦ ଅଭିଯୋଗ କରିଛନ୍ତି। ବର୍ଷ ବର୍ଷ ଧରି ପ୍ରଚାରଭିତ୍ତିକ ବଜେଟ ଚାଷୀଙ୍କୁ ଗରୀବ ଓ ଦାଦନରେ ପରିଣତ କରିଛନ୍ତି। ଗୋଟିଏ ଶୁଖିଲା ନଇ ସରକାର ଖୋଳି ସେଥିରେ ମଧୁର ମାଛ ଚାଷ କରିବା ପାଇଁ ଉଦ୍ୟମ କରିନାହାଁନ୍ତି। ସେହିଭଳି କୁକୁଡ଼ା ଚାଷୀମାନେ କମ୍ପାନୀ ଦ୍ୱାରା ଶୋଷିତ ହୋଇ ଚାଷରୁ ମୁହଁ ଫେରାଉଥିଲା ବେଳେ ସେମାନଙ୍କ ପାଇଁ କିଛି ପ୍ରୋତ୍ସାହନ ନାହିଁ। ଦୁଗ୍ଧ ଚାଷୀଙ୍କ ଲିଟର ପିଛା ୫ ଟଙ୍କା ବୃଦ୍ଧି ପାଇଁ ମଧ ଚିନ୍ତା କରାଯାଉନାହିଁ। ତେଣୁ କୃଷି ବଜେଟ ଚାଷୀଙ୍କ ଆୟ ବଢାଇବା ପ୍ରଚାର ତୁଚ୍ଛା ଡ଼ାହା ମିଛ ବୋଲି ଶ୍ରୀ ନନ୍ଦ ଅଭିଯୋଗ କରିଛନ୍ତି।

# ପୋଖରୀରେ ବୁଡି ମହିଳା ମୃତ

ବସ୍ତା, ୦୩/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଛଟିନା ଗ୍ରାମରେ ପୋଖରୀ ରେ ପଡ଼ି ଜଣେ ମହିଳା ମୃତ୍ୟୁବରଣ କରିଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ରବିବାର ସକାଳୁ ପୋଖରୀ କୁ ଗାଧୋଇବା ପାଇଁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ପାଣି ରେ ପଡ଼ିଯାଇଥିଲି । କିଛି ସମୟ ପରେ ଭାସିଥିବା ଲୋକେ ଦେଖିବାକୁ ପାଇ ବସ୍ତା ହସ୍ପିଟାଲ ନେଇଥିଲେ ବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲେ । ମୃତ ମହିଳା ହେଲା ଏହି ଗ୍ରାମର ବିଶ୍ୱମ୍ଭର ସାସମଲ ଙ୍କ ସ୍ତ୍ରୀ ଗିତାଞ୍ଜଳି ସାସମଲ (୩୨ବର୍ଷ) । ଖବର ପାଇ ବସ୍ତା ପୁଲିସ ଶବ ଜବତ କରି କେଶ ନଂ ୨୬/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି।

# ୨୪ ଘଂଟାରେ ୩୪୬ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୩/୦୭ (ନି.ପ୍ର): ରାଜ୍ୟରେ ୩୦୦ ପାର୍ କରିଛି କରୋନା ସଂକ୍ରମଣ। ଗତକାଲି ୨୩୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଂଟା ମଧରେ ୩୪୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୦୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୪୪ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧରେ ୪୯ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୮୯ ଜଣ ଚିହ୍ନଟ ହୋଇଛନ୍ତି। ଆଜି ରାଜ୍ୟର ୧୮ଟି ଜିଲ୍ଲାରୁ ୩୪୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୧୨ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଂଟା ମଧରେ ବାଲେଶ୍ୱର ଜିଲ୍ଲାରୁ ୭ ଜଣ, ଭଦ୍ରକରୁ ୪ ଜଣ, କଟକରୁ ୫୧ ଜଣ, ଢେଙ୍କାନାଳରୁ ୧, ଗଞ୍ଜାମ ଜିଲ୍ଲାରୁ ୧ ଜଣ, ଜଗତସିଂହପୁରରୁ ୭ ଜଣ, ଯାଜପୁରରୁ ୪ ଜଣ, ଝାରସୁଗୁଡ଼ାରୁ ୨ ଜଣ, କଳାହାଣ୍ଡିରୁ ୧ ଜଣ, କେନ୍ଦୁଝର ଜିଲ୍ଲାରୁ ୧ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୧୮୯, ମୟୂରଭଞ୍ଜରୁ ୨ ଜଣ, ନୟାଗଡ଼ ଜିଲ୍ଲାରୁ ୧ ଜଣ, ନୂଆପଡ଼ାରୁ ୭ ଜଣ, ପୁରୀରୁ ୪ ଜଣ, ରାୟଗଡ଼ାରୁ ୫ ଜଣ, ସମ୍ବଲପୁରରୁ ୫ ଜଣ, ସୁନ୍ଦରଗଡ଼ରୁ ୧୩ ଜଣ ଓ ଷ୍ଟେଟପୁଲରୁ ୪୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୯୦, ୫୩୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨,୮୦, ୦୪୯ ଜଣ ସୁସ୍ଥ ହୋଇଛନ୍ତି।



କବି ନିରାକାର ଦାସଙ୍କୁ ଗତକାଲି ସଂଧ୍ୟାରେ ରବିନ୍ଦ୍ର ମଣ୍ଡପ ଠାରେ କାଦମ୍ବିନୀର ଓ କୁନିକଥାର ୨୩ ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ 'କାଦମ୍ବିନୀ କବିତା ସମ୍ମାନ-୨୦୨୧' ପ୍ରଦାନ କରୁଛନ୍ତି ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ । ନିକଟରେ ଅଛନ୍ତି ଲୋକ ସେବକ ମଣ୍ଡଳ ଓଡିଶାର ଅଧକ୍ଷ ତଥା ସତ୍ୟବାଦୀର ସଂପାଦକ ନିରଞ୍ଜନ ରଥ, ପ୍ରଖ୍ୟାତ ସଂଗୀତ ନିର୍ଦ୍ଦେଶକ ପ୍ରଣବ ପଟ୍ଟନାୟକ, ସାଂସଦ ଅଚ୍ୟୁତ ସାମନ୍ତ ଓ କିସ୍ ମହାବିଦ୍ୟାଳୟର କୁଳାଧିପତି ସତ୍ୟ ଏସ.ପଟ୍ଟନାୟକ ।

# ସୁରକ୍ଷା ଭେଦ କରି ମମତାଙ୍କ ବାସଭବନରେ ପଶିଲେ ଯୁବକ

କୋଲକାତା, ୦୩/୦୭ (ନି.ପ୍ର): ସୁରକ୍ଷା କର୍ମୀଙ୍କୁ ଚକମା ଦେଇ ଜଣେ ଯୁବକ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ପଶିଯାଇଛନ୍ତି। ପୁରା ରାତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଘରେ ଲୁଚି ରହିବା ପରେ ସକାଳେ ବ୍ୟକ୍ତି ଜଣକ ଧରାପଡ଼ିଛନ୍ତି। ହେଲେ ଏତେ ବଡ଼ ସୁରକ୍ଷା ବଳୟକୁ ଭେଦ କରି ମୁଖ୍ୟମନ୍ତ୍ରୀଙ୍କ ଘରକୁ କେହି ପଶିଯିବା ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦକ୍ଷିଣ କୋଲକାତାର କାଳିଘାଟ ଏରିଆରେ ମମତା ବାନାର୍ଜୀଙ୍କ ବାସଭବନ। ବ୍ୟକ୍ତି ଜଣକ ପାଚେରି ଡେଇଁ ୩୪ବି ହରିଶ ଚାଟାର୍ଜୀ ଷ୍ଟ୍ରିଟ୍ ରେ ଥିବା ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ପଶିଯାଇଥିଲେ। ରାତିପ୍ରାୟ ଗୋଟାଏ ବେଳେ ବ୍ୟକ୍ତି ଜଣକ ପ୍ରବେଶ କରିଥିବା ଜଣାପଡ଼ିଛି । ସେ ମମତାଙ୍କ ବାସଭବନରେ ଏକ କୋଣରେ ରାତି ସାରା ରହିଥିଲେ। ସକାଳେ ସେ ସୁରକ୍ଷା କର୍ମୀଙ୍କ ନଜରରେ ପଡ଼ିଥିଲେ । ସୁରକ୍ଷା କର୍ମୀମାନେ ଏ ସମ୍ପର୍କରେ କାଳିଘାଟ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ବ୍ୟକ୍ତି ଜଣକ କଣ ପାଇଁ ଏବଂ କେଉଁ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ପ୍ରବେଶ କରିଥିଲେ ତାହା ଜଣାପଡ଼ି ନଥିବା ପୁଲିସ କହିଛି। କାରଣ ଜେରା ବେଳେ ସେ କୌଣସି ସ୍ପଷ୍ଟ ଉତ୍ତର ଦେଇ ପାରିନାହାନ୍ତି।

# ରାଜଧାନୀରେ ୧୭୦ କୋଭିଡ୍ ପଜିଟିଭ୍

ଭୁବନେଶ୍ୱର,୦୩/୦୭ (ନି.ପ୍ର): ରାଜଧାନୀରେ ସେଂଚୁରୀ ପାର୍ କରିଛି କୋଭିଡ୍ ସଂକ୍ରମଣ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ରବିବାର ମୋଟ ୧୭୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୭୬ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୫୭ ହଜାର ୫୭୪ ଲୋକ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୫୫ ହଜାର ୯୪୩ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୩ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୪୧୭ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି।

# ଜିଲ୍ଲାର ସମସ୍ତ ଲୋକଙ୍କ ସ୍ୱାସ୍ଥ୍ୟଗତ ତଥ୍ୟ ଡାଟା ବେସ୍ ପ୍ରସ୍ତୁତ ହେବ : ଜିଲ୍ଲାପାଳ

ଗଞ୍ଜାମ, ୦୩/୦୭ (ନି.ପ୍ର): ଗଞ୍ଜାମ ଜିଲ୍ଲାର ସମସ୍ତ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରିବାରର ପ୍ରତିଟି ସଦସ୍ୟଙ୍କ ସ୍ୱାସ୍ଥ୍ୟଗତ ତଥ୍ୟ ସଂଗ୍ରହ କରାଯାଇ ଡିଜିଟାସ୍ ଡାଟାବେସ୍ ପ୍ରସ୍ତୁତ ହେବ । ଉକ୍ତ ଡାଟାବେସ୍ ତଥ୍ୟକୁ ଆଧାର କରି ଚିକିତ୍ସା ପଦ୍ଧତିର ମାର୍ଗ ନିରୂପଣ ହେବ । ଏହାରି ଫଳରେ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଡାକ୍ତର ନିଯୁକ୍ତ, ରୋଗ ନିରୂପଣ ପରୀକ୍ଷା, ଔଷଧ ବିତରଣ ଇତ୍ୟାଦି କ୍ଷେତ୍ରରେ ସୁଧାର ଆଣିବା ଦିଗରେ ସ୍ୱାସ୍ଥ୍ୟ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ନେଇ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଜଣାଇଛନ୍ତି । ଶନିବାର ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ପରିଡା ଅବଗତ କରାଇଛନ୍ତି ଯେ, ଜିଲ୍ଲାର ଗୋଟିଏ ଗୋଟିଏ ଅଂଚଳ ଗୁଡିକରେ କେଉଁ ରୋଗୀ କେତେ ପରିମାଣରେ ଅଛନ୍ତି ସେହି ତଥ୍ୟ ମଧ ଏକମାସ ମଧରେ ଆଦାୟ କରିବାକୁ ହେବ । ସେହି ତଥ୍ୟକୁ ଆଧାର କରି ଡାକ୍ତରଗଣ ନିୟୋଜିତ ହେବେ ଏବଂ ରୋଗୀଙ୍କ ଚିକିତ୍ସାଗତ ସମସ୍ୟାର ସମାଧାନ ହୋଇପାରିବ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗ ନିରୂପଣ ନିମନ୍ତେ ବ୍ୟବହୃତ ହେଉଥିବା ଯନ୍ତ୍ର ଗୁଡିକ ଆଧୁନିକୀକରଣ କରାଯିବ ଏବଂ ପ୍ରତିଟି ରୋଗୀଙ୍କ ରୋଗ ନିରୂପଣ ଯେପରି ସଠିକ୍ ହେବ ସେଥି ନିମନ୍ତେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ଅବଗତ କରାଇଥିଲେ । କୋଭିଡ୍, ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, ଯକ୍ଷ୍ମା, କୃଷ୍ଠରୋଗ ଏବଂ ଫାଇଲେରିଆ ଆଦି ସଂକ୍ରାମକ ରୋଗର ଲକ୍ଷଣ ଥିବା ବ୍ୟକ୍ତି ସହଜରେ ଚିହ୍ନଟ ନ ହୋଇପାରି ବିନା ଚିକିତ୍ସାରେ ରହିଯାଆନ୍ତି । ଏହା ଫଳରେ ସେମାନଙ୍କ ଜୀବନ ପ୍ରତି ବିପଦ ଦେଖାଦିଏ । ସେମାନଙ୍କୁ ଖୋଜି ବାହାର କରି ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଉଭୟ ଗ୍ରାମାଚଂଳ ଓ ସହରାଚଂଳରେ ସମନ୍ୱୀତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ଚାଲୁ ଅଛି । ସକ୍ରିୟ ସର୍ବେକ୍ଷଣରେ ଆଶାଦିଦିଙ୍କୁ ସହଯୋଗ କରିବା ନିମନ୍ତେ ଜିଲ୍ଲାପାଳ ଜନ ସାଧାରଣଙ୍କୁ ଅନୁରୋଧ କରିଛନ୍ତି । ଏହି ସଂକ୍ରାମକ ରୋଗର ସଅଳ ଚିହ୍ନଟ ହୋଇପାରିଲେ ଏହାର ଆଶୁ ଚିକିତ୍ସାର ସୁଫଳ ମିଳିବ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆଶା ପ୍ରକଟ କରିଛି । ରୋଗ ନିରୂପଣ କ୍ଷେତ୍ରରେ ଅବହେଳା ନକରି ଠିକ୍ ରୂପେ ଯାଂଚ୍ କରନ୍ତୁ ଏବଂ ସଠିକ୍ ରିପୋର୍ଟ ଆସିଲେ ରୋଗୀଙ୍କ ଚିକିତ୍ସା ପ୍ରଦାନର ଆଶୁ ସମାଧାନ ହୋଇପାରିବ । ଆବଶ୍ୟକ ସ୍ଥଳେ ରୋଗ ନିରୂପଣ ସକାଶେ ବ୍ୟବହୃତ ହେଉଥିବା ନୂତନ ଯନ୍ତ୍ରପାତି କିଣାଯାଇ ଲୋକଙ୍କ ସେବାରେ ବିନିଯୋଗ କରାଯିବ । ଗ୍ରାମାଚଂଳରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କ ସକାଶେ ସେମାନଙ୍କ ଗ୍ରାମପଚାଂୟତ ସ୍ତରରେ ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ କରାଯାଇ ଟୀକାକରଣ କରାଯିବ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଗଣ ସେମାନଙ୍କ ଅଂଚଳରେ ଥିବା ଚିକିତ୍ସାଳୟ ଗୁଡିକୁ ପରିଦର୍ଶନ କରି ଚିକିତ୍ସା ସୁବିଧାର ସମସ୍ତ ଦିଗପ୍ରତି ଧାନ ଦେବେ । ଜିଲ୍ଲାର ଜନସାଧାରଣଙ୍କ ସ୍ୱାସ୍ଥ୍ୟର ସୁଧାର ଆଣିବା ନେଇ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଉମାଶଙ୍କର ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଜଗଦୀଶ ରାଓ ପଟ୍ଟନାୟକ, ପରିବାର କଲ୍ୟାଣ ନିୟୋଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଭି. ସରୋଜିନୀ ଦେବୀ, ଜାତୀୟ ସ୍ୱସ୍ଥ୍ୟ ମିଶନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ୟାମ ସୁନ୍ଦର ତ୍ରିପାଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଭେକ୍ଟର ବାହିତ ରୋଗ ପରାମର୍ଶଦାତା ରଜତ୍ କୁମାର କାର୍ଯୀ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo